

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-



ବାଲେଶ୍ୱର ■ ରବିବାର, ୨୭ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 27 MARCH 2022
Vol.No. 33 ■ No. 81 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022


# ପୌର ଫଇସଲା : ବିଜେଡିର ବାଜିମାତ୍

ଭୁବନେଶ୍ୱର, ୨୬/୦୩ (ନି.ପ୍ର): ଆସିଛି ପୌର ଫଳାଫଳ । ପୁଣିଥରେ ବିଜେଡି କରିଛି ବାଜିମାତ । ୧୦୫ ପୌର ଅଧକ୍ଷ ଆସନର ଗଣତି ହୋଇଥିବା ବେଳେ ୭୩ଟି ଆସନରେ ବିଜେଡି ବିଜୟୀ ହୋଇଥିବା ବେଳେ, ୧୬ଟି ଆସନରେ ବିଜେପି, ୭ଟି ଆସନରେ କଂଗ୍ରେସ ଓ ୯ଟି ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ତେବେ ଧାମନଗର ଆସନରେ ଭୋଟ ଗଣତି ହୋଇନଥିବା ବେଳେ ବ୍ରହ୍ମପୁର ମେୟର ପଦ ଅକ୍ତିଆର କରିଛି ବିଜେଡି । କଟକ ଓ ଭୁବନେଶ୍ୱର ମେୟର ପାଇଁ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ତେବେ କେଉଁ ଆସନରେ କିଏ ଜିତିଛି ତାହା ଉପରେ ଥରେ ନଜର ପକାନ୍ତୁ । ଅନୁଗୁଳ ପୌରପାଳିକା : ବିଜେଡି (ଅକ୍ଷୟ ସାମନ୍ତ), ତାଳଚେର ପୌରପାଳିକା : ବିଜେଡି (ପବିତ୍ର ଭୁତିଆ), ଆଠମଲ୍ଲିକ ଏନଏସି : ବିଜେଡି (ଆଶା କୁମାରୀ ସାହୁ) ।



ବଲାଙ୍ଗୀର ପୌରପାଳିକା : ବିଜେଡି (ଲିକା ସାହୁ), ଟିଟିଲାଗଡ ପୌରପାଳିକା : ବିଜେପି ( ମମତା ଦେବୀ ଜୈନ), କଣ୍ଟାବାଞ୍ଜି ଏନଏସି : କଂଗ୍ରେସ ( ବରିୟାମ ସିଂ ସାଲୁଜା), ପାଟଣାଗଡ ଏନଏସି : ବିଜେଡି ( ମାନସୀ ବିଶ୍ୱାଲ), ତୁଷୁରା ଏନଏସି : ବିଜେଡି (ଅଜୟ ଜୟସ୍ୱାଲ) । ବାଲେଶ୍ୱର ପୌରପାଳିକା : ବିଜେଡି (ସବିତା ସାହୁ), ଜଳେଶ୍ୱର ପୌରପାଳିକା : ବିଜେଡି ( ପ୍ରତିପ କୁମାର ପ୍ରଧାନ), ସୋର ଏନଏସି : ବିଜେପି (ମାଧବ ଧଡା), ନୀଳଗିରି ଏନଏସି : ବିଜେଡି (ଅମ୍ବିକା ଦାସ), ରେମୁଣା ଏନଏସି : ବିଜେଡି (ତନୁଜା ଗିରି) । ବରଗଡ ପୌରପାଳିକା : ବିଜେଡି ( କଳ୍ପନା ମାଝୀ), ପଦ୍ମପୁର ଏନଏସି : ବିଜେଡି (ସାବିତ୍ରୀ ବାଗ), ବରପାଲି ଏନଏସି : ସ୍ୱାଧୀନ ପ୍ରାର୍ଥୀ (ଦୀନେଶ ଗହିର), ବିଜେପୁର ଏନଏସି : ବିଜେଡି (ସୀତା ବାରିକ) । ପୌରପାଳିକା : ସ୍ୱାଧୀନ (ଗୁଲମୁକି ଦଲାଓ୍ୱାଜି), ବାସୁଦେବପୁର ପୌରପାଳିକା : ବିଜେଡି ( ନିବେଦିତା ବେହେରା), ଚାନ୍ଦବାଲି ଏନଏସି : ବିଜେଡି (ଶାନ୍ତି ସେଠୀ), ଧାମନଗର ଏନଏସି । ବୌଦ୍ଧଗଡ ଏନଏସି : ବିଜେଡି (ମୃତ୍ୟୁଞ୍ଜୟ ମିଶ୍ର) । ଆଠଗଡ ଏନଏସି : ବିଜେଡି (ସସ୍ମିତା ରାଉତ), ବାଙ୍କୀ ଏନଏସି : ବିଜେଡି (ମାଣିକ ସାହୁ), ଚୌଦ୍ୱାର ପୌରପାଳିକା : ବିଜେଡି (ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ) । ଦେବଗଡ ପୌରପରିଷଦ : ବିଜେଡି (ଶାନ୍ତିମଞ୍ଜରୀ ଦେଇ) । ଭୁବନ ଏନଏସି : ବିଜେଡି (ଶୁଭେନ୍ଦୁ ସାହୁ), କାମାକ୍ଷାନଗର ଏନଏସି : ବିଜେଡି (ଧର୍ମାନନ୍ଦ ପରିଡା), ଢେଙ୍କାନାଳ ପୌରପାଳିକା : ବିଜେପି (ଜୟନ୍ତୀ ପାତ୍ର) । ପାରଳାଖେମୁଣ୍ଡି ପୌରପାଳିକା : ବିଜେଡି (ନିର୍ମଳା ସେଠୀ), କାଶୀନଗର ଏନଏସି : ବିଜେଡି (କେ.ସୁଧାରାଣୀ) । ଖଲ୍ଲିକୋଟ ଏନଏସି : ବିଜେଡି (ନିରଞ୍ଜନ ବେହେରା), କୋଦଳା ଏନଏସି : ବିଜେପି (ସୂର୍ଯ୍ୟନାରାୟଣ ନାୟକ), ଛତ୍ରପୁର ଏନଏସି : ବିଜେପି (ଶର୍ମିଷ୍ଠା ପ୍ରଧାନ), ଗଞ୍ଜାମ ଏନଏସି : ସ୍ୱାଧୀନ ( ପ୍ରତିଭା ପାଢୀ), ଭଞ୍ଜନଗର ଏନଏସି : ବିଜେଡି (ଗୋପବନ୍ଧୁ ମହାପାତ୍ର), ସୋରଡା ଏନଏସି : ବିଜେଡି (ଶିବଶଙ୍କର ପଣ୍ଡା), ପୋଲସରା ଏନଏସି : ବିଜେଡି (ସଙ୍ଗୀତା ବେହେରା), ପୁରୁଷୋତ୍ତମପୁର ଏନଏସି : ସ୍ୱାଧୀନ (ପ୍ରିୟଙ୍କା ଗୌଡ), ▶▶ପୃଷ୍ଠା ୭

## ରଷ ଆକ୍ରମଣର ୩୧ ଦିନ ପରେ ଏକାଠି ମଞ୍ଚରେ ବସିଲେ ୟୁକ୍ରେନ ଓ ଆମେରିକାର ନେତା



ନୂଆଦିଲ୍ଲୀ, ୨୬/୦୩ : ରଷ ଏବେ ବି ୟୁକ୍ରେନ ଉପରେ ଆକ୍ରମଣ ଜାରି ରଖିଛି । ଏହାରି ଭିତରେ ଉଭୟଙ୍କ ମଧ୍ୟରେ ଲାଗିଥିବା ଯୁଦ୍ଧ ଗୋଟିଏମାସରୁ ଅଧିଦିନ ହେବ ଲାଗି ରହିଛି । ଏହି ଯୁଦ୍ଧରେ ଉଭୟ ଦେଶର ଧନଜୀବନ ନଷ୍ଟ ହେବାରେ ଲାଗିଛି । ସେପଟେ ୟୁକ୍ରେନକୁ ସମର୍ଥନ କରୁଥିବା ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ଏବେ ୟୁକ୍ରେନର ପଡୋଶୀ ରାଷ୍ଟ୍ର ପୋଲାଣ୍ଡ ନିକଟରେ ପହଂଚି ସାରିଛନ୍ତି । ଏହି କ୍ରମରେ ରଷର ଆକ୍ରମଣକୁ ନେଇ ୟୁକ୍ରେନ ଓ ଆମେରିକାର ନେତାମାନେ ଅନୁଷ୍ଠିତ ହୋଇଥିବା ବୈଠକ ବେଶ୍ ଗୁରୁତ୍ୱ ବହନ କରୁଛି । ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମ ଥର ପାଇଁ ଆମେରିକା ଓ ୟୁକ୍ରେନର ପ୍ରତିନିଧିମାନେ ଗୋଟିଏ ମଞ୍ଚରେ ବସି ମୁହାଁମୁହିଁ ଆଲୋଚନା କରିଛନ୍ତି । ଏହି ବୈଠକରେ ୟୁକ୍ରେନର ବିଦେଶମନ୍ତ୍ରୀ ଦିମିତ୍ରୀ କୁଲେବା ଆମେରିକାର ଅଧିକାରୀ ଓ ନେତାଙ୍କ ସହ ବର୍ତ୍ତମାନର ପରିସ୍ଥିତିକୁ ନେଇ ଆଲୋଚନା କରିଛନ୍ତି । ଏହାସହ ରାଜନୈତିକ ଓ ସୁରକ୍ଷା ପ୍ରସଙ୍ଗରେ ସହାୟତା ନେଇ ୟୁକ୍ରେନ ବିଦେଶମନ୍ତ୍ରୀ ଆମେରିକା ଅଧିକାରୀଙ୍କ ସହ ଆଲୋଚନା କରିଥିବା ଜଣାପଡିଛି । ଏହି କ୍ରମରେ ଆମେରିକାର ରକ୍ଷା ସଚିବ ଲାୟଣ୍ଡ ଜୋ ଅଷ୍ଟିନ ଓ ଆମେରିକାର ସେକ୍ରେଟାରୀ ଅଫ୍ ଷ୍ଟେଟ ବ୍ଲିଙ୍କେନଙ୍କ ସହିତ ୟୁକ୍ରେନର ରକ୍ଷାମନ୍ତ୍ରୀ ଓଲେକ୍ସୀ ରୋଜନିକୋବ ଆଲୋଚନା କରିଛନ୍ତି । ଏହି ବୈଠକକୁ ନେଇ ୟୁକ୍ରେନ ରକ୍ଷାମନ୍ତ୍ରୀ ଓଲେକ୍ସୀ ରୋଜନିକୋବ କହିଛନ୍ତି କି ସନ୍ଧ୍ୟାରେ ୟୁକ୍ରେନ ବିରୋଧରେ ରଷର ଆକ୍ରମଣକୁ ନେଇ ବାଇଡେନ ଭାଷଣ ଦେବେ ଓ ଆମେ ସେଥିରେ ଉପସ୍ଥିତ ରହିବୁ । ଆମେରିକା ରାଷ୍ଟ୍ରପତି ବାଇଡେନଙ୍କ ପୋଲାଣ୍ଡ ଗସ୍ତ ଓ ୟୁକ୍ରେନ ଅଧିକାରୀଙ୍କ ସହ ଆମେରିକା ଅଧିକାରୀଙ୍କ ବୈଠକ ପରେ ଅନୁମାନ କରାଯାଉଛି କି ଉଭୟ ଦେଶ ମିଳିତ ଭାବେ ରଷ ବିରୋଧରେ କିଛି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଯାଉଛନ୍ତି ।

## ନିର୍ବାଚିତ ହୋଇଥିବା ଜନପ୍ରତିନିଧି ମାନଙ୍କୁ ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨୬/୦୩ (ନି.ପ୍ର): ରାଜ୍ୟରେ ଅନୁଷ୍ଠିତ ପୌର ନିର୍ବାଚନ ଜନାଦେଶକୁ ସମ୍ମାନ ଜଣାଇବା ସହ ନିର୍ବାଚିତ ହୋଇଥିବା ଜନପ୍ରତିନିଧି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବିଜେପିକୁ ସମର୍ଥନ କରିଥିବା ରାଜ୍ୟର ମତଦାତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହ ନିର୍ବାଚନରେ ଦଳର କାର୍ଯ୍ୟକର୍ତାମାନେ ଅକ୍ଳାନ୍ତ ପରିଶ୍ରମ ପାଇଁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଗଣତନ୍ତ୍ରରେ ନିର୍ବାଚନ ଆମକୁ ନିଜ ଅଧିକାର ସାବ୍ୟସ୍ତ କରିବାକୁ ସୁଯୋଗ ଦେବା ସହ ଏକ ସୁସ୍ଥ ସମାଜ ଗଠନ କରିଥାଏ । "ସବକା ସାଥ-ସବକା ବିକାଶ" ହେଉଛି ମୋଦି ସରକାରଙ୍କ ମୂଳ ମନ୍ତ୍ର । ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ମୋଦି ସରକାରଙ୍କ ଜନକଲ୍ୟାଣକାରୀ କାର୍ଯ୍ୟ ମାଧ୍ୟମରେ ଜନସାଧାରଣଙ୍କ ଆସ୍ଥାଭାଜନ ହେବା ପାଇଁ ଚେଷ୍ଟା କରିବୁ। ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ଆମ କାର୍ଯ୍ୟକର୍ତାଙ୍କ ପ୍ରୟାସ ଜାରୀ ରହିବ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରି କହିଛନ୍ତି ।

## ମାଗଣା ରାସନ ବ୍ୟବସ୍ଥା ସେପ୍ଟେମ୍ବର ଯାଏ ବଢ଼ାଇଲେ ମୋଦି

ନୂଆଦିଲ୍ଲୀ, ୨୬/୦୩ : କେନ୍ଦ୍ର ସରକାରଙ୍କ ମାଗଣା ରାସନ ଯୋଜନା ବା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ଆଜି ଆଉ ୬ ମାସ ବୃଦ୍ଧି କରାଯାଇଛି। ଏହାର ଅର୍ଥ ସେପ୍ଟେମ୍ବର ମାସ ଯାଏ ଗରିବ ଲୋକଙ୍କୁ ପୂର୍ବଭଳି ମାଗଣା ରାସନ ମିଳିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏପରି ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋଏଲ ସୂଚନା ଦେଇଛନ୍ତି। ସେ ଟ୍ୱିଟ କରି କହିଛନ୍ତି, ମାଗଣା ରାସନ ଯୋଜନାକୁ କେନ୍ଦ୍ର କ୍ୟାବିନେଟ



ସେପ୍ଟେମ୍ବର ୨୦୨୨ ଯାଏ ବୃଦ୍ଧି କରିଛି। ମହାମାରୀ କରୋନାର ପ୍ରଭାବ କମି ଯାଇଥିଲେ ମଧ ଯୋଜନାର ଅବଧିକୁ ବଢ଼ାଯାଇଛି। ଏଥିରୁ ମୋଦି ସରକାର ଗରିବଙ୍କ ପାଇଁ କେତେ ସମ୍ବେଦନଶୀଳ ଓ ଯତ୍ନବାନ ଏଥିରୁ ସ୍ପଷ୍ଟ ହୋଇଥିବା ଶ୍ରୀ ଗୋଏଲ କହିଛନ୍ତି। ମହାମାରୀ କରୋନା ବେଳ ଠାରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସରକାର ଏହି ଯୋଜନାରେ ୧୦୦୩ ଲକ୍ଷ ଟନ୍ ଖାଦ୍ୟ ସାମଗ୍ରୀ ବାଣ୍ଟିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୩.୪ ଲକ୍ଷ କୋଟି ଟଙ୍କାର ଖର୍ଚ୍ଚ ହେବ। କରୋନା ବେଳେ ଦେଶରେ ଲକଡାଉନ ହୋଇଯିବାରୁ ୮୦ କୋଟି ଲୋକଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇବା ପାଇଁ ମୋଦି ସରକାର ୨୦୨୦ ମାର୍ଚ୍ଚରୁ ଏହ ଯୋଜନା ଲାଗୁ କରିଛନ୍ତି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅନ୍ତର୍ଗତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନରେ ମୁଣ୍ଡପିଛା ▶▶ପୃଷ୍ଠା ୭

## ପୁଣି ବଢିଲା ପେଟ୍ରୋଲ ଡିଜେଲ ଦର

ଭୁବନେଶ୍ୱର, ୨୬/୦୩ (ନି.ପ୍ର): ପୁଣି ଥରେ ବଢିଲା ତେଲ ଦର। ୫ ଦିନରେ ଚତୁର୍ଥ ଥର ପାଇଁ ତୈଳ ଦର ବଢିଛି। ଶନିବାର ପେଟ୍ରୋଲ ଲିଟର ପିଛା ୮୫ ପଇସା ବୃଦ୍ଧି ପାଇଥିବା ବେଳେ ଡିଜେଲ ଦର ଲିଟର ପିଛା ୮୪ ପଇସା ବୃଦ୍ଧି ଘଟିଛି। ଏହି ବର୍ଦ୍ଧିତ ଦର ଲାଗୁ ହେବା ପରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୫.୪୦ ପଇସାରେ ପହଂଚିଛି। ସେହିପରି ଡିଜେଲ ଲିଟର ପିଛା ୯୫.୧୩ ପଇସାକୁ ବୃଦ୍ଧି ପାଇଛି। ସେହିପରି ଦିଲ୍ଲୀରେ ଡିଜେଲ୍ ଲିଟର ପିଛା ୮୯ଟଙ୍କା ୮୭ ପଇସା ଏବଂ ପେଟ୍ରୋଲ୍ ଲିଟର ପିଛା ୯୮ଟଙ୍କା




୬୧ ପଇସାରେ ପହଂଚିଛି। ସେହିପରି ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୩ ଟଙ୍କା ୩୫ ପଇସା ଥିବା ବେଳେ ଡିଜେଲ ଦର ଲିଟର ପିଛା ୯୭ଟଙ୍କା ୫୫ପଇସା ରହିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଆଗାମି ୧୫ରୁ ୨୦ ଦିନ ଯାଏଁ ଏଭଳି ତୈଳ ଦର ଲଗାତାର ବଢ଼ିପାରେ। ପୂର୍ବରୁ ଚଳିତ ସପ୍ତାହର ମଙ୍ଗଳବାର, ବୁଧବାର ଏବଂ ଶୁକ୍ରବାର ଦିନ ଉପରୋକ୍ତ ଇନ୍ଧନ ଦର ବୃଦ୍ଧି ପାଇଥିଲା।

## ବିଜେଡି ଦଖଲରେ ୩ ମହାନଗର ନିଗମ

ଭୁବନେଶ୍ୱର, ୨୬/୦୩ (ନି.ପ୍ର): ପୌର ନିର୍ବାଚନ ପାଇଁ ଭୋଟ୍ ଗଣତି ଶେଷ ହୋହିଛି। ଏହା ମଧ୍ୟରେ ସମସ୍ତଙ୍କ ନଜର ଥିବା ୩ ଟି ମହାନଗର ନିଗମର ମେୟର ଆସନ ବିଜେଡି ହାତକୁ ଯାଇଛି। ବ୍ରହ୍ମପୁର ମହାନଗର ନିଗମରେ ବିଜେଡି ପ୍ରାର୍ଥୀନି ସଂଘମିତ୍ରା ଦଳେଇ ବିଜୟୀ ହୋଇଛନ୍ତି। ସେହିପରି ଭୁବନେଶ୍ୱର ଓ କଟକ ମହାନଗର ନିଗମ ଆସନରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସୂଚନା ଅନୁଯାୟୀ ବ୍ରହ୍ମପୁର ମହାନଗର ନିଗମ ପାଇଁ ହୋଇଥିବା ମେୟର ନିର୍ବାଚନର ଭୋଟ ଗଣତି ଶେଷ ହୋଇଛି। ବିଜେଡି ମେୟର ପ୍ରାର୍ଥିନୀ ସଂଘମିତ୍ରା ଦଳେଇ ବଡ଼ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଶ୍ରୀମତୀ ଦଳେଇ ୨୦୨୮୬ ଭୋଟ ରେ ତାଙ୍କ ନିକଟତମ ପ୍ରାର୍ଥିନୀ ସବିତା ସୁଆରଙ୍କୁ ପରାସ୍ତ କରିଛନ୍ତି। ସଂଘମିତ୍ରାଙ୍କୁ ୬୬ ହଜାର ୬୮ ଖଣ୍ଡ ଭୋଟ ମିଳିଥିବା ବେଳେ ସବିତାଙ୍କୁ ୪୫ ହଜାର ୭୮୨ ଖଣ୍ଡ ଏବଂ ଆମ୍ ଆଦମୀ ପାର୍ଟିର ସି. ପ୍ରିୟଙ୍କାଙ୍କୁ ୭୪୫୩ ଖଣ୍ଡ ଭୋଟ ମିଳିଛି। ଅନ୍ୟପକ୍ଷରେ କଂଗ୍ରେସର ଦଳୀୟ ପ୍ରାର୍ଥିନୀ ମଂଜୁ ରଥ ମାତ୍ର ୬୭୬୮ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ବ୍ରହ୍ମପୁରରେ ମୋଟ ୪୨ଟି ଓ୍ୱାର୍ଡରୁ ଶାସକ ବିଜେଡି ୩୦ଟି ଆସନ ହାତେଇଥିବା ବେଳେ ବିଜେପି ୭, କଂଗ୍ରେସ ୧ ଓ ସ୍ୱାଧୀନ ୪ଟି ଆସନରେ ବାଜି ମାରିଛନ୍ତି। ଭୁବନେଶ୍ୱର ମହାନଗର ନିଗମରେ ବିଜେଡିର ମେୟର ପ୍ରାର୍ଥୀନୀ ସୁଲୋଚନା ଦାସ ବିଜୟୀ ହୋଇଛନ୍ତି। ସୁଲୋଚନା ଦାସ ୬୧ ହଜାର ୧୪୩ ଖଣ୍ଡ ଭୋଟ ବ୍ୟବଧାନରେ ତାଙ୍କର ନିକଟତମ ପ୍ରାର୍ଥିନୀ ବିଜେପିର ସୁନୀତି ମୁଣ୍ଡଙ୍କୁ ପରାସ୍ତ କରିଛନ୍ତି। ସୁଲୋଚନାଙ୍କୁ ୧,୭୪,୫୬୨ ଖଣ୍ଡ ଭୋଟ୍ ପାଇଥିବା ବେଳେ ବିଜେପି ପ୍ରାର୍ଥିନୀ ତଥା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁନୀତି ମୁଣ୍ଡଙ୍କୁ ୧,୧୩,୪୧୯ ଖଣ୍ଡ ଭୋଟ୍ ମିଳିଛି। ସେହିପରି କଂଗ୍ରେସ ପ୍ରାର୍ଥିନୀ ମଧୁସ୍ମିତା ଆଚାର୍ଯ୍ୟଙ୍କୁ ୧୧୦୦୬ ଖଣ୍ଡ ଭୋଟ ମିଳିଛି। ସେହିପରି ବିଜେଡିର ଅଧିକାଂଶ କର୍ପୋରେଟର ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଅପରପକ୍ଷରେ ▶▶ପୃଷ୍ଠା ୭

## ମାର୍ଚ୍ଚ ୨୮-୨୯ ଦେଶବ୍ୟାପୀ ଧର୍ମଘଟକୁ ସିପିଆଇ (ଏମ୍.ଏଲ୍) ଲିବରେସନର ସମର୍ଥନ

ଭୁବନେଶ୍ୱର, ୨୬/୦୩ (ନି.ପ୍ର): ଶ୍ରମିକ ସଂଗଠନମାନଙ୍କ ଜାତୀୟ କନ୍‌ଭେନସନ ମାର୍ଚ୍ଚ ୨୮, ୨୯ ଦୁଇଦିନ ପାଇଁ ସର୍ବଭାରତୀୟ ଧର୍ମଘଟ ଡ଼ାକରା ଦେଇଛି। ସିପିଆଇ (ଏମ୍.ଏଲ୍) ଲିବରେସନ ଏହି ଧର୍ମଘଟକୁ ପୂର୍ଣ୍ଣ ସମର୍ଥନ ଘୋଷଣା କରିଛି । ଏହାସହ ଏହି ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ ଦେଇଛି। ମୋଦି ସରକାର ଦ୍ୱିତୀୟ ପାଳି କ୍ଷମତାକୁ ଆସିବା ପରେ କର୍ପୋରେଟ୍ ସପକ୍ଷରେ ଜନଗଣଙ୍କର ସର୍ବନାଶ କରିଚାଲିଛି। ଶ୍ରମକୋଡ୍ ବଦଳାଇବା, ▶▶ପୃଷ୍ଠା ୭

## ଏପ୍ରିଲରୁ ମହଙ୍ଗା ହେବ ଔଷଧ

ନୂଆଦିଲ୍ଲୀ, ୨୬/୦୩ : ପେଟ୍ରୋଲ ଡିଜେଲ, ତେଲ ଓ ଅତ୍ୟାବଶ୍ୟକ ସାମଗ୍ରୀ ପରେ ଏବେ ପାଳି ଔଷଧର। ଏପ୍ରିଲରୁ ବଢ଼ିବାକୁ ଯାଉଛି ମେଡିସିନ୍ ଦର। ଗୋଟିଏ କି ଦୁଇଟି ନୁହେଁ ପ୍ରାୟ ୮୦୦ରୁ ଅଧିକ ଔଷଧ ମହଙ୍ଗା ହେବ। ତେବେ ଗୁରୁତ୍ୟପୂର୍ଣ୍ଣ କଥା ହେଉଛି ଏହା ମଧ୍ୟରେ ରହିଛି ଘରେ ଘରେ ବ୍ୟବହାର ହେଉଥିବା ପାରାସିଟାମଲ ମେଡିସିନ୍। ଦେଶ କୋଭିଡ ମହାମାରୀ ସ୍ଥିତି ସୁଧୁରୁଥିବା ▶▶ପୃଷ୍ଠା ୭

## ଗରମରୁ ମିଳିବ ଆଶ୍ୱସ୍ତି, ରାଜ୍ୟରେ କିଛି ଜିଲ୍ଲାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୬/୦୩ (ନି.ପ୍ର): ଗ୍ରୀଷ୍ମ ପ୍ରବାହରୁ ଲୋକଙ୍କୁ ମିଳିବ ସାମାନ୍ୟ ଆଶ୍ୱସ୍ତି। କାରଣ ରାଜ୍ୟର କିଛି ସ୍ଥାନରେ ବର୍ଷା ହେବାର ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ଏଚ୍ଆର୍ ବିଶ୍ୱାସଙ୍କ କହିବା ଅନୁସାରେ ଆଗାମୀ ୨୪ ଘଣ୍ଟା ଭିତରେ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ବର୍ଷା ହୋଇପାରେ।



ବାକି ଜିଲ୍ଲାରେ ପାଗ ମୁଖତଃ ଶୁଖିଲା ରହିବ। ସେହିପରି ଏସବୁ ଜିଲ୍ଲାର କିଛି ସ୍ଥାନରେ ଆକାଶ ମେଘୁଆ ରହିପାରେ ବୋଲି ଡକ୍ଟର ବିଶ୍ୱାସ ଅକାଳନ କରିଛନ୍ତି। ସେ ଆହୁରି କହିଛନ୍ତି, ରବିବାର ସକାଳ ସାଢ଼େ ୮ଟାରୁ ସୋମବାର ସକାଳ ସାଢ଼େ ୮ଟା ଭିତରେ ମାଲକାନଗିରି, କୋରାପୁଟ, ରାୟଗଡ଼ ଓ ଗଜପତି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧମ ଧରଣର ବର୍ଷା ହୋଇପାରେ। ୨୮, ୨୯ ଓ ୩୦ ତାରିଖରେ ପାଗ ଶୁଖିଲା ରହିବ ବୋଲି ଡକ୍ଟର ବିଶ୍ୱାସ କହିଛନ୍ତି।

## ଅଧକ୍ଷ ପଦରେ ବିଜେଡିର ସବିତା ସାହୁ ଓ ୧୮ କାଉନସିଲର ବିଜୟୀ

ବାଲେଶ୍ୱର,୨୬/୦୩ (ନି.ପ୍ର): ଚଳିତ ପୌର ନିର୍ବାଚନରେ ସମଗ୍ର ଓଡ଼ିଶାରେ ବିଜେଡି ବାଜିମାତ କରିଥିବା ବେଳେ ବାଲେଶ୍ୱର ଜିଲାରେ ବି ଅନୁରୂପ ପ୍ରତିଫଳନ ଦେଖାଯାଇଛି । ଜିଲାର ୩ଟି ପୌରପାଳିକା ଓ ୨ଟି ବିଜ୍ଞାପିତ ଅଞ୍ଚଳ ମଧ୍ୟରୁ ସୋରକୁ ବାଦ ଦେଲେ ଅନ୍ୟ ୪ଟିର ଅଧ୍ୟକ୍ଷ ପଦ ବିଜେଡି କବଜା କରିଛି। ଏହି ପରିପ୍ରେକ୍ଷୀରେ ବିଜେଡିର ସବିତା ସାହୁ ବାଲେଶ୍ୱର ପୌର ପରିଷଦର ଅଧ୍ୟକ୍ଷ ଭାବେ ନିର୍ବାଚିଦତ ହୋଇଛନ୍ତି। ୩୧ ଗୋଟି ଓ୍ୱାର୍ଡ଼ରୁ ୨୯୪୬୨ ଖଣ୍ଡ ଭୋଟ ପାଇ ଶ୍ରୀମତୀ ସାହୁ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ରଶ୍ମିରେଖା ଦେବଙ୍କଠାରୁ ୩୫୭୭ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ତେବେ ଏହି ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥିନୀ ଚିତ୍ରାରାଣୀ ପାତ୍ର ୨୬୫୬




ଖଣ୍ଡ, କଂଗ୍ରେସର ପ୍ରଜ୍ଞା ପାରମିତା ବିଶ୍ୱାଳ ୨୦୦୬ ଖଣ୍ଡ ଓ ଆମ ଆଦମୀ ପାର୍ଟିର ସବିତା ରାଣୀ ସାହୁ ୬୫୯ଖଣ୍ଡ ଭୋଟ ପାଇଥିବା ବେଳେ ୫୩୩ ଖଣ୍ଡ ଭୋଟ ନୋଟାରେ ପଡିଥିବା ସୂଚନା ମିଳିଛି । ବାଲେଶ୍ୱର ସରକାରୀ ଆଇଟିଆଇରେ ସକାଳ ୮ଟାରୁ ଆରମ୍ଭ ହୋଇଥିବା ଭୋଟ ଗଣତି ପାଇଁ ୭ ଗୋଟି ଟେବୁଲ ବ୍ୟବସ୍ଥା ହୋଇଥିଲା। ପ୍ରତି ରାଉଣ୍ଡରେ ୭ ଗୋଟି ଓ୍ୱାର୍ଡ଼ର ଗଣତି ହୋଇଥିଲା। ମଧ୍ୟାହ୍ନ ୧୨ଟା ସୁଦ୍ଧା ସମସ୍ତ କାଉନସିଲର ଭୋଟ ଗଣତି ଶେଷ ହେବା ସହ ଅଧକ୍ଷା ନିର୍ବାଚନର ଫଳ ଘୋଷଣା କରାଯାଇଥିଲା । ଘୋଷିତ ଫଳାଫଳ ଅନୁଯାୟୀ ବିଜେଡି ୧୮ଟି, ବିଜେପି ୯ଟି ଓ ସ୍ୱାଧୀନ ପ୍ରାର୍ଥୀ ୪ଟି କାଉନସିଲର ପଦବୀରେ ବିଜୟ ଲାଭ କରିଛନ୍ତି । ତେବେ ଏହି ବିଜୟକୁ ନେଇ ବଜେଡି ଶିବିରରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା । ନବ ନିର୍ବାଚିତ ଅଧକ୍ଷା ଓ କାଉନସିଲର ପ୍ରାର୍ଥୀମାନେ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚି ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ସ୍ୱରୂପ କୁମାର ଦାସ ଓ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା ପ୍ରମୁଖଙ୍କୁ ସାକ୍ଷାତ କରିଥିଲେ। ସଭାପତି ଇଂ ଜେନା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନାର ସଫଳ ରୂପାୟନରେ ସହରବାସୀ ବିଜେଡି ଉପରେ ଆସ୍ଥା ପ୍ରକଟ କରିଛନ୍ତି ବୋଲି ସେ କହିଥିଲେ। ତେବେ ବାଲେଶ୍ୱର ପୌରପାଳିକାକୁ ୧ ନଂରେ ପହଞ୍ଚାଇବା ପାଇଁ ସମସ୍ତଙ୍କୁ ଇଂ ଜେନାଙ୍କ ସମେତ ସଦର ବିଧାୟକ ପରାମର୍ଶ ଦେଇଥିଲେ। ପରେ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସଦର ବିଧାୟକ ଶ୍ରୀ ଦା, ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ଜେନା, ନବ ନିର୍ବାଚିତ ପୌରାଧ୍ୟକ୍ଷା ଶ୍ରୀମତୀ ସାହୁ ଓ ବିଜେଡି କାଉନସିଲରଙ୍କ ସମେତ ଜିଲା ବିଜେଡିର କାର୍ଯ୍ୟକର୍ତ୍ତା, ବିଭିନ୍ନ ବର୍ଗର କର୍ମୀ ଓ ସମର୍ଥକ ଏଥିରେ ସାମିଲି ହୋଇଥିଲେ।

# ଦୀର୍ଘ ୨୫ ବର୍ଷ ସଂଗ୍ରାମ ପରେ ନ୍ୟାୟ ମିଳିଲା

ଘସିପୁରା,୨୬/୦୩ (ନି.ପ୍ର): ଦୁଇ ହରିଜନ ପରିବାର ହନ୍ତସନ୍ତ ହୋଇ ଦୀର୍ଘ ୨୫ ବର୍ଷ, ସଂଗ୍ରାମ ପରେ ଏମାନଙ୍କୁ ନ୍ୟାୟ ମିଳିଥିବା ଜଣାପଡିଛି।

ସୂଚନାରୁ ଜଣାଯାଏ, କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ହାତିଶିଳା ଗ୍ରାମର ଖାତା ନଂ୧୩୭/୧୦୭୨ ଅନାମ ଯେନା ଓ କେଶବ ଚରଣ ଯେନାଙ୍କ ନାମରେ ଥିବାବେଳେ ୧୦୭୩ ନଂ ପ୍ଲଟ ଟି ଘରୁ ବାହାରକୁ ଯିବା ପାଇଁ ଉଦ୍ଦିଷ୍ଟ ରାସ୍ତା ହୋଇଥିବା ବେଳେ ପାଖ ପଡୋଶୀ ଏହି ରାସ୍ତାକୁ ଜୋର କରି ଜବରଦଖଲ କରିବା ସହ ଏହା ଆମ ଜମି ବୋଲି ଦାବୀ କରିଆସୁଥିବା କାରଣରୁ ହାତିଶିଳା ଗ୍ରାମର ଅନାମ ଯେନା ଓ କେଶବ ଚରଣ ଯେନାଙ୍କ ପରିବାର ପିଲା ଛୁଆ ମାନେ ସ୍କୁଲ କଲେଜ ସହିତ ବଜାରଘାଟକୁ ଯିବାରେ ନାନା ହଇରାଣ ହରକତ ହେବାରୁ ସେ ବାଧ ହୋଇ ଶ୍ୟାମ ସୁନ୍ଦର ବାରିକଙ୍କ ପରିବାର ନାମରେ ଘସିପୁରା ଥାନା କେସ ନଂ ୮୫/୧୯୯୮ ରେ ନ୍ୟାୟ ପାଇଁ ଆବେଦନ କରିଥିଲେ। ମାମଲାର ଶୁଣାଣି ଅନାମ ଯେନାଙ୍କ ସପକ୍ଷ ରେ ନଯିବାରୁ ଅନାମ ଯେନା ୨୦୦୫ ମସିହାରେ କେନ୍ଦୁଝର ଜିଲା ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏଥିରେ କେନ୍ଦୁଝର ଜିଲା ନ୍ୟାୟାଧିଶ ବିଚାରକରି ଅନାମଙ୍କ ସପକ୍ଷରେ ନ୍ୟାୟ ଶୁଣାଇଥିବା ବେଳେ ଏଥିରେ ଅସନ୍ତୁଷ୍ଟ ହୋଇ ଅପରପକ୍ଷ ସ୍ୱର୍ଗତ ଶ୍ୟାମ ସୁନ୍ଦର ବାରିକ ଅନାମଙ୍କ ବିରୋଧରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ବିଭିନ୍ନ ତଥ୍ୟକୁ ଆଧାର କରି ସ୍ୱର୍ଗତ ଶ୍ୟାମସୁନ୍ଦର ବାରିକ ଙ୍କ ଆବେଦନକୁ ଖାରଜ ୨୮/୨/୨୦୨୨ କରିଦେଇଥିବା ଜଣାପଡିଛି। ଅନାମ ନିଜ ହକ ପାଇବା ପାଇଁ ଦୀର୍ଘ ୨୫ ବର୍ଷ ସଂଗ୍ରାମ କରିବା ପରେ ଏହାର ଅନ୍ତ ଘଟିଛି। ଉଚ୍ଚ ନ୍ୟାୟାଳୟ ଅନାମଙ୍କ ବିରୋଧରେ ହୋଇଥିବା ଆବେଦନକୁ ଖାରଜ କରି ନିମ୍ନ କୋର୍ଟଙ୍କ ରାୟକୁ କାୟମ ରଖିଛନ୍ତି। ସବୁଠାରୁ ବଡ କଥା ବର୍ତମାନ ସମାଜରେ ଗୁଣ୍ଡା ମାନଙ୍କର ରାଜ ଚାଲିଛି। ହେଲେ ପୁଲିସ ପ୍ରଶାସନ ଅନାମଙ୍କୁ କେତେ ସହଯୋଗ କରୁଛି ତାହା ଦେଖିବାକୁ ବାକି ରହିଲା।

# ମନରେଗା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ବ୍ଲକ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର

କନ୍ଧମାଳ ,୨୬/୦୩ (ନି.ପ୍ର): ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଦିନ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୨୧-୨୨ସମ୍ପର୍କୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଦାରିଙ୍ଗବାଡିବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଦାଧର ପାତ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜନ ଶୁଣାଣି ଶିବିର ରେ ବାଲିଗୁଡା ଉପଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ବ୍ଲକ ଅଧକ୍ଷ ସୁଶାନ୍ତ ପ୍ରଧାନ ଉପାଧକ୍ଷ ସସ୍ମିତା ପ୍ରଧାନ,ଓଡ଼ିଶା ଜୀବିକା ମିଶନ ବ୍ଲକ ପ୍ରକଳ୍ପ ପରିଚାଳକ ପିଣ୍ଟୁ ନାୟକ ପ୍ରମୁଖ ମଞ୍ଚାସିନ ରହିଥିବାବେଳେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ତ୍ରିନାଥ ନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

ଜନଶୁଣାଣୀ ଶିବିରରେ ୨୦୨୧-୨୨ ଆର୍ଥିକ ବର୍ଷରେ ବ୍ଲକ କୁ ମନରେଗା ଅନୁଦାନ ବାବଦରେ ୩୩ କୋଟି ୩୮ଲକ୍ଷ ୨୮ହଜାରଟଙ୍କା ଆସିଥିବା ସୂଚନା ଦିଆଯିବା ସହ ମୋଟ ୧୨ଲକ୍ଷ ୬୨ ହଜାର ୪୪୮ ଶ୍ରମ ଦିବସ ପୂରଣ ହୋଇଥିବା ବେଳେ ୩୨୧୬ ଜଣ ଶ୍ରମଜୀବୀ ଏହି ଅବଧି ମଧରେ ୧୦୦ ଦିନର କାମ ପାଇଥିବା ସହ ୨୪୯୦ଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୭୭୧ ଟି ପ୍ରକଳ୍ପ କାର୍ଯ୍ୟ ପୂର୍ଣ୍ଣାଙ୍ଗହୋଇଥିବା ସୂଚନା ଦିଆଯାଇଥିଲା। ଏଥିସହ ବଳକା ଥିବା ପ୍ରକଳ୍ପ ଗୁଡ଼ିକ ଚାଲୁ ରହିଥିବା ତଥ୍ୟ ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ମନରେଗା କାମ ସମୟରେ ଜିଓ ଟ୍ୟାଗର ଫଟୋ ରଖିବାକୁ ଉପଜିଲ୍ଲାପାଳ ଶ୍ରୀ ନାୟକ ପରାମର୍ଶ ଦେବା ସହିତ ଫଳକ ନିର୍ମାଣ ନକରି କାନ୍ଥରେ ସୂଚନା ଫଳକ ଲେଖିବା ଫଳରେ ଫଳକ ନିର୍ମାଣ ବାବଦ ଅନୁଦାନ ମିଳିବ ନାହିଁ ବୋଲି ସେ ସୂଚନା ଦେଇଥିଲେ। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଯୋଜନାରେ ମୃତ ହିତାଧିକାରୀ ଙ୍କ ନାମ ବାଦ ଦେବା ଓ ଆଧାର କାର୍ଡ ସଂଯୋଗ ହୋଇନଥିବା ବ୍ୟକ୍ତି କିପରି ଯୋଜନାରୁ ବଞ୍ଚିତ ନହେବେ ଅଯୋଗ୍ୟ ବ୍ୟକ୍ତି କିଭଳି ଯୋଜନାରେ ସାମିଲ ହୋଇପାରିବେ ନାହିଁ ସେ ନେଇ ବିଡିଓ ଶ୍ରୀ ପାତ୍ର ସମସ୍ତ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନଙ୍କୁ ସମସ୍ତ ସଠିକ ତଥ୍ୟ ସଂଗ୍ରହ କରି ପଦକ୍ଷେପ ନେବାକୁ ପରାମର୍ଶଦେଇଥିଲେ କ୍ଷ କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ତୁଷାର ରଞ୍ଜନ ସେଠୀ, ଧୀରେନ ସେଠୀ, ସୁଜିତ ସେଠୀ ଗୋପୀନାଥ ପଲେଇ ସୁଶାନ୍ତ ପ୍ରଧାନ, ବିଶ୍ୱରଂଜନ ହାତୀ, ଙ୍କ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ ପାର୍ବ ପ୍ରଧାନ, ଜିତେନ୍ଦ୍ର ପରିଡ଼ା, ଘନଶ୍ୟାମ ବେହେରା ,ଲକ୍ଷ୍ମୀକାନ୍ତ ପ୍ରଧାନ,ଦୁଃଶାସନ ବେହେରା, କବିରାଜ କଁହର ଙ୍କ ସମେତ ୨୫ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା,ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଗାଁ ସାଥୀ ମାନେ ଉପସ୍ଥିତ ରହିଥିଲେ। ତେବେ ବ୍ଲକ ସ୍ତରୀୟ ଏହି ଜନ ଅଭିଯୋଗ ଶୁଣାଣୀରେ ୯ଟି ଅଭିଯୋଗ ଆସିଥିବା ବେଳେ ସେଗୁଡ଼ିକର ସମାଧାନ କରାଯାଇଥିବା ବ୍ଲକ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଥିବା ବେଳେ ଅଭିଯୋଗ ଶୁଣାଣୀରେ କିଛି ଅଳ୍ପ ହିତାଧିକାରୀ ଆସିଥିବା ବେଳେ ଅଭିଯୋଗ ଶୁଣାଣି ଶିବିର ସମ୍ପର୍କରେ ବ୍ଲକ ପ୍ରଶାସନ ପକ୍ଷରୁ ସଠିକ ଭାବରେ ସୂଚନା ଦିଆଯାଇନଥିବା ଯୋଗୁଁ ହିତାଧିକାରୀ ମାନେ ସେମାନଙ୍କ ଅଭିଯୋଗ ଦାଖଲ କରିପାରିନଥିବା ପ୍ରକାଶ କରିଥିବା ବେଳେ ବ୍ଲକ ର ବିଭିନ୍ନ ପଞ୍ଚାୟତରେ ମନରେଗା ଯୋଜନାରେ ବ୍ୟାପକ ମିଥ୍ୟା ବିଲ ଓ ଅନେକ ହିତାଧିକାରୀ ମାନେ କାମ କରି ବର୍ଷ ବର୍ଷ ଧରି ମଜୁରୀ ପାଇନଥିବା ଅଭିଯୋଗ ରହିଛି ତେଣୁ ପ୍ରକୃତ ଜବ କାର୍ଡ ହିତାଧିକାରୀଙ୍କ ପାଖରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇନଥିବା ଅନୁମାନ କରାଯାଉଛି। ତେବେ ବ୍ଲକର ବିଭିନ୍ନ ପଞ୍ଚାୟତରେ ମିଥ୍ୟା ବିଲ ବାବଦରେ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ରଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କୌଣସି ସ୍ଥାନରେ କୌଣସି ମିଥ୍ୟା ବିଲ ହୋଇନାହିଁ କି ସେମିତି କିଛି ଅଭିଯୋଗ ତାଙ୍କ ନିକଟରେ ବର୍ତ୍ତମାନ ଯାଏଁ ଆସିନାହିଁ ଯଦି ଅଭିଯୋଗ ଆସେ ତେବେ ସେ ଘଟଣାର ତଦନ୍ତ କରିବେ ବୋଲି ପ୍ରକାଶ କରିଥିଲେ।

# କଂଟାବାଞ୍ଜିରେ ନିଖିଳ ଓଡିଶା ଚେସ ଟୁର୍ଣ୍ଣାମେଂଟ ଉନ୍ମୋଚନ

ବଲାଙ୍ଗିର ,୨୬/୦୩ (ନି.ପ୍ର): ଜନସେବୀସଂଗଠନ ମାରୱାଡ଼ି ଯୁବା ମଂଚ ବିକାଶ ଶାଖା କଂଟାବାଞ୍ଜି ଏବଂ ଅଲ ଓଡିଶା ଚେସ ଆସୋସିଏସନ ଏବଂ ବଲାଙ୍ଗୀର ଜିଲ୍ଲା ଚେସ ଆସୋସିଏସନ ସହଯୋଗରେ ମାର୍ଚ୍ଚ ୨୫, ୨୬, ୨୭ ରେ ପ୍ରଥମ ଥର ପାଇଁ କଂଟାବାଞ୍ଜିରେ ଅଲ ଓଡ଼ିଶା ଚେସ ଟୁର୍ଣ୍ଣାମେଂଟ ଆୟୋଜନ କରାଯାଉଛି। ସ୍ଥାନୀୟ ମାନସ ଭବନ ଠାରେ ଆଜି ଉଦଘାଟିତ ହୋଇ ଯାଇଛି ଏଥିରେ ମୁଖ୍ୟ ଅତିଥି ଭାବେ କଂଟାବାଞ୍ଜି ପୁର୍ବତନ ବିଧାୟକ ହାଜି ମହମ୍ମଦ ଆୟୁବ ଖାଁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ଘଡେଇ, ମାରବାଡ଼ି ଯୁବା ମଞ୍ଚ ର ରାଷ୍ଟ୍ରୀୟ ଯୁଗ୍ମ ସମ୍ପାଦକ ବଜରଙ୍ଗ ଜିନ୍ଦଲ, ବଲାଙ୍ଗୀର ଜିଲ୍ଲା ଚେସ ସଂଘ ର ସମ୍ପାଦକ ପ୍ରିୟଦତ ପଣ୍ଡା, ଅଗ୍ରୱାଲ ସଭା ଅଧକ୍ଷ ସୁରେଶ ଆର୍ଯ୍ୟ, ରାମ ମନ୍ଦିର ସମିତି ସଭାପତି ବିଜୟ ବଂସଲ, ବିକାଶ ଶାଖା ସଭାପତି ଅର୍ପଣ ଜୈନ, ଚିଫ ଆର୍ବିଟର ବିଦୁଭୁଷନ ମିଶ୍ର, ବିକାଶ ଶାଖା ନବ ନିର୍ବାଚିତ ସଭାପତି ଅନୁପ ଜୈନ ମଂଚ ରେ ଉପସ୍ଥିତ ଥିଲେ , ସଭା ପରିଚାଳନା ରାଜେଶ ଅଗ୍ରୱାଲ କରିଥିଲେ, ଧନ୍ୟବାଦ ଜ୍ଞାପନ ଯୁବା ମଂଚ ର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଆଶିଷ ଖେତାନ ଦେଇଥିଲେ, ସମ୍ମିଳନୀ ୩୦ ଟି ଜିଲ୍ଲାରୁ ୧୨୬ ରୁ ଅଧିକ ଖେଳାଳି ଅଂଶ ଗ୍ରହଣ କରିବେ ଏବଂ କଣ୍ଟାବାଞ୍ଜିର ୩୦ ରୁ ଅଧିକ ପ୍ରତିଯୋଗୀଙ୍କ ଅଂଶଗ୍ରହଣ କରିଥିଲେ ମାରୱାଡ଼ି ଯୁବା ମଞ୍ଚ ବିକାଶ ଶାଖା ର ମୟଙ୍କ ଜୈନ, ସଂଯୋଜକ ମନୀଷ ଜୈନ, ଅରିହନ୍ତ ଜୈନ, ଅମନ ଅଗ୍ରୱାଲ, କମଳ ଅଗ୍ରୱାଲ, କେଶବ ଅଗ୍ରୱାଲ, ସହ ଦୀପକ ଜୈନ, ଅଜୟ ଅଗ୍ରୱାଲ, ହେମନ୍ତ ଅଗ୍ରୱାଲ, ପୀୟୂଷ ଜିନ୍ଦଲ, ପ୍ରମୁଖ ଉପସ୍ଥିତ ଥିଲେ। ହରିଭବନ ଏବଂ ଅଗ୍ରସେନ ଭବନ ରେ ପ୍ରତିଯୋଗୀମାନଙ୍କ ଖାଇବା ଏବଂ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୧ ଲକ୍ଷ ଟଙ୍କା ପୁରସ୍କାର ସମସ୍ତ ବର୍ଗରେ ରଖାଯାଇଛି। ଏହି ପ୍ରତିଯୋଗିତା ଲାଙ୍ଗୀର ଜିଲ୍ଲା ଚେସ ଆସୋସିଏସନ ଦ୍ୱାରା ସ୍ୱୀକୃତିପ୍ରାପ୍ତ ରହିଛି, ଅତିଥି ମାନେ କଣ୍ଟାବାଞ୍ଜି ରେ ପ୍ରଥମ ଥର ପାଇଁ ହୋଇଥିବା ରାଜ୍ୟ ସ୍ତରୀୟ ଚେସ ଆୟୋଜନ ପାଇଁ ବିକାଶ ଶାଖା ଙ୍କୁ ଅଲ ଓଡ଼ିଶା ଚେସ ସଂଘ ଏବଂ ଜିଲ୍ଲା ଚେସ ସଂଘ ଅଭିନନ୍ଦନ ଜଣାଇଛନ୍ତି, ଡେପୁଟି ଚିଫ ଆର୍ବିଟର ଭାବେ ସନ୍ତୋଷ କୁମାର ମହାପାତ୍ର ଏବଂ ସରୋଜକାନ୍ତ ବେହେରା ଯୋଗ ଦେଇଥିଲେ।

# ଟଙ୍କା ନେଇଁ ଖାଉଟି କାର୍ଡ଼ରେ ହେଲା ଦସ୍ତଖତ

## ହିତାଧିକାରୀ ପାଇଲେନି ଚାଉଳ ଓ କିରାସିନି

ଖୋର୍ଦ୍ଧା,୨୬/୦୩ (ନି.ପ୍ର): ଖାଇଗଲେ କି ସରକାରୀ ବାବୁ ଆସୁଥିବା ଚାଉଳ ଓ କିରାସିନି । ସରକାର ଗରିବଙ୍କ ପାଇଁ ପେଟକୁ ଦେଉଛନ୍ତି ମୁଣ୍ଡପିଛା ପାଞ୍ଚ କେଜି ଚାଉଳ ଓ କିରାସିନି । ହେଲେ ରାସନକାର୍ଡ ରେ ହେଲା ଯୋଗାଣ ସହାୟତାଙ୍କ ଦସ୍ତଖତ ଓ ନେଲେ ଟଙ୍କା କିନ୍ତୁ ପାଇଲେନି ପ୍ରକୃତ ହିତାଧିକାରୀ ଚାଉଳ ଓ କିରାସିନି । ଏହି ଘଟଣା ଘଟିଛି ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ସୋରଣ ଗ୍ରାମ ପଞ୍ଚାୟତ ହଂସରାଡ଼ି , ବଡ଼ଡ଼ିହ ଓ ରାଧା ମୋହନ ପୁର ଗ୍ରାମ ପଲି ଅଞ୍ଚଳରେ । ଯଦି ଆଜି ଏହି ଭଳି ଘଟଣା ଦେଖିବାକୁ ମିଳୁଛି ପୂର୍ବରୁ ଆଉ କଣ କଣ ହୋଇ ନଥିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।କାହିଁକି କଲେ ଯୋଗାଣ ସହାୟତା କଣ ଉଦେଶ୍ୟ ଥିଲା ତାଙ୍କର ପ୍ରକୃତ ହିତାଧିକାରୀଙ୍କ ରାସନକାର୍ଡ ନେଇ ଦସ୍ତଖତ କରାଇ ଟଙ୍କା ଉଠାଇବା ଶହ ଫିଙ୍ଗର ପ୍ରିଣ୍ଟ ନେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି ରାସନକାର୍ଡ ହିତାଧିକାରୀ । ଚିଲିକା ବ୍ଲକ ସୋରଣ ଗ୍ରାମ ପଞ୍ଚାୟତ ଯୋଗାଣ ସହାୟତାଙ୍କ ର ପାଞ୍ଚ ବର୍ଷ ହେବ ବିଗତ ଦିନରେ ମଧ ହୋଇଥିଲା ଗଣମାଧମରେ ଏନେକ କିଛି ଖବର । ବଦଳୁ ନାହାଁନ୍ତି ଏହି କଳା କାରନାମା କରିବା ପାଇଁ ଯୋଗାଣ ସହାୟତା କିଛି ପ୍ରକୃତ ହିତାଧିକାରୀ ଙ୍କ କହିବା କଥା ହେଲା ଏଥିରେ ସରପଞ୍ଚ ହାତ ରହିଛି ବୋଲି , ଆମେ ସରପଞ୍ଚଙ୍କୁ ଯୋଗାଯୋଗ କରିବାରେ ସେ ସମ୍ପୂର୍ଣ୍ଣ ଭାବେ କହିଛନ୍ତି ଯେ ଏଥିରେ ମୋର କିଛି ଭୂମିକା ନାହିଁ ବୋଲି ଗଣମାଧମ କୁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଚାରି ମାସର ଚାଉଳ ନଦେଇ ଦୁଇ ମାସର ଚାଉଳ ଓ କିରାସିନି ଟଙ୍କା ଉଠାଇ ରାସନକାର୍ଡ ହିତାଧିକାରୀଙ୍କ ଖାତାରେ ଦସ୍ତଖତ ଦେଇଛନ୍ତି ଯୋଗାଣ ସହାୟତା ରଞ୍ଜିତା ସାହୁ । ପଞ୍ଚାୟତ ଏକଜୁଟ ଅଫିସର ଙ୍କୁ ପଚାରିବାର ସେ କହିଛନ୍ତି ବାହାନା କରି ଆମ ଗାଡ଼ି ପମ୍ପଚର ହୋଇଗଲା ବୋଲି ଜଣାଇଛନ୍ତି । ଚାଉଳ ନପହଁଚି କେଉଁ ଆଧାରରେ ଆଗ ଉଠିଲା ଟଙ୍କା କିଏ ଦେଲା ସାହାସ ଏବଂ କେଉଁ ସରକାରୀ ବାବୁଙ୍କ ରହିଛି କି ହାତ । ଏନେଇ ଯୋଗାଣ ନିରୀକ୍ଷକ ଅରୁଣ କୁମାର ଲେଙ୍କାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯଦି ଏହା ସତ୍ୟ ନିଶ୍ଚିତ ଭାବେ ତଦନ୍ତ କରାଯିବ । ଏଠି ପ୍ରଶ୍ନ ଉଠୁଛି ଯେ ସାଧାରଣ ନିରୀହ ଲୋକଙ୍କୁ କାହିଁକି ଏମିତି କରାଯାଉଛି କିଏ ଏଥିପାଇଁ ଦାୟୀ ତାହା ତଦନ୍ତ ପରେ ସମ୍ପୂର୍ଣ୍ଣ ଭାବେ ଜଣା ପଡ଼ିବ ବୋଲି ସୂଚନା ଦେଇଛନ୍ତି ଅରୁଣ କୁମାର ଲେଙ୍କା ।

# ଜିଲ୍ଲାସ୍ତରୀୟ ଓଡିଶା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ,୨୬/୦୩ (ନି.ପ୍ର): ଜିଲ୍ଲା ସ୍ତରୀୟ ୮୭ତମ ଓଡିଶା ଦିବସ ପାଳନ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକର ନିଷ୍ପତି ଅନୁସାରେ ପ୍ରାତଃ ସମୟରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ମାଧମରେ ସହରରେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯିବ। ସହରରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତିରେ ପୌରସଂସ୍ଥା ପକ୍ଷରୁ ମାଲ୍ୟାର୍ପଣ କରାଯିବ। ସନ୍ଧ୍ୟା ସମୟରେ ସାଧାରଣ ସଭା ଅନୁଷ୍ଠିତ ହେବ। କଳା ଓ ସାହିତ୍ୟ କ୍ଷେତ୍ରରେ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା ନିକଟରେ ଜିଲ୍ଲାରୁ ପୁରସ୍କୃତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବା ନିମନ୍ତେ ନିଷ୍ପତି ନିଆଯାଇଛି। ଉକ୍ତ ଦିବସ ପାଳନ ଅବସରରେ ଉଚ୍ଚବିଦ୍ୟାଳୟ ସ୍ତରୀୟ ଓଡିଆ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରିବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।
ଏହି ଅବସରରେ ଅନ୍ୟମାନଙ୍କ ମଧରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଉପ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପଣ୍ଡା, ଅତିରିକ୍ତ ଚିକିତ୍ସାଧିକାରୀ ଡଃ ଲଲାଟେନ୍ଦୁ ମିଶ୍ର, ଡେପୁଟି କଲେକ୍ଟର ରାମଚନ୍ଦ୍ର ପଟ୍ଟନାୟକ, ଜିଲ୍ଲା କ୍ରୀଡାଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ସିଆର୍‌ପିଏଫ୍ ପକ୍ଷରୁ ଭୂତପୂର୍ବ ସୈନିକ ଦିବସ ପାଳିତ

ବଲାଙ୍ଗିର ,୨୬/୦୩ (ନି.ପ୍ର): ବଲାଙ୍ଗିର ସି ଆର୍ ପି ଏଫ୍ ୧୮୯ ବାଟାଲିୟନ ପକ୍ଷରୁ ଆଜି ମୁଖ୍ୟାଳୟ ଶାନ୍ତିପଡ଼ା ଠାରେ ଭୂତପୂର୍ବ ସୈନିକ ଦିବସ ପାଳିତ ହୋଇଯାଇଛି। କମାଣ୍ଡେଂଟ ପବନ ତିୱାରୀ ଉପସ୍ଥିତ ପୂର୍ବ ସୈନିକ ମାନଙ୍କୁ ସ୍ୱାଗତ କରିଥିଲେ ଓ ସେମାନଙ୍କ ଯୋଗଦାନ ହେତୁ ଧନ୍ୟବାଦ୍ ଦେଇଥିଲେ। ସେମାନଙ୍କ ସେବା ନିବୃତ ପରେ ମଧ୍ୟ ସେମାନଙ୍କ ସେବା ଓ କର୍ତବ୍ୟ ସେନାକୁ ବିଶ୍ୱର ସବୁଠାରୁ ବଡ ବୋଲି ମାନ୍ୟତା ମିଳିଛି। ଆଜି ଦେଶରେ ସେହି ସି ଆର୍ ପି ଏଫ୍ ର ବୟୋବୃଦ୍ଧ ସୈନିକ ମାନଙ୍କର ଯୋଗଦାନ ପ୍ରତି ସମ୍ମାନ ପ୍ରଦର୍ଶନ ପାଇଁ ବିଭିନ୍ନ ୟୁନିଟ୍ ରେ ଏହି କାର୍ଯ୍ୟକ୍ରମ ଜରିଆରେ ସ୍ୱୀକୃତି ଦେଉଛି। ସି ଆର୍ ପି ଏଫ୍ ମହାନିର୍ଦ୍ଦେଶକ ପ୍ରତି ଫେବ୍ରୁଆରି ମାସରେ ଏହି କାର୍ଯ୍ୟକ୍ରମ କରିଥାଏ । ଏଥର ୫ ଟି ରାଜ୍ୟ ନିର୍ବାଚନ , କରୋନା ଯୋଗୁଁ ପୂର୍ବ ସୈନିକ ପରାମର୍ଶ କ୍ରମେ ଏଥର ସି ଆର୍ ପି ଏଫ୍ ବାର୍ଷିକ ଉତ୍ସବ ରେ ସମସ୍ତ ଗ୍ରୁପ କେନ୍ଦ୍ର ଓ ୟୁନିଟ୍ ଦ୍ୱାରା ଆଜିର ଦିବସରେ ପାଳନ କରାଯାଉଛି। ଏହି ଅବସରରେ ଭୂତପୂର୍ବ ସୈନିକ ମନେ ସେମାନଙ୍କ ପୂର୍ବ ସ୍ମରଣ ଓ ସେବାରେ ଥିବା ବେଳରେ କଥା ମନେପକାଇ ବଖାଣି ଥିଲେ। ଏଭଳି ଏକ କାର୍ଯ୍ୟକ୍ରମ ମହାନିର୍ଦ୍ଦେଶକ ଙ୍କ ବସନ୍ତ କୁଞ୍ଜ ନୂଆଦିଲ୍ଲୀ ରୁ ସିଧା ପ୍ରସାରଣ କରାଯାଇଥିଲା। ଶେଷରେ ଭୂତ ପୂର୍ବ ସୈନିକ ମାନଙ୍କୁ ସହଯୋଗ ର ଆଶ୍ୱସନା ସହିତ ବିଦାୟ ଦିଆଯାଇଥିଲା।

# ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କଲେ କର୍ଣ୍ଣାଟକ ଦମ୍ପତି

କେନ୍ଦ୍ରାପଡା,୨୬/୦୩ (ନି.ପ୍ର): ଗ୍ରହଣ କେନ୍ଦ୍ରରେ ପ୍ରାୟ ୩ ବର୍ଷ ହେବ ପାଳିତ ହୋଇ ଆସୁଥିବା କନ୍ୟା ସାଇଶ୍ରଦ୍ଧା ଜେନାକୁ ପୋଷ୍ୟ କନ୍ୟା ଭାବେ କର୍ଣ୍ଣାଟକର ଦମ୍ପତି ଗ୍ରହଣ କରିଥିବା ଜଣାପଡିଛି । ଘଟଣା ମୁତାବକ ପ୍ରାୟ ୩ ବର୍ଷ ତଳେ ଅସହାୟ ଅବସ୍ଥାରେ ଉଦ୍ଧରା ହୋଇଥିବା ଏହି କନ୍ୟା ସନ୍ତାନ ପଲ୍ଲିଶ୍ରୀ ମହିଳା ସମିତିରେ ପାଳିତ ହୋଇ ଆସୁଥିବା ବେଳେ ଭାରତ ସରକାରଙ୍କ ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ମୁତାବକ ଅନଲାଇନରେ କର୍ଣ୍ଣାଟନ ଦମ୍ପତି ଆବେଦନ କରିଥିଲେ। ଏହି ଦମ୍ପତି ନିଃସନ୍ତାନ ଥିବାବେଳେ ସେମାନେ ସାଇଶ୍ରଦ୍ଧାଙ୍କୁ ଦେଖି ନିଜ ଝିଅ ଭାବେ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିବା ସହ ଆଇନ ମୁତାବକ ଅନୁମୋଦନ ପ୍ରାପ୍ତ ହୋଇଥିବା ଜଣାପଡିଛି। ଏହି କନ୍ୟା ସନ୍ତାନକୁ ଶୁକ୍ରବାର ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ କର୍ଣ୍ଣାଟକର ଦମ୍ପତି ମନୋହର ଓ ସୁଧାଙ୍କୁ ହସ୍ତାନ୍ତର କରିଛନ୍ତି। ଏହି ହସ୍ତାନ୍ତର ସମୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ବାଦଲ ଦାସ, ପଲିଶ୍ରୀର ଶ୍ରୀକାନ୍ତ ନାୟକ,ବିଜୟ କୁମାର ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗୋଠଛଡା ଦନ୍ତାହାତୀର ଉପଦ୍ରବ : ଭାଙ୍ଗିଲା ଘର, ଖାଇଲା ଧାନଚାଉଳ

କେନ୍ଦୁଝର,୨୬/୦୩ (ନି.ପ୍ର): କେନ୍ଦୁଝର ଜିଲ୍ଲାର ତେଲକୋଇ ଅଂଚଳରେ ହାତୀଙ୍କର ଉପଦ୍ରବ ଥମିବାର ନାମ ନେଉ ନାହିଁ । କେତେବେଳେ ଦଳବଦ୍ଧ ଭାବେ ହାତୀ ବିଭିନ୍ନ ଗାଁ ରେ ପଶି ଉତ୍ପାତ କରୁଥିବା ବେଳେ କେତେବେଳେ ଗୋଟିକିଆ ଦନ୍ତା ହାତୀର ଉତ୍ପାତ ଦେଖିବାକୁ ମିଳୁଛି । ଏବେ ଏହି ତେଲକୋଇ ବନାଚଂଳରେ ଅଧିକାଂଶ ସମୟରେ ଏକ ଗୋଠ ଛଡା ଦନ୍ତା ହାତୀର ଉପଦ୍ରବ ଲାଗି ରହିଥିବା ବେଳେ ତାହା ଗ୍ରାମାଚଂଳ ଲୋକଙ୍କର ନିଦ ହଜାଇ ଦେଲାଣି । ଏହାର ଉପଦ୍ରବରେ ଲୋକମାନେ ନିଜ ନିଜ ନିଜ ର ଧନ ଜୀବନର ସୁରକ୍ଷା ପାଇଁ ଚିନ୍ତିତ ହୋଇ ପଡିଛନ୍ତି। ଲୋକମାନେ ଏହି ଗୋଠ ଛଡା ଦନ୍ତା ହାତୀଟି ଅଧିକ ଉଗ୍ର ସ୍ୱଭାବର ହୋଇଥିବା ବେଳେ କେତେବେଳେ ଯେ କେଉଁଠାରେ ହଠାତ୍ ଆସି ପହଂଚି ଯାଉଛି ତାହା ଠଉରାଇବା ସାଧାରଣଙ୍କ ପକ୍ଷରେ ସଂପୂର୍ଣ୍ଣ ଅସମ୍ଭବ ହୋଇ ପଡୁଛି । କେତେବେଳେ ଏହି ଦନ୍ତାଟି ମାରିବାକୁ ଗୋଡାଉ ଅଛି ତ କେତେବେଳେ କାହାର ଘର ଭାଙ୍ଗିଲାଣି। କିଛି ଦିନର ବ୍ୟବଧାନ ପରେ ପୁଣି ଗତ କାଲି ଠାରୁ ଏହି ଦନ୍ତା ହାତୀଟିର ଆବିର୍ଭାବ ହୋଇଛି । । ସଂଧ୍ୟା ନ ହେଉଣୁ ଖାଦ୍ୟ ସନ୍ଧାନରେ ହଠାତ୍ ଗାଁ ଭିତରୁକୁ ପଶି ଆସୁଛି ଏହି ଦନ୍ତିଟି । ଗତକାଲି ବିଳମ୍ବିତ ରାତ୍ରୀରେ ଏହି ଗୋଠ ଛଡା ଦନ୍ତା ହାତୀଟି ତେଲକୋଇ ରେଞ୍ଜ ଅନ୍ତର୍ଗତ ବିମଳା ଫରେଷ୍ଟ ବିଟ୍ ରାଇସୁଆଁ ପଂଚାୟତ ରାଣିବେଡା ଗାଁ ନୂଆସାହୀରେ ପଶି ଥିଲା । ଏବଂ ଗାଁର ଧର ମୁଣ୍ଡାଙ୍କ ଘରକୁ ଭାଙ୍ଗି ଘର ଭିତରେ ସଂଚିତ ଥିବା ଧାନ ଚାଉଳକୁ ଭିଡି ଆଣି ଖାଇବା ସହ କଦଳୀ ଗଛ ସବୁକୁ ଦଳି ମକଚି ନଷ୍ଟ କରିଦେଇଛି । ରାତି ଅଧରେ ହାତୀ ଘର ଭାଙ୍ଗିବା ଦେଖି ଧର ମୁଣ୍ଡା ନିଜର ଛୋଟ ଛୁଆଙ୍କୁ ଧରି ପ୍ରାଣ ବିକଳରେ ଦୌଡି ପଳାଇ ଯିବାରୁ ବଂଚି ଯାଇ ପାରିଲା ବୋଲି କହିଛନ୍ତି । ଏବଂ ତାଙ୍କ ପାଟି ଶୁଣି ଗାଁ ଲୋକମାନେ ନିଆଂ ହୁଳା ସାହାର୍ଯ୍ୟରେ ହାତୀକୁ ଘୁଡାଇ ଦେବାରେ ସମର୍ଥ ହୋଇଥିଲେ । ବନ ବିଭାଗକୁ ତୁରନ୍ତ ହାତୀର ଉପସ୍ଥିତ ସଂପର୍କରେ ସୂଚନା ଦେବାପରେ ମଧ୍ୟ ସେମାନେ ଘଟଣାସ୍ଥଳକୁ ନ ଆସିବା ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗି ରହିଛି । ଏବେ ଖରାଦିନରେ ଜଙ୍ଗଲରେ ନିଆଁ ଲଗୁଥିବାରୁ ହାତୀ ଗାଁ ଭିତରକୁ ପଶି ଆସୁଥିବା ଗାଁ ଲୋକମାନେ କହିଛନ୍ତି । ଅନରୁପ ଭାବେ ଜଙ୍ଗଲରେ ଏହି ନିଆଁ କରାଣରୁ ଅନ୍ୟ ବନ୍ୟ ଜନ୍ତୁ ମାନଙ୍କର ଜୀବନ ପ୍ରତି ବିପଦ ଦେଖା ଯିବା ସହ ସେମାନଙ୍କର ଖାଦ୍ୟ ସବୁ ଜଳି ପଡି ମଧ୍ୟ ନଷ୍ଟ ହୋଇ ଯାଉଥିବାରୁ ସେମାନଙ୍କ ପାଇଁ ଖାଦ୍ୟର ଅଭାବ ଦେଖା ଦେଇଛି । ଫଳରେ ଖାଦ୍ୟ ଅନ୍ୱେଷଣରେ ସେମାନେ ସ୍ୱଭାବିକ ଭାବେ ଜନପଦ ଆଡକୁ ମାଡି ଆସୁଛନ୍ତି। ବନ ବିଭାଗ ଏଦିଗରେ ଅଧିକରୁ ଅଧିକ ସଚେତନ ହେବାସହ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇ ପଡିଛି ବୋଲି ମତ ପ୍ରକାଶ ପାଇଛି ।

# ଖୋଲିଲା ସୈନିକ ସ୍କୁଲ : ଆରମ୍ଭ ହେଲା ଛାତ୍ରଛାତ୍ରୀଙ୍କ ଆଗମନ

ସମ୍ବଲପୁର,୨୬/୦୩ (ନି.ପ୍ର): ସମ୍ବଲପୁରରେ ନବନିର୍ମିତ ସୈନିକ ସ୍କୁଲରେ ଆଜି ଛାତ୍ରଛାତ୍ରୀ ମାନଙ୍କର ଆଗମନ ପ୍ରକ୍ରିୟା ଆରମ୍ଭ ହୋଇଛି। ଦେଶର ବିଭିନ୍ନ ରାଜ୍ୟରୁ ଛାତ୍ରଛାତ୍ରୀ ମାନେ ଆଜି ଆସି ସ୍କୁଲରେ ଉପସ୍ଥିତ ହେଇଛନ୍ତି। ସୂଚନଯୋଗ୍ୟ ଯେ ଏହି ସ୍କୁଲ ପ୍ରତିଷ୍ଠା ହେବା ପରେ ୨୦୨୦ ମସିହାରେ ଏହାର ପ୍ରଥମ ବ୍ୟାଚକୁ ନେଇ ସ୍କୁଲର ଶିକ୍ଷାବର୍ଷ ଆରମ୍ଭ କରାଯାଇଥିଲା। ପରେପରେ କରୋନା ସଂକ୍ରମଣ ମହାମାରୀ ଯୋଗୁଁ ସ୍କୁଲ ଶିକ୍ଷଣ ପ୍ରକ୍ରିୟା ଅନଲାଇନ୍ ମାଧମରେ ପରିଚାଳନା ଯାଉଥିଲା । ତେବେ ବର୍ତ୍ତମାନ ପରିସ୍ଥିତି ସୁଧୁରିବା ପରେ ଏବେ ଛାତ୍ରଛାତ୍ରୀ ମାନଙ୍କର ଆଗମନ ଆରମ୍ଭ ହେଉଛି। ଏହି ପ୍ରକ୍ରିୟା ଆଜିଠାରୁ ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ପ୍ରତ୍ୟେକ ଦିନ ୫୦ ଜଣ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ରହିବ ଓ ଏହିଭଳି ଭାବରେ ୨୦୦ ଛାତ୍ର ଛାତ୍ରୀଙ୍କୁ ପ୍ରବେଶ କରାଯିବ ବୋଲି ପରିଚାଳନା କର୍ତ୍ତୃପକ୍ଷଙ୍କ ସୂତ୍ରରୁ ପ୍ରକାଶ। ସୂଚନା ଥାଉ କି ଏହି ନବନିର୍ମିତ ସ୍କୁଲର ପ୍ରତିଷ୍ଠା ପରେ ଚଳିତ ବର୍ଷର ଛାତ୍ରଛାତ୍ରୀ ମାନଙ୍କର ଏହା ପ୍ରଥମ ପର୍ଯ୍ୟାୟ ପ୍ରବେଶ ।

# ଜିଲ୍ଲାରେ ବେଆଇନ ଶହ ଶହ ଇଟାଭାଟି : କାମ କରୁଛନ୍ତି ଶିଶୁ ଶ୍ରମିକ

କେନ୍ଦ୍ରାପଡା,୨୬/୦୩ (ନି.ପ୍ର): ଶିଶୁ ସୁରକ୍ଷା ଆଇନକୁ ଉଲଙ୍ଘନ କରି କୋମଳମତୀ ନାବାଳକ ନାବାଳିକାଙ୍କୁ ଶ୍ରମିକ ଭାବେ ଇଟାଭାଟିରେ ବ୍ୟବହାର କରାଯାଉଛି। କର୍ଣ୍ଣାଟକ, ଆନ୍ଧ୍ର, ଛତିଶଗଡ, ଓଡିଶାର ବ୍ରହ୍ମପୁର, ମୟୁରଭଞ୍ଜ ପ୍ରଭୃତି ଅଂଚଳରୁ ଶ୍ରମିକ ଦଲାଲ ମାନେ ବହୁ ସଂଖ୍ୟକ ଶିଶୁ ମାନଙ୍କୁ ସଂଗ୍ରହ କରି ଶ୍ରମିକ ଭାବେ ନିୟୋଜିତ କରିଛନ୍ତି । ନାଲି ଇଟାଭାଟି ବେଆଇନ ହୋଇଥିବା ବେଳେ ଜିଲ୍ଲାର ବିଭିନ୍ନ ଅଂଚଳରେ ସରକାରୀ ଜମି, ଗୋଚର ଅନାବାଦୀ, ନଦୀ ପଠା ମାନଙ୍କରେ ମାଟିତାଡି ଇଟା ମାଫିଆ ମାନେ ଚୋରାରେ ବହୁ ସଂଖ୍ୟକ ଇଟାଭାଟି କରୁଥିବାରୁ ଜିଲ୍ଲା ପ୍ରଶାସନ ଓ ତହସିଲ ପ୍ରଶାସନ ନିରବଦ୍ରଷ୍ଟା ହୋଇ ବସିଛି । ଖୋଲା ଇଟାଭାଟି ବେଆଇନ ତଥା ଉତାପ ବୃଦ୍ଧି ଓ ପରିବେଶ ଦୂଷିତ କରିବାରେ ଲାଗିଥିବା ବେଳେ ଶିଶୁ ଶ୍ରମିକ କାର୍ଯ୍ୟ କରିବା ସଂପୂର୍ଣ୍ଣ ବେଅଇଇନ ହୋଇଥିଲେ ମଧ ଏଭଳି ବେଆଇନ କାର୍ଯ୍ୟ ପ୍ରତି ଜିଲ୍ଲା ପ୍ରଶାସନ ଆଖି ବୁଜି ଦେଇଥିବା ବୁଦ୍ଧିଜୀବି ଓ ପରିବେଶ ବିତ୍ ମାନଙ୍କୁ ଚିନ୍ତାରେ ପକାଇଛି । ଏନେଇ ବରିଷ୍ଠ ଆଇନଜୀବି ବିଦୂ ଭୂଷଣ ମହାପାତ୍ର, ଶ୍ରମିକ ନେତା ଫକିର ଖଟୁଆ, ଜଗତ ଜୀବନ ଦାସ, ନଗେନ୍ଦ୍ର ଜେନା ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣାଙ୍କୁ ଭେଟି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି ।

# କେ କେ ସି ମେମୋରିଆଲ କପ୍ ଉଦ୍‌ଯାପିତ

ପୁରୀ,୨୬/୦୩ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ର ବ୍ୟକ୍ତିତ୍ୱ ନିର୍ମାଣ ର ବିନ୍ଧାଣି ଭାବରେ ପରିଚିତ, ଶ୍ରେଷ୍ଠ ସଂଗଠକ , ବିଭିନ୍ନ ପ୍ରତିଭା ର ଅନନ୍ୟ ବ୍ୟକ୍ତିତ୍ୱ , ତଥା ପୂର୍ବତନ ରାଜ୍ୟ ସଂଗଠନ ସମ୍ପାଦକ କୁମାର କୃଷ୍ଣ ଚନ୍ଦ୍ର ରାୟ ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଯାଇଛି ।ତାଙ୍କ ଅମରଆତ୍ମା କୁ ଶ୍ରଦ୍ଧାଂଜଳି ଦେବା ନିମନ୍ତେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପୁରୀ ନଗର ତରଫରୁ ଏକ ଅନ୍ତଃମହାବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ ନିକଟସ୍ଥ ଖେଳ ପଡିଆ ରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିଥିଲା। ପୁରୀ ସହର ର ୮ ଗୋଟି ମହାବିଦ୍ୟାଳୟ ର ଛାତ୍ର ମାନେ ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ରେ ଭାଗ ନେଇଥିଲେ। ଏସ.ସି.ଏସ କଲେଜ , ଶାହା କଲେଜ , ବେଦ କର୍ମକାଣ୍ଡ କଲେଜ ,ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସି.ଏମ.ଟି କଲେଜ , କାଣ୍ଡଗଦା କଲେଜ , ଗୋପବନ୍ଧୁ ଆୟୁର୍ବେଦ କଲେଜ, ଆଇ ଟି ଆଇ କଲେଜ ଅଂଶଗ୍ରହଣ କରିଥିଲେ। ଏଥିମଧରୁ ସୁରଜମଲ ଶାହା ମହାବିଦ୍ୟାଳୟର ଛାତ୍ର ମାନେ ଏହି ଟୁର୍ଣ୍ଣାମେଣ୍ଟରେ ବିଜୟୀ ହୋଇଥିଲେ । ବିଜୟୀ ଦଳ କୁ ଅତିଥି ଟ୍ରଫି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ର ସଂଯୋଜନା ଲିଟୁନ ଦାସ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ପୁରୀ ନଗର ସମ୍ପାଦକ ଶିବ ଶଙ୍କର ବେହେରା ,ନଗର ଉପସଭାପତି ଡଃ ରାକେଶ କୁମାର ମିଶ୍ର, ଜିଲା ଏସ ଏଫ୍ ଏସ ପ୍ରମୁଖ କୃଷ୍ଣ ଚନ୍ଦ୍ର ସାହୁ, ବିଭାଗ ଏସ ଏଫ୍ ଡି ପ୍ରମୁଖ ଶିବାନନ୍ଦ ପାଢ଼ୀ,ପୁରୀ ଜିଲ୍ଲା ସଂଯୋଜକ ତାରା ପ୍ରସାଦ ଦାଶ ନଗର ର ଅନ୍ୟାନ୍ୟ କାର୍ଯକର୍ତ୍ତା ରାକେଶ ସାହୁ ଆଦି କାର୍ଯକର୍ତ୍ତା ଉପସ୍ଥିତ ରହି ଏହାକୁ ସମ୍ପାଦନ କରିଥିଲେ।

# ଆଶାକର୍ମୀ ଆନ୍ଦୋଳନ ସଫଳ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡା,୨୬/୦୩ (ନି.ପ୍ର): ନିଖିଳ ଓଡିଶା ଆଶାକର୍ମୀ ସଂଘ, କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧିନ ଫେଡେରେଶନ ମାନଙ୍କ ମିଳିତ ସଂଯୋଜନାରେ ଚଳିତ ମାସ ୨୮ ତାରିଖ ଦିନ ଆନ୍ଦୋଳନ ଡାକରା ଦିଆଯାଇଛି। ଏନେଇ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ଉପ ସଭାପତି ଭଜହରି ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଂପାଦିକା କ୍ରାନ୍ତିପ୍ରଭା ନାୟକ ୨ଦିନ ଧରି ଦେଶବ୍ୟାପି ଆନ୍‌ଦୋଳନ ଡାକରା ଦିଆଯିବାର ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେବାସହ ଆଶାକର୍ମୀଙ୍କ ୧୨ ଦଫା ଦାବି ପୁରଣ ସଂଶୋଧିତ ଶ୍ରମ ଆଇନ ବାତିଲ, ସରକାରୀ ଚାକିରୀରେ ଖାଲି ପଡିଥିବା ପଦବୀ ପୁରଣ ଆଦି ଦାବି ଗୁଡିକୁ ପୁରଣ ପାଇଁ ଆନ୍ଦୋଳନ ଡାକରା ଦିଆଯାଇ ଥିଭା ସୂଚନା ଦେଇଥିଲେ । ୨୮ ତାରିଖରେ ତିନିମୁହାଣୀ ଠାରୁ ଏକ ଆଶାକର୍ମୀଙ୍କ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବେ ବୋଲି ସୂଚନା ଦିଆଯାଇଛି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର୍
ରବିବାର, ୨୭ ମାର୍ଚ୍ଚ, ୨୦୨୨
email : rabibarachayan2015@gmail.com



......ସୁଚୟନ ସୁଚୟନ ସୁଚୟନ...... କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା

ଭାଗ-୬୭
(ପୂର୍ବ ପ୍ରକାଶିତ ଉତ୍ତାରୁ...)



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ମେ ମାସ ତା ୨୯ ରିଖ ଦିନ ବିହାର ଓ ଓଡ଼ିଶାର ଗେଜେଟରେ ଦେଖିଲି, ମୋର ସମ୍ବଲପୁରକୁ ବଦଳି ହୁକୁମ ପ୍ରକାଶିତ ହୋଇଅଛି ଓ ସେହି ଗେଜେଟରେ ଛୁଟିରେ ଥିବା ସବ୍‌ଡେପୁଟି କଲେକ୍ଟର ଲାବଣ୍ୟମୋହନ ସାନ୍ୟାଲ ମୋ ସ୍ଥାନରେ ଯାଜପୁରରେ ଅବସ୍ଥାପିତ ହୋଇଅଛନ୍ତି । ସିଭିଲ ଲିଷ୍ଟ ଫିଟାଇ ଦେଖିଲି ଲାବଣ୍ୟ ବାବୁଙ୍କ ଛୁଟି ଶେଷହେବାକୁ ଆଉ ୧୫ ଦିନ ବାକି ଅଛି ଓ ତପ୍ରରେ ସେ ଯାଜପୁରରେ ନିଜ କାର୍ଯ୍ୟରେ ଯୋଗଦେବେ । ତା' ହେଲେ ସେ ଜୁନ୍ ମାସ ମଧ୍ୟରେ ଆସିବେ । ସୁତରାଂ ହେମେନ୍ଦ୍ର ବାବୁଙ୍କ ଗଣନା କେତେକାଂଶରେ ବି ତ ଭୁଲ ହେଲା ବୋଲି ତାଙ୍କୁ କଟକକୁ ଏହିକଥା ଜଣାଇ ପତ୍ର ଲେଖିଲି । ତାଙ୍କଠାରୁ ଉତ୍ତର ପାଇବା ପୂର୍ବେ ପର ସପ୍ତାହରେ ପ୍ରକାଶିତ ଗେଜେଟ୍‌ରେ ଦେଖିଲି, ଲାବଣ୍ୟ ବାବୁ ଆଉ ଦୁଇମାସ ଛୁଟି ବଢ଼ାଇଛନ୍ତି । ତାହାହେଲେ ଅଗଷ୍ଟ ମାସରେ ସେ ଆସିବେ । ସୁତରାଂ ଗଣନା ଆହୁରି ଭଲ ହୋଇଗଲା । ତାଙ୍କଠାରୁ ପୁଣି ପତ୍ର ଲେଖିଲି । ସେ ଲେଖିଲେ ଯେ, ତାଙ୍କ ଗଣନାରେ କିଛି ଭୁଲ୍ ନାହିଁ । ମୋତେ ନିଶ୍ଚୟ ଜୁଲାଇ ୧୧ ତାରିଖରେ ଯାଜପୁର ତ୍ୟାଗ କରିବାକୁ ହେବ । ଲାବଣ୍ୟ ବାବୁଙ୍କ ପରିବର୍ତ୍ତେ ମୋ ସ୍ଥଳରେ ଆଉ କୌଣସି ଅଫିସର ଆସିବା ବ୍ୟବସ୍ଥା ହୋଇପାରେ । ସମ୍ବଲପୁରରେ କିଛିଦିନ ହେଲେ ରହିବା ସୁଯୋଗର ଲୋଭ ସମ୍ବରଣ କରିପାରିଲି ନାହିଁ । ପରିବାର ସେହିଠାରେ ରହିଅଛନ୍ତି । ଜ୍ୟେଷ୍ଠ ପୁତ୍ର ସତ୍ୟଗୋପାଳ ସେତେବେଳେ ହାଇସ୍କୁଲରେ ପଢ଼ିଲାଣି । ତାହାର ଶିକ୍ଷା ପ୍ରତି ଦୃଷ୍ଟି ଦେଇପାରିବି । ସମ୍ବଲପୁରରେ ଘର ନିର୍ମାଣ ଆରମ୍ଭ କରିଦେଇଥିଲି । ତାହା ସମାପ୍ତ କରିପାରିବି । ହେମେନ୍ଦ୍ର ବାବୁଙ୍କ କଥା ଉପରେ ନିର୍ଭରକରି ସେହିଦିନରୁ ଅପେକ୍ଷା କରି କରି ରହିଲି । ଏହାଙ୍କ କଥା ଯଦି ସତ ହୁଏ, ତାହାହେଲେ ଅନ୍ୟ କୌଣସି ଅଫିସର ଆସିବେ । ଜାଣିବା ପାଇଁ କଟକରେ କମିଶନରଙ୍କ ସହିତ ସାକ୍ଷାତ କଲି ଓ ସମ୍ବଲପୁରକୁ ମୋତେ ଛାଡ଼ିଦେବା ସକାଶେ ଅନୁରୋଧ କଲି । ସେ କହିଲେ ଯେ, ଗଭର୍ଣ୍ଣମେଣ୍ଟ ତାଙ୍କୁ ନଜଣାଇ ମୋତେ ବଦଳି କରିଅଛନ୍ତି । ସୁତରାଂ ଓଡ଼ିଶାରୁ କୌଣସି ଅଫିସର ପଠାଇପାରିବେ ନାହିଁ । ବିହାରରୁ କେହି ନଆସିଲେ ମୁଁ ଯାଇପାରିବି ନାହିଁ; ଏପରି ଭାବରେ କେତେକ ପରିମାଣରେ ହେମେନ୍ଦ୍ର ବାବୁଙ୍କ କଥାରେ ନିର୍ଭର କରି ସୁଦ୍ଧା ହତାଶ ଭାବରେ ଦିନ କଟାଇବାକୁ ଲାଗିଲି । ଜୁଲାଇ ୯ ତାରିଖ ସକାଳେ ବସାରେ ବସିଛି, ନାଜିର ରାଧାଶ୍ୟାମ ନାୟକ ଆସି ମୋତେ ଗୋଟିଏ ଟେଲିଗ୍ରାମ ଦେଖାଇଲେ । ବିହାର ଅନ୍ତର୍ଗତ ସାରଣ ଜିଲ୍ଲାସ୍ଥ ଗୋପାଳଗଞ୍ଜ ସବ୍‌ଡିଭିଜନ୍‌ରେ ଥିବା ସବ୍‌ଡେପୁଟି କଲେକ୍ଟର ଏନାଏତ୍ ଅହମ୍ମଦ ବିଲଗ୍ରାମି ୯ ତାରିଖରେ ଯାଜପୁର ରୋଡ଼ ଷ୍ଟେସନରେ ପହଞ୍ଚିବେ ବୋଲି ଜଣାଇ ତାଙ୍କ ସକାଶେ ଷ୍ଟେସନରୁ ଯାଜପୁରକୁ ଯିବା ସକାଶେ ବନ୍ଦୋବସ୍ତ କରିବା ପାଇଁ ଲେଖିଛନ୍ତି । ସବ୍‌ଡିଭିଜନାଲ୍ ଅଫିସର କାର୍ତ୍ତିକ ବାବୁ ଗସ୍ତରେ ଥିଲେ । ଯାଜପୁର ରୋଡ଼ ଷ୍ଟେସନରେ ମୋଟର ବନ୍ଦୋବସ୍ତ ହେଲା ଓ ସେହିଦିନ ସନ୍ଧ୍ୟାରେ ବିଲଗ୍ରାମି ସାହେବ ଯାଜପୁରରେ ଉପସ୍ଥିତ ହେଲେ ।

୧୦ ତାରିଖରେ ଚାର୍ଜ ଦେଇ ସେଇଦିନ ଚାଲିଯିବି ବୋଲି ମନେ ମନେ ସ୍ଥିରକଲି । ତାହାହେଲେ ହେମେନ୍ଦ୍ର ବାବୁଙ୍କ ଗଣନା କିୟତ୍ ପରିମାଣରେ ହେଲେ ତ ଭୁଲ୍ ହେବ । ୧୦ ତାରିଖ ପୂର୍ବାହ୍ନରେ ଚାର୍ଜ ଦେଲି, କିନ୍ତୁ କଚେରୀରେ ମୁଁ ସେହିଦିନ ଯାଉଥିବା ସମ୍ବାଦ ଯେତେବେଳେ ଦେଲି ସମସ୍ତ ଅମଲା, ଓକିଲ, ମୋକ୍ତାର ଅନ୍ୟାନ୍ୟ ବନ୍ଧୁମାନେ ଏକଜିଦ୍ ଧରିବସିଲେ ଯେ, ସେହିରାତ୍ରରେ ମୋର ବିଦାୟ ଉପଲକ୍ଷେ ସଭା, ଭୋଜି ଆଦି ହେବ ଓ ସେହିଦିନ ମୋତେ ସେମାନେ କୌଣସିମତେ ଛାଡ଼ିଦେବେ ନାହିଁ । କାର୍ତ୍ତିକବାବୁ ସେହିଦିନ ଗସ୍ତରୁ ଫେରିଲେ । ସେ ମଧ ସେମାନଙ୍କ ସହିତ ଯୋଗଦେଲେ । ଏହି କେତୋଟି ମାସ ମାତ୍ର ଅବସ୍ଥାନରେ ଯାଜପୁରର ଶିକ୍ଷିତ ସମାଜରେ ମୋର ଅନେକ ବନ୍ଧୁ ହୋଇଯାଇଥିଲେ । ମୋ ପ୍ରତି ସମସ୍ତଙ୍କ ସଦୟ ବ୍ୟବହାର । ଦିନେହେଲେ କୌଣସି କାରଣରୁ କ୍ଲବ୍‌କୁ ଯାଇନପାରିଲେ ଅନେକ ବନ୍ଧୁ ମୋ ବସାକୁ ଆସି କ୍ଲବ୍‌କୁ ମୋତେ ନେଇଯାନ୍ତି ଓ ଛାନ୍ଦ ବୋଲିବାକୁ କହନ୍ତି । ଅଗତ୍ୟା ମୋତେ ସେଦିନ ରହିବା ସକାଶେ ସ୍ୱୀକୃତ ହେବାକୁ ହେଲା । ମୋର ବିଦାୟ ଉପଲକ୍ଷରେ କଚେରୀରେ ସେଦିନ ଗୋଟାଏ ଚାଞ୍ଚଲ୍ୟ ଖେଳିଗଲା । ଓକିଲ ଶ୍ରୀ ଗୋବିନ୍ଦପ୍ରସାଦ ବସୁ, କୃଷ୍ଣପ୍ରସାଦ ସିଂହ ପ୍ରଭୃତି ବନ୍ଧୁମାନେ ଆସି ମୋତେ କହିଲେ ଯେ, ସେମାନେ ମୋର ବଦଳି ବନ୍ଦ କରିବା ସକାଶେ ସରକାରଙ୍କଠାକୁ ଅନୁରୋଧ ପତ୍ର ପଠାଇବେ ଏବଂ ଏଥିରେ ଆପତ୍ତି ନକରିବାକୁ ମୋତେ କେତେ ଅନୁରୋଧ କଲେ । ସେପରି କିଛି ନକରିବା ପାଇଁ ବନ୍ଧୁମାନଙ୍କୁ ମୁଁ ଅନୁରୋଧ କଲି । ନିଜଘରେ ରହିବା ସୁଯୋଗ କ୍ୱଚିତ୍ କୌଣସି ଅଫିସରଙ୍କ ଭାଗ୍ୟରେ ଘଟିଥାଏ । ବଣେଇ ଜୀବନର କଠୋର ଅନୁଭୂତିର ଉପଶମ ମୋର ଯାଜପୁରରେ ଏହି ଛଅମାସ ମାତ୍ର ଅବସ୍ଥାନ ଦ୍ୱାରା ସଂଘଟିତ ହୋଇଥିଲା । ଏହା ଉତ୍ତାରେ ଭାଗ୍ୟରେ ସୁସମୟ ଉପସ୍ଥିତ ହେଲେ କିଛିଦିନ ହେଲେ ଘରେ ରହିବି । ବନ୍ଧୁମାନେ ମୋର ବଦଳି ଯୋଗୁଁ ବ୍ୟଥିତ ହୋଇଥିଲେ ହେଁ ମୋର ଅନୁରୋଧ ରକ୍ଷା କରିବା ପାଇଁ ପ୍ରତିଶ୍ରୁତ ହେଲେ । ସେହିଦିନ ସନ୍ଧ୍ୟାରେ ସଭାହେଲା । ସଭାରେ ମୋର ସାହିତ୍ୟଚର୍ଚ୍ଚା, ପୁରାତନ ସାହିତ୍ୟଜ୍ଞାନର କେତେ ଅଯଥା ପ୍ରଶଂସା ଅନେକ ବନ୍ଧୁଙ୍କ ବକ୍ତୃତାର ପ୍ରଧାନ ଉପାଦାନ ହୋଇଥିଲା । ତପ୍ରରେ ଭୋଜି ଓ ଭୋଜି ପରେ ଗୋଟିପୁଅ ନାଚ ଓ ସଙ୍ଗୀତ ରାତ୍ର ଦୁଇଟା ପର୍ଯ୍ୟନ୍ତ ହୋଇଥିଲା । ଏ ପ୍ରକାର ସକରୁଣ ବ୍ୟବହାର ମୁଁ ମୋର ଜୀବନରେ କୌଣସିଠାରେ ପାଇନଥିଲି । ଜଣ ଜଣ ହୋଇ ବନ୍ଧୁମାନେ ଯେତେବେଳେ ମୋ ନିକଟକୁ ଆସି ମୋଠାରୁ ବିଦାୟ ଘେନିଯିବାକୁ ଲାଗିଲେ । ମୋର କଣ୍ଠ ରୁଦ୍ଧ ହେବାକୁ ଲାଗିଲା ଓ ଗଳଦଶ୍ରୁ ନେତ୍ରରେ ସମସ୍ତଙ୍କଠାରୁ ମୁଁ ବିଦାୟ ଗ୍ରହଣ କରିଥିଲି ।

ଉକିର ଟ୍ୟାକ୍ସିବାଲାକୁ ଭୋର୍ ଛଅଟା ବେଳେ ତାହାର ମୋଟର ଆଣି ମୋ ବସା ସମ୍ମୁଖରେ ରଖିବାକୁ କହିଲି । ରାତି ପାହାନ୍ତାରୁ ଉଠି ଛଅଟାବେଳକୁ ଯିବାପାଇଁ ପ୍ରସ୍ତୁତ ହୋଇରହିଲି । ହେମେନ୍ଦ୍ରବାବୁଙ୍କ ଗଣନା ତ ଏତେବେଳ ପର୍ଯ୍ୟନ୍ତ ମୋ ଜୀବନର ପ୍ରତ୍ୟେକ ଘଟଣାରେ ପ୍ରକୃତ ଥିବା ପ୍ରମାଣିତ ହୋଇ ଆସିଅଛି । ସେହିଦିନ ୯ଟା ୧୦ଟା ମଧ୍ୟରେ ଯାଜପୁର ଛାଡ଼ିବା ଗଣନାର ସତ୍ୟାସତ୍ୟ ପରୀକ୍ଷା ବାକି ଅଛି । ଟ୍ୟାକ୍ସି ଅପେକ୍ଷାରେ ୬ଟା ବେଳେ ବସିରହିଲି । ଏହି ମୁହୂର୍ତ୍ତରେ ଆସିଲେ ସେହିକ୍ଷଣି ବାହାରିପଡ଼ିବି । ତାହାହେଲେ କିୟତ୍ ପରିମାଣରେ ହେଲେ ତ ଗଣନା ଭୁଲ୍ ହେବ । ସାଢ଼େ ଛଅଟା ହେଲା, ତଥାପି ମୋଟରର ଦେଖାନାହିଁ । ଚପରାସୀକୁ ପଠାଇଲି । ମୋ ବସାର ପ୍ରାୟ ତିନିମାଇଲ୍ ଦୂରରେ ଉକିର ରହେ । ସାତଟା ବାଜିଲା । ତଥାପି ତାହାର କିମ୍ବା ମୋଟରର ଦେଖାନାହିଁ । ମୁଁ ବ୍ୟସ୍ତ ହୋଇପଡ଼ିଲି । ଘଣ୍ଟାକର ସୁଦ୍ଧା ବ୍ୟବଧାନରେ ହେମେନ୍ଦ୍ର ବାବୁଙ୍କ ଗଣନାର ଭୁଲ୍ ହେଉଛି କି ନା ପରୀକ୍ଷା କରିବା ମୋର ଇଚ୍ଛା । ଯେତେବେଳେ ଦେଖିଲି ଆଠଟା ବାଜିଲା, ତଥାପି ମୋଟର ଆସିଲା ନାହିଁ, ବାଇସାଇକେଲ୍‌ରେ ମୁଁ ନିଜେ ଗଲି ଓ ଦେଖିଲି, ବାଟରେ ମୋ ବସାରୁ ପ୍ରାୟ ମାଇଲିଏ ଦୂରରେ ମୋଟର ଛିଡ଼ା ହୋଇଛି । ବୁଝିଲି, ମୋଟର ଠିକ୍ ଛଅଟା ବେଳେ ବାହାରିଥିଲା; କିନ୍ତୁ ଗୋଟାକ ପରେ ଗୋଟାଏ ଦୁଇଟି ଚକର ଟାୟାର ଫାଟିଯିବାରୁ ସେ ପର୍ଯ୍ୟନ୍ତ ଯାଇପାରିନାହିଁ । ମୋ ସମ୍ମୁଖରେ ଚକ ମରାମତି ହେଲା ଓ ନଅଟା ପୂର୍ବରୁ ମରାମତି ଶେଷହୋଇ ପାରିଲା ନାହିଁ । ମୁଁ ସାଢ଼େ ନଅଟା ବେଳେ ସେହି ମୋଟରରେ ଯାଜପୁର ତ୍ୟାଗକଲି । ଜ୍ୟୋତିଷଶାସ୍ତ୍ରର ମହତ୍ତ୍ୱ ଓ ହେମେନ୍ଦ୍ର ବାବୁଙ୍କ ନିପୁଣତାର ମନେ ମନେ ଭକ୍ତି ଗଦ୍‌ଗଦ୍ ହୃଦୟରେ ପ୍ରଶଂସା କରିବାକୁ ଲାଗିଲି । ସେ ଆଉ ଇହ ଜଗତରେ ନାହାଁନ୍ତି ।

ଯାଜପୁରରେ ମୁଁ ଯେଉଁ ଛଅମାସ ରହିଥିଲି ଏପରି ସୁଖମୟ ଜୀବନଯାପନ ଅନ୍ୟ କୌଣସିଠାରେ ମୋ ଭାଗ୍ୟରେ ଘଟିନଥିଲା । ଯାଜପୁର ସବ୍‌ଡିଭିଜନ୍‌ର ଅମଲାମାନେ ମୋତେ କାରୁକାର୍ଯ୍ୟସମ୍ପନ୍ନ ଗୋଟିଏ ସୁନ୍ଦର ବାଡ଼ି ଉପହାର ଦେଇଥିଲେ । ଆଜିଯାଏ ତାହା ମୋ ପାଖରେ ଅଛି ଓ ମୋର ସେହି ସୁଖମୟ ଜୀବନର ସ୍ମୃତିଚିହ୍ନ ସ୍ୱରୂପ ପ୍ରତ୍ୟହ ମୁଁ ତାହା ବ୍ୟବହାର କରୁଅଛି । (କ୍ରମଶଃ)

## ପର୍ଦ୍ଦା ପଛର କଥା

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ଼ । ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।



ଭାଗ- ୪୧

### ॥ ଆମେ ସିନା ଓଲ୍ଡ ॥

'ଆମେ ସିନା ଓଲ୍ଡ଼, ଚବିଶ୍ କ୍ୟାରେଟ୍ ଗୋଲ୍ଡ, ବୋଲିଂ କରି ଦୁନିଆକୁ କରିଦେବା ବୋଲ୍ଡ । 'ଏମିତି ଗୋଟେ ଗୀତର ପରିକଳ୍ପନା ମତେ କରିବାକୁ ପଡ଼ିଥିଲା । ୨୦୧୦ର ଗୋଟିଏ ଚଳଚ୍ଚିତ୍ର ପାଇଁ । ଚଳଚ୍ଚିତ୍ରଟି ଥିଲା, 'ଭୁଲ୍ ବୁଝିବନି ମତେ' । ପ୍ରଯୋଜକ ଥିଲେ ଆଳୟ ମହାନ୍ତି । ଆଳୟ ମହାନ୍ତି ବୃତ୍ତିରେ ସାଂବାଦିକ । ଘର ଜଟଣୀ । ରୁହନ୍ତି ଭୁବନେଶ୍ୱରରେ । କ୍ୟାପିଟାଲ ହସ୍‌ପିଟାଲରେ ରେଡ୍‌କ୍ରସ ଅଫିସ୍‌ରେ ସବୁବେଳେ ବସିଥାନ୍ତି । ନିରାଶ୍ରୟ ରୋଗୀଙ୍କୁ ସହାୟତା ଯୋଗାଇ ଦେବାର କାମ । ସେଇଠି ତାଙ୍କ ସହ ପୂର୍ବରୁ ଦେଖା ହୋଇଥାଏ ଥରେ କି ଦୁଇଥର ।

ଚଳଚ୍ଚିତ୍ରଟିର ନିର୍ଦ୍ଦେଶକ କୁନାଳ ପଟ୍ଟନାୟକ । କୁନାଲ ସଂଗୀତ ନାଟକ ମହାବିଦ୍ୟାଳୟର ନାଟକ ବିଭାଗର ଛାତ୍ର ଥିଲେ । ଜଣେ ଚମତ୍କାର ଅଭିନେତା । ସାଧାରଣତଃ ସଂଗୀତ ନାଟକ ବିଭାଗର ଛାତ୍ରମାନଙ୍କ ସହ ମୋର ସଂପର୍କ ଥାଏ । ଟିଭି ହେଉ କି ସିନେମା ହେଉ ସୁଯୋଗ ପାଇଲେ ମୁଁ ଏମାନଙ୍କୁ ସୁଯୋଗ ଦେବାରେ ହେଳା କରି ନଥାଏ । କୁନାଳଙ୍କର ଏ ଚିତ୍ରଟି ଥିଲା ନିର୍ଦ୍ଦେଶନାରେ ପ୍ରଥମ ଅଭିନୟ । ପୂର୍ବରୁ କେତୋଟି ସର୍ଟ ଫିଲ୍ମ ଓ ଡକ୍ୟୁମେଣ୍ଟାରୀରେ ଅଭିନୟ ଓ ନିର୍ଦ୍ଦେଶନାରେ ଅଭିଜ୍ଞତା ସାଉଁଟି ଥାନ୍ତି । ଆଳୟ ମହାନ୍ତି ସ୍ଥିର କଲେ କୁନାଳ ହିଁ ନିର୍ଦ୍ଦେଶନା ଦେବେ । ଆଉ କୁନାଳଙ୍କ ପ୍ରଥମ ପସନ୍ଦ ଥିଲି ମୁଁ ।

କାହାଣୀ ସୁଟିଂ ଚାଲିଲା । ଆଳୟ ବାବୁ ସବୁଥିରେ ଆକ୍ଟିଭ୍ । ଭାରି ମଉଜିଆ ଲୋକ । ତାଙ୍କ ସହିତ ଏକ ପ୍ରଡକ୍ସନ୍‌ରେ ଥିଲେ ଡାକ୍ତର ରଥ । କାହାଣୀରେ ଜବରଦସ୍ତ ଟୁଇଷ୍ଟ ଥିଲା । ସାମାନ୍ୟ ଭୁଲ୍ ବୁଝାମଣା କିପରି ସଂପର୍କକୁ ବିଡ଼ମ୍ବିତ କରିପାରେ ତାହାହିଁ କାହାଣୀର ମୁଖ୍ୟ କଥା । ଦେବାଶିଷ ନାୟକ, ଦେବାଶିଷ ମୋ ସହିତ ବହୁ ଧାରାବାହିକରେ ନାୟକ । ଜଣେ ଡେଡିକେଟେଡ୍ ଅଭିନେତା । ପୁରା ଇନ୍‌ଭଲ୍‌ବ ଥାନ୍ତି ।

କୁନାଳ କାହାଣୀଟିକୁ ବ୍ୟବସାୟିକ ମସଲା ଦେବାକୁ ଚେଷ୍ଟା କରୁଥାନ୍ତି । ପିଣ୍ଟୁନନ୍ଦ ଓ ଅନ୍ୟାନ୍ୟ ବହୁ କଳାକାର ଅଭିନୟ କରୁଥାନ୍ତି । ଆମେଲି, ସୋନି ନାରୀ ଭୂମିକାରେ ଥାନ୍ତି । ସଂଗୀତରେ ସଜେଇଥାନ୍ତି ପ୍ରଶାନ୍ତ ପାଢ଼ୀ । ପ୍ରଶାନ୍ତ ବାବୁଙ୍କ ରାଜ୍ ସେତେବେଳେ ଓଲିଉଡ୍‌ରେ, ଗୋଟିଏ ଲିରିକ୍‌କୁ ନେଇ ମୁଁ ପ୍ରତିବାଦ କରିଥିଲି । ଗୀତଟି ଲେଖିଥିଲେ ବସନ୍ତରାଜ ସାମଲ । ଚମତ୍କାର ଲେଖିଥାନ୍ତି ହେଲେ ସିକ୍ୱେନ୍ସକୁ କେମିତି ଖାପ୍ ଛାଡ଼ା ଲାଗିଲା କିଛି ଶବ୍ଦକୁ ନେଇ । ନାୟକ କିଛିଦିନ ପାଇଁ ବାହାରକୁ ଯାଉଛି, ଘରେ ମା' ପ୍ରେମିକାଙ୍କ ଶୋକାକୁଳ ପରିବେଶ । ମାତ୍ର ଏହାକୁ ଭିନ୍ନ ଏକ ବନବାସ ବୋଲି ଅବିହିତ କରିବା କେତେଦୂର ସମୀଚିନ ମୁଁ ପ୍ରଶ୍ନ ଉଠାଇଲି । ମୁଁ ଯାହା କହିଥିଲି ଫିଲ୍ମଟିର ଭଲ ପାଇଁ । ମାତ୍ର ତାକୁ ଭୁଲ୍ ଅର୍ଥ କରାଗଲା । ମତେ କଥାଟା ବାଧିଥିଲା । ଅନ୍ୟ ଏକ ପରିସ୍ଥିତିରେ ମଧ ମତେ ସଂଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ ଭୁଲ୍ ବୁଝିଥିଲେ । ପ୍ରଶାନ୍ତ ପାଢ଼ୀ ଜଣେ ଭଲ କଣ୍ଠଶିଳ୍ପୀ ଏଥିରେ ଦ୍ୱିମତ ହେବାର ନାହିଁ । ହେଲେ ଚଳଚ୍ଚିତ୍ରରେ କଣ୍ଠଦାନ କରିବା ନିମନ୍ତେ ମୁଁ ବାରଣ କରିଥିଲି କାରଣ ସିଚୁଏସନ୍‌କୁ ପ୍ରଶାନ୍ତ ବାବୁଙ୍କ କଣ୍ଠ ମ୍ୟାଚ୍ କରିନଥିଲା । କିନ୍ତୁ ପ୍ରଶାନ୍ତ ବାବୁ ମତେ ଭୁଲ୍ ବୁଝିଥିଲେ । ତେବେ ମୁଁ କୌଣସି ପରିସ୍ଥିତିରେ ନୀରବ ରହିବାର ବ୍ୟକ୍ତି ନୁହେଁ । ଚଳଚ୍ଚିତ୍ରଟି ଏକ ସାମଗ୍ରୀକ ଉଦ୍ୟମର ଫଳ । ତେଣୁ ପ୍ରତ୍ୟେକ କ୍ର୍ୟୁ ମେମ୍ବରଙ୍କର ମତାମତ ଦେବାର ଅଧିକାର ଅଛି ଚଳଚ୍ଚିତ୍ରର ସଫଳତା ପାଇଁ ।

ମୋଟାମୋଟି ଭାବରେ ଚଳଚ୍ଚିତ୍ରଟିରେ କେତେକ ଛୋଟ ଛୋଟ ଭୁଲ୍ ବୁଝାମଣା ସୃଷ୍ଟି ହୋଇଥିଲା ଏବଂ ପରେ ସେ ସବୁର ସମାଧାନ ହୋଇ ଯାଇଥିଲା । ଚଳଚ୍ଚିତ୍ରଟିର ନାମ କରଣ 'ଭୁଲ୍ ବୁଝିବ କି ମତେ'କୁ ସାର୍ଥକ କରିଥିଲା । ସୁଟିଂ ସମୟରେ ମଧ ଅନେକ ମଜାଦାର ଘଟଣା ଘଟିଥିଲା । ମାତ୍ର କେତେକ କ୍ଷେତ୍ରରେ ମୁଁ ଅସନ୍ତୁଷ୍ଟ ଥିଲି । କାରଣ ସ୍କ୍ରିପ୍ଟରେ କିଛି ସ୍ଥଳରେ ନିର୍ଦ୍ଦେଶକ ପରିବର୍ତ୍ତନ କରିଥିଲେ ଯଦିଓ ସ୍କ୍ରିପ୍ଟିଂ ସମୟରେ ଏସବୁ ପରିବର୍ତ୍ତନର ପ୍ରଶ୍ନ ହିଁ ନଥିଲା । ସବୁବେଳେ ଏସବୁର ମୁଁ ଘୋର ବିରୋଧୀ । କାରଣ ଚିତ୍ରନାଟ୍ୟ ରଚନା ଏକ ଗ୍ରାଫ୍ ଭଳି । କାହାଣୀର ଗତିଶୀଳତାକୁ ମାପି ଚିତ୍ରାୟିତ କରିବାକୁ ପଡ଼ିଥାଏ । ହଠାତ୍ ପରିବର୍ତ୍ତନ କଲେ ତାହାର ବାଲାନ୍ସ କ୍ଷୁର୍ଣ୍ଣ ହୁଏ । ନିର୍ଦ୍ଦେଶକର ଏହା କନ୍‌ଫ୍ୟୁଜନ୍ ବୋଲି ମୁଁ ଧରିନିଏ । ବେଳେବେଳେ ଭଲ ଜିନିଷ ମୁଣ୍ଡକୁ ଜିଟିଥାଏ ତାହାର ସଂଯୋଜନା ଚଳଚ୍ଚିତ୍ରଟିର ସମୃଦ୍ଧି ଆଣେ । ମାତ୍ର ସୁଟିଂ ସେଟ୍‌ରେ ନିଜସ୍ୱ ସଂଳାପ ଯୋଡ଼ିବା, ଅଯଥା ପରିବର୍ତ୍ତନ କରିବା କେତେକାଂଶରେ ବାହାଦୂରୀ ଦେଖାଇବା ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ମୁଁ ଧରିନିଏ । ମୋ କ୍ୟାରିୟରରେ ବହୁ ଅଭିଜ୍ଞ ନିର୍ଦ୍ଦେଶକଙ୍କ ସହିତ କାମ କଲାବେଳେ ଅନୁଭବ କରିଛି । ଆବଶ୍ୟକ ସମୟରେ ସେମାନେ ଫୋନ୍ ଯୋଗେ ମୋର ମତାମତ ଲୋଡ଼ିଛନ୍ତି । ମୁଁ ମଧ ସେଟ୍‌ରେ ଉପସ୍ଥିତ ରହି ପରିବର୍ତ୍ତନ କରିଛି । ବହୁ ସ୍ଥଳରେ ଏପରି ହୋଇଛି ସୁଟିଂ ସ୍ଥଗିତ ରୁହେ ମୁଁ ପହଞ୍ଚି ପରିବର୍ତ୍ତନ କଲାପରେ ହିଁ ସୁଟିଂ ହୁଏ । ଲଭ୍ ଡଟ୍ କମ୍ ଚଳଚ୍ଚିତ୍ରର କ୍ଲାଇମାକ୍ସକୁ ହିଁ ମୁଁ ଫୋନ୍ ଯୋଗେ ଡିରେକ୍ଟରଙ୍କୁ ଡାକି ଦେଇଥିଲି ଓ ତଦନୁସାରେ ସୁଟିଂ ହୋଇଥିଲା ।

ତେବେ ସେ ଯାହା ହେଉ 'ଭୁଲ ବୁଝିବନି ମତେ' ଜୁଲାଇ ନଅ ତାରିଖ ୨୦୧୦ରେ ରିଲିଜ୍ ହେଲା । ଗୀତ ଗୁଡ଼ିକ ଭଲଥିଲା । ଏଥିରେ ଚାରିଜଣ ବୃଦ୍ଧଙ୍କୁ ନେଇ ର୍ୟାପ୍ ଗୀତଟିଏ ଲେଖିଥିଲି । 'ଆମେ ସିନା ଓଲଡ୍' ଗୀତଟି ସ୍ୱର ଓ କେରିଓଗ୍ରାଫି ଭଲ ହୋଇଥିଲା । ବିଶେଷ କରି ବର୍ଷା ଗୀତଟିର କେରିଓଗ୍ରାଫି ଖୁବ୍ ଭଲ ହୋଇଥିଲା । ପରେ ଶୁଣିଲି ଚଳଚ୍ଚିତ୍ରଟି ବ୍ୟବସାୟିକ ଭାବରେ ବହୁତ କ୍ଷତିଗ୍ରସ୍ତ ହୋଇଥିଲା । ଆଳୟ ମହାନ୍ତି ଓ ଡା. ରଥ ପ୍ରଯୋଜନା ପାଇଁ ଆଉ ମନ ବଳାଇ ନଥିଲେ । କୁନାଳ ମଧ ଦୁଇଦୁଇଟା ଚଳଚ୍ଚିତ୍ରର ନିର୍ଦ୍ଦେଶନା ପାଇଁ ଉଦ୍ୟମ କରିଥିଲେ ହେଁ ସଫଳ ହୋଇ ପାରିନଥିଲେ । (କ୍ରମଶଃ)

### ॥ ନାଭି ଚକ୍ର ॥

ନକୁଳ ଚଂଦ୍ର ସାହୁ



ପ୍ରେମର ପକ୍ଷୀ ମୋର ଉଡ଼ି ଗଲାଣି
କଦଂବ ବନର ଅଶ୍ୱତ୍ଥ ଶାଖାରୁ
ପେଚା ଓ ବାଦୁଡ଼ି ଭର୍ତ୍ତି
ଶ୍ମଶାନର ସେଇ ଝଂକା ବର ଡାଳକୁ !

ଅଭିନବ ପେଲବ ସ୍ୱର୍ଗର ଫୁଲ
ପର୍ଯ୍ୟଂତକୁ ମନେ ପକାଏ
ଜଳ ମଧ୍ୟରୁ କେମିତି ସୃଷ୍ଟି ହୁଏ ତରଂଗ
ତରଂଗ ଓ ଜଳ ଗୋଟିଏ ଶିହରଣ !

ମୃତ୍ତିକା ନିର୍ମିତ ମିଳନ
ଭବୋଦୟରେ କରେ ଆକର୍ଷଣ
ଆନଂଦ
ଆତ୍ମ ପୁରୁଷଂକ ନିର୍ମଳ ବ୍ୟବହାର !

ସଂପର୍କ ନିର୍ବାହ କରିଛି କୈବଲ୍ୟପୁର
ପାର୍ଥିବ ଭ୍ରମଣ କଲ୍ୟାଣାର୍ଥକ
ଖେଚରୀ ବିଦ୍ୟାରେ ଅଭିଜ୍ଞ ପୁରୁଷ
ଛାଡ଼ି ଦେଲା ତୁମ ହାତ !!

ତତ୍‌କାଳୀନ ଆକାଶ ସଂଦିଗ୍ଧତାରେ ଶୋଭିତ
ଯାଅ ବିଷୟଗତ ଆଲିଂଗନ ଯାଅ
ସୂର୍ଯ୍ୟପରି ପ୍ରକାଶ ସଂପନ୍ନ ଦେହାତୀତ
ଆଉ ନାହିଁ ମଳିନ ଦ୍ୱେଷ, ଯାଅ ଜାଗତିକ !
ମନର ପରିପକ୍ୱ ବାସନାର ନାମ 'କର୍ମ'
ମନ ଆତ୍ମାଠୁ ଅଭିନ୍ନ
ସେହି ମନ ପୁରୁଷ, 'ମୁଁ ତୀର୍ଥ'
ମୁଁ ତୁମର ଅତୀତ, ମୁଁ ମଣିପୁର ଚକ୍ର !

♥ଶବ୍‌ଦଘର, ଗୋଡ଼ିସାହି, କଟକ
(ମୋ) ୯୪୩୭୭୪୦୨୬୪

ଆମ ସମୟର କବିତା.....

### ॥ ସେଇ ଶୀତ ରାତି ॥

ରଜନୀ ଶତପଥୀ



ପୁରୁଣା ଫଗୁଣକୁ କଟକରେ ଛାଡ଼ି
ଆମେ ବାହାରିଲୁ ମଧୁଚନ୍ଦ୍ରିକାରେ
ସୋଲେନ୍‌ରେ ସରି ନଥିଲା ଶୀତ
କାଚକାନ୍ଥ ବାହାରେ ଚନ୍ଦ୍ରପକ୍ଷ
ସାତଡିଗ୍ରି ରାତିରେ ଶେଜରୁ ଫିଙ୍ଗିଦେଲୁ
ଉଲେନ୍ ବ୍ଲାଙ୍କେଟ୍ ।

ପ୍ରେମରେ ସବୁ ବିପରୀତ
ବିପରୀତ ଋତୁ, ରତି
ବସନ୍ତ ପରେ ଆସେ ଶୀତ
ଆମ ଅଛୁଆଁ ଦିନସବୁ ବସନ୍ତର
ଛୁଇଁ ଦେଲା ପରେ ସବୁ ଶୀତ ଶୀତ ।

ଶୀତ ଓ ବସନ୍ତର ଯମକରେ ଗଢ଼ା
ସେଇ ରାତିର ପଦ୍ୟାଂଶ...
ତୁମେ ଥିଲ ମୋର ବିବସନା ସୁଖ
ମୁଁ ତୁମର ନିର୍ଲ୍ଲଜ ସନ୍ତୋଷ ।

ଜି-୬୦୨, ଆକ୍ରୋପଲିସ
♥ ଗୋଠପାଟଣା, ଭୁବନେଶ୍ୱର-୨୯
(ମୋ) ୯୩୩୭୯୬୫୫୬୪

### ॥ ପାଦ ॥

ଚକ୍ରପାଣି ପରିଚ୍ଛା



ଶିଉଳିରେ ପାଦ ଖସିଗଲେ
ନିଆଁ ବି ହରେଇବସେ
ନିଜ ଡହକ ଧାସ

ବେଳେବେଳେ
ପାଦ ଦୁଇଟିଉଡିବୁଲନ୍ତି
ଅଂଧାରରୁ ଅଂତରୀକ୍ଷ ଯାଏ
ସ୍ୱପ୍ନରେ ସ୍ୱପ୍ନରେ ସାରା ରାତି
ନିଦର ଗଂଭିରା ଭିତରେ
ଚଳପ୍ରଚଳ ହେଉଥାଏ ଯୋଉ ଛାଇ
ତାର କିନ୍ତୁ ପାଦ ନ ଥାଏ

କଦବା ଯଦି
ଜାଲପାତି ବସିଥାଏ ବ୍ୟାଧ
ଏବଂ ଛଂଦିହୋଇଯାଏ ଦୁଇ ପାଦ
ମନେପଡେନି ମୃଗୁଣୀସ୍ତୁତି
ଈଶ୍ୱର ବି ପଥର ପାଲଟିଯାଂତି
ଓସ୍ତଗଛ ମୂଳେ

ଏବେ ପାଦକେ ଭୟ
ପାଦକେ ଆତଂକ
ଜାଣିହୁଏନା
କିଏ ବାଟ ଆଉ କିଏ
ନିଆଁର ସମାହାର

ଫେରିଯାଉଥିବା ସମୟର
କେତୋଟି ପଦ ଥାଏ
ନିଜେ ଜାଣେନି ।

♥ମୋ: ୯୧୭୮୬୪୭୧୩୭

### ॥ ଫେରନ୍ତା ଫଗୁଣ ॥

ମିନାକ୍ଷୀ ଦ୍ୱିବେଦୀ



ଫି ବର୍ଷ ପରି ଫଗୁଣ ଆସିଛି
ଅସ୍ତିତ୍ୱ ତାର ଫିକା ଫିକା ଦିଶୁଛି
କଳାଜହ୍ନ ଅକସ୍ମାତେ
ଉଇଁ ଆସିଛି ତା ଅଗଣାରେ
ସ୍ଥିର, ଅଚଞ୍ଚଳ ହୋଇ ଯାଇଛି ତା ଦୁନିଆ,
ପୃଥିବୀର ବନ୍ଦ ପୃଷ୍ଠାର ରଙ୍ଗୀନ ଆକାଶରୁ
ଝରି ପଡୁଛି ଅଶ୍ରୁ,
କେତେବେଳେ ଚୁପଚାପ୍ ନିଦରୁ ଉଠି
କରୋନା କିଣି ନେଇଛି ତା ବସନ୍ତ ।

ଆଜି ସେ ପରିତ୍ୟକ୍ତା
ଆଞ୍ଜୁଳା ହାଲୁକାଏ ପବନରେ
ଖେଳି ଯାଇଛି ନିରବତା,
ଶୁଖି ଯାଇଛି ଫୁଲର ପାଖୁଡ଼ା
ଅବିଶ୍ୱସ୍ତ ମହାକାଶରେ ରକ୍ତକୁ ଧରି
କରୁଛି ବଞ୍ଚିବାର ଅଭିପ୍ରାୟ
ଭାଗ୍ୟ ମହୁମାଛି ପରି
ଉଡ଼ି ଯାଇଛି ବହୁ ଦୂରକୁ
ହୃଦୟରେ ସ୍ୱର ନାହିଁ, ପ୍ରଶ୍ନ ନାହିଁ,
ଇଂଧନ ନାହିଁ, ବନ୍ଧନ ନାହିଁ,
ତା ଆମ୍ବ ଗଛରେ ବଉଳର ବାସନା ନାହିଁ
କୃଷ୍ଣଚୂଡ଼ା ରଙ୍ଗରେ
ସଜେଇ ହଉନି ତା ପୃଥିବୀ
ଆପଣାର ଆକାଶ ଆଜି ଅଶ୍ରୁ ସିକ୍ତ ।

ଫଗୁଣ ଆଉ ଗୀତ ଗାଉନି
ଅନ୍ଧାରରେ ଇଚ୍ଛାନାହିଁ
ଲେଖିବାକୁ ଇତିହାସ
ନିରବ ଲୁହ ଟୋପା ଶୁଖି ଯାଇଛି
ମଣିଷ ଦେଇଥିବା ବଳଦ ଭାରରେ
ଆକାଂକ୍ଷାର ନୀଳ ଆକାଶରେ
ଦେଖା ଦେଇଛି ଧୂମକେତୁ
କ୍ଳାନ୍ତିର ବେଳାଭୂମିରେ,
ଅସଂପୂର୍ଣ୍ଣ ସ୍ୱପ୍ନର ପରାସ୍ତ ସୂର୍ଯ୍ୟାସ୍ତରେ
ଦୀର୍ଘ ନିଃଶ୍ୱାସର କ୍ଳାନ୍ତ ଅପରାହ୍ନରେ
ଫେରେଇ ଦେଇଛି
ଫଗୁଣକୁ ସବୁଦିନ ପାଇଁ ।

♥ନିଉ ଦିଲ୍ଲୀ
ମୋ: ୭୯୭୮୦୮୨୮୩୪

### ॥ ଜୀବନ ଭୋଗ-୬ ॥

ଡା. ଦୀନବଂଧୁ ସାହୁ



ଜୀବନ ଭୋଗ ପାଇଁ
ଏତେ ଜଟିଳ ହେବା କି ଜରୁରୀ
ହାତବୁଣା କୁଟିଳ ଜାଲରେ ଯେ,
ଛଟପଟ ହେବାକୁ ବାଧ ହେବ
ଆଉ ଏକ ସରଳ ଜୀବନ, ନିରିମାଖି କଳି
ଅଜାଣତରେ ବଳି ଚଢ଼ିବ
କାହା ଅପ ଆକାଂକ୍ଷାର ମୂକ କ୍ରୀଡ଼ନକ ସାଜି !

ସହଜ ନୁହେଁ ସରଳ ଓ ସ୍ୱଚ୍ଛ ହେବା
ସତ ସହ ମିତ ବସି ମିଛ ସହ ଯୁଝିବା
ଛାତିରେ ଛାତିଏ
ଜଳନ୍ତା ନିଆଁ ଧରି ବାଟ ଚାଲିବା ।

ପାହାଚ ପରେ ପାହାଚ....
ନୀରବତାର କ୍ରମୋତ୍ତର ଗର୍ଭଭେଦ
ଆହୁରି ଆହୁରି ନିରବି ଯିବାକୁ
ବାଧ କରୁଚି ଯେମିତି, କେହି ଯେତେବେଳେ
ସତ୍ୟ ଓ ସରଳତାର ତଣ୍ଟି ଚିପୁଛି,
ଅଭେଦ୍ୟ ଷଡ଼ଯନ୍ତ୍ରର ଲୋମଶ ପଞ୍ଝାରେ !

ବର୍ବରତାରେ କଣ୍ଠ ରୋଧୁଛି
ଜ୍ୱାଳାମୁଖୀ ଆଗ୍ନେୟଗିରିର...!

ଜହ୍ଲାଦ ସାଜୁଛି ଯୂପକାଠ
ଇଚ୍ଛାପୂର୍ତ୍ତିର ଗୋପନ ଯୋଜନାରେ
ଯୋଡୁଛି ନାଁ, ଗୋଟି ଗୋଟି
କ୍ରୁର କାମନାର କଳା ତାଲିକାରେ ।

କାନ ନଡେରି ବିଳପିତ ଆତ୍ମାର କାକୁସ୍ଥ ଡାକକୁ,
ଛାତିଥରା କାନ୍ଦଣାର କରୁଣ ସ୍ୱରକୁ
ବିନା ଭୃକ୍ଷେପରେ ଆଙ୍କୁଛି
ମିଆଦି ମୃତ୍ୟୁର ନକ୍‌ସା
ରଚୁଛି ଚକ୍ରବ୍ୟୂହ, ଉନ୍ମତ୍ତ କଳାଭିଷେକ
ବିଭତ୍ସ ଇତର କଳଙ୍କପଣର ।

ଜୀବନ ମଂଚରେ ନାଚୁଛି ଭୋକ ।
ମାଟିରେ ମିଳାଉଛି ଗୁମର
ଭୋକ ଓ ଭେକର କ୍ରୀତଦାସ ସାଜି
ମିଛ ଚାଦରରେ ସତ୍ୟର କବର ତୋଳୁଛି
କେହି ସ୍ୱାର୍ଥାନ୍ଧ ମଣିଷ
ଅପପ୍ରୟାସର ଅରମା ଅଗଣାରେ... ।

ଧୋବ ଫରଫର ପରିଚୟ ପାଇଁ
କେହିଜଣେ ମାଟିରେ ପୋତୁଚି
ଅଲୁଚା ସତ, ଆପଣା କର୍ତ୍ତୃକ କଳଙ୍କ ପସରା
ମାଟିରେ ଛୁପାଉଛି ରାତି ଆକାଶରେ
ଜହ୍ନ ପରି ଉଦିଲା ସତ୍ୟର ସନ୍ଦର୍ଶକ-
ଅନ୍ତରଂଗ ତାର ଅନ୍ୟତମ ସାକ୍ଷୀ ।

ବାସ୍ତବିକ୍
ଭୋକଭେଦରେ ଜୀବନ ବହୁରୂପୀ
ବହୁରୂପୀ ଜୀବନ ମଂଚର ଦୃଶ୍ୟ
ଭୋକଡାକରେ ବହୁମୁଖୀ
ଜୀବନ୍ତ ଚରିତ୍ରର ଶବ୍ଦ ଓ ସଂଳାପ ।

♥ଭେଷଜ ବିଶେଷଜ୍ଞ
ପରଦେଶୀ ପଡ଼ା, ଭବାନୀ ପାଟଣା,
ମୋ: ୯୪୩୭୨୧୯୧୪୭

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୭ ମାର୍ଚ୍ଚ, ୨୦୨୨



## ପ୍ରେମରେ ପ୍ରେମରେ ଗୀତି ....(୩୯)



■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧




### ॥ କହିଦେବ କହୁକହୁ ॥

ଭାଙ୍ଗିଯିବ ତୁମ ଟାଣପଣ ଗୋରୀ
ହେଲେ ଆଉ କା'ର ବୋହୂ,
ଡରେ ମରୁଥିବ ଶାଶୂ ଘରେ ତୁମ
ଏରୁଣ୍ଡିକୁ ଡେଉଁଡେଉଁ।

ଗଣିଗଣି ପାଦ ଚାଲୁଥିବ ସେଠି
ତଥାପି ପଡ଼ିବ ଝୁଣ୍ଟି,
ମନ କଥା ତୁମ ମନେ ଜଳୁଥିବ
ନ ପାରି କା' ସାଥେ ବାଣ୍ଟି,
ତୁମ ହାବଭାବ ଧରା ପକାଇବ
ନିସ୍ତାର ନଥିବ ଆଉ ।

ଆମରି ପ୍ରେମର ଗୋଟିଗୋଟି ପୃଷ୍ଠା
ନିରୋଳାରେ ଓଲଟାଇ,
ଭାବୁଥିବ ତୁମେ ସବୁ ଥାଇ ଲାଗେ
ଯେମିତି କି କିଛି ନାହିଁ,
କିଏ ଆମ ପ୍ରେମ ଶାଶୂ ଘରେ ତୁମ
କହିଦେବ କହୁକହୁ ।

## ■ ସାମ୍ପ୍ରତିକୀ ■

# ରାଜନୀତିରେ ଭଲଲୋକ

### ସୁବ୍ରତ ପଟ୍ଟନାୟକ



ପଞ୍ଚାୟତ ନିର୍ବାଚନରେ ଏଥର ଘଟିଛି ଢ଼େର ହିଂସାକାଣ୍ଡ। ମାତ୍ର ଚିଲିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବାଣପୁର ବ୍ଲକରେ ଏହା ସୀମା ଟପି ଯାଇଛି। ସେଠାରେ ବିଜେଡ଼ିରୁ ନିଲମ୍ବିତ ହୋଇଥିବ ବିଧାୟକ ପ୍ରଶାନ୍ତ ଜଗଦେବ ରୁଷ୍ଟ ହୋଇଥିବା ଲୋକମାନଙ୍କ ଉପରେ କାର୍ ଚଢ଼ାଇ ଦେଇଥିବା ଅଭିଯୋଗ ହୋଇଛି। ସେ ନିଜର ରେଂଜ ରୋଭର ଡିସ୍କଭରି ଓଡି ୦୨-ଏଓ୍ୱାଇ-୫୭୭୫ କାର୍‌କୁ ନିଜେ ଚଳାଇ ଲୋକଙ୍କ ଉପରକୁ ମଡ଼ାଇ ଦେଇଥିଲେ। ଏଥିରେ ବାଣପୁର ଥାନା ପୁଲିସ କର୍ମଚାରୀ, ସାମ୍ବାଦିକଙ୍କ ସମେତ ପ୍ରାୟ ୨୫ଜଣ ଲୋକ ଆହତ ହୋଇଛନ୍ତି। କେବଳ ବିରୋଧୀ ଦଳ ପକ୍ଷରୁ ନୁହଁ, ଶାସକ ଦଳ ମଧ୍ୟ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛି।

କାହିଁକି ଥରକୁ ଥର ଏଭଳି ହିଂସାକାଣ୍ଡ ବଢ଼ିବାରେ ଲାଗିଛି ? ପଂଚାୟତ ନିର୍ବାଚନ ସମୟରେ ମୁଖ୍ୟ ନିର୍ବାଚନ କମିସନର ଆଦିତ୍ୟ ପ୍ରସାଦ ପାଢ଼ୀ ଓ ପୁଲିସ ଡିଜି ସୁନୀଲ ବଂଶଲ୍ ମିଳିତ ଭାବେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ରାଜନେତା ଓ ସାଧାରଣ ଜନତାଙ୍କୁ ଅନୁରୋଧ କରିଥିଲେ। ବିଡ଼ମ୍ବନାର ବିଷୟ, ସେମାନଙ୍କର ବିନମ୍ର ଅନୁରୋଧ ସତ୍ତ୍ୱେ, ୫୦ଟି ବୁଥ୍‌ରେ ସାନି ନିର୍ବାଚନ ହେଲା। ଫେବୃଆରୀ ୨୮ ତାରିଖରେ ଘୋଷିତ ହୋଇଥିବା ମୋଟ୍ ୮୫୨ଟି ଜିଲ୍ଲା ପରିଷଦ ଆସନରୁ ବିଜେଡ଼ି ଖାତାକୁ ଯାଇଛି ୭୬୬ଟି। ବିରୋଧୀ ବିଜେପିକୁ ୪୨ଟି, କଂଗ୍ରେସକୁ ୩୭ଟି ଓ ଅନ୍ୟାନ୍ୟଙ୍କୁ ୭ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଆମ କେନ୍ଦୁଝର ଜିଲ୍ଲାରେ ମୋଟ୍ ୩୬ଟି ଜିଲ୍ଲାପରିଷଦ ଜୋନରୁ ବିଜେଡ଼ି ୩୩ଟି ଓ ବିଜେପି ୩ଟି ଆସନ ଦଖଲ କରିଛି। ଏଠାରେ ମନେ ପକାଇ ଦେଉଚେ, ୨୦୧୭ ମସିହା ପଂଚାୟତ ନିର୍ବାଚନରେ ମୋଟ୍ ୮୪୯ ଜିଲ୍ଲା ପରିଷଦ ଜୋନରୁ ବିଜେଡ଼ି ୪୯୨ଟି, ବିଜେପି ୨୯୭ଟି, କଂଗ୍ରେସ ୬୦ଟି ଆସନ ହାତେଇଥିଲା। ଏଥର ବିଜେଡ଼ି ୯୦ ପ୍ରତିଶତ ଆସନ ଦଖଲ କରି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ଏହାର ଏକମାତ୍ର ଶ୍ରେୟ ବ୍ୟାଚେଲର୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦିଆ ଯାଇପାରେ। କେବଳ ସେତିକି ନୁହେଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଓ ବ୍ଲକ ଅଧ୍ୟକ୍ଷ ନିର୍ବାଚନରେ ମଧ୍ୟ ବିଜେଡ଼ି ବାଜିମାତ୍ କରିଛି। ସମସ୍ତ ୩୦ଟି ଯାକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଆସନ ବିଜେଡ଼ି ପୋଛି ନେଇଛି। ମୋଟ ୩୧୪ଟି ବ୍ଲକ ମଧ୍ୟରୁ ୩୧୩ଟିରେ ଅଧ୍ୟକ୍ଷ ନିର୍ବାଚନ ହୋଇଛି। ସେଥିରୁ ବିଜେଡ଼ି ଖାତାକୁ ୨୬୧ଟି, ବିଜେପିକୁ ୧୮ଟି, କଂଗ୍ରେସକୁ ୮ଟି ଓ ଅନ୍ୟାନଙ୍କୁ ୨୩ଟି ଆସନ ମିଳିଛି। ଛତ୍ରପୁର ବ୍ଲକରେ ଅଧ୍ୟ ନିର୍ବାଚନକୁ ବାତିଲ୍ କରାଯାଇଛି।

ଆଗକୁ ମାର୍ଚ୍ଚ ୨୪ ତାରିଖରେ ୧୦୬ଟି ପୌର ସଂସ୍ଥାରେ ଭୋଟ୍ ଗ୍ରହଣ ହେବ। ସେଥିରୁ ୪୭ଟି ମ୍ୟୁନିସିପାଲଟି, ୫୯ଟି ବିଜ୍ଞାପିତ ଅଂଚଳ ରହିଛି। ଏହାବାଦ୍ କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ମ୍ୟୁନିସିପାଲଟି କର୍ପୋରେସନରେ ମଧ୍ୟ ନିର୍ବାଚନ ହେବ। ଏଥର ମେୟର ଓ ପୌର ଅଧ୍ୟକ୍ଷଙ୍କୁ ଭୋଟରଗଣ ସିଧାସଳଖ ଭୋଟ୍ ଦେଇ ଜିତାଇବେ। ଇଭିଏମ୍ ମେସିନରେ ଭୋଟ୍ ଗ୍ରହଣ ହେବ ଓ ସେଥିରେ 'ନୋଟା' (ନନ୍ ଅଫ୍ ଦି ଏବଭ୍) ବଟନ୍ ହେବ। ଯଦି 'ନୋଟା'ରେ ଅଧିକ ଭୋଟ୍ ହୁଏ, ତେବେ ସାନି ନିର୍ବାଚନ ହେବ। ଯେଉଁ ପ୍ରାର୍ଥୀଗଣ ନିର୍ବାଚନରେ ଭାଗ ନେଇଛନ୍ତି, ସେମାନେ ଦ୍ୱିତୀୟଥର ଲଢ଼ିପାରିବେ ନାହିଁ। ଏଭଳି ପଦକ୍ଷେପକୁ ଆମେ ସର୍ବୋତ ଭାବେ ସ୍ୱାଗତ କରୁଚେ। ମାର୍ଚ୍ଚ ୨୨ ତାରିଖରେ ପୌର ସଂସ୍ଥାର ଫଳାଫଳ ଘୋଷଣା ହେବ। ସେଥିରେ 'ନବୀନ ମ୍ୟାଜିକ୍' କାମ କରିବ ବୋଲି ରାଜନୈତିକ ସମୀକ୍ଷକଙ୍କ ମତ।

ଏବେ ଆମେ ନିର୍ବାଚନର ମୂଳ ପ୍ରସଙ୍ଗକୁ ଫେରିବା। ନିର୍ବାଚନରେ ଏତେ ଗଣ୍ଡଗୋଳ, ହିଂସାକାଣ୍ଡ ଘଟୁଛି କାହିଁକି ? ଏସବୁକୁ ରୋକିବା ପାଇଁ କଣ କୌଣସି ପ୍ରତିକାର ନାହିଁ ? ବ୍ଲକ ଅକ୍ଷ୍ୟକ୍ଷ ନିର୍ବାଚନକୁ ଯଦି ସିଧାସଳଖ ଭୋଟରଙ୍କ ଜରିଆରେ କରାଯାଆନ୍ତା, ତେବେ କୌଣସି ଅଡୁଆ ସୃଷ୍ଟି ହୁଅନ୍ତା ନାହିଁ। ଠିକ୍ ସେଇଭଳି ସରପଂଚ, ସମିତିସଭ୍ୟ ଓ ୱାର୍ଡ଼ମେମ୍ବର ନିର୍ବାଚନକୁ ସ୍ୱାଧୀନ ସଙ୍କେତ ବଦଳରେ ରାଜନୈତିକ ଦଳର ସଙ୍କେତରେ କରାଗଲେ ଉତ୍ତମ ହୁଅନ୍ତା। ଏଥିରେ ବିଦ୍ରୋହୀ ପ୍ରାର୍ଥୀଙ୍କ ସଂଖ୍ୟା ସମ୍ପୂର୍ଣ୍ଣ ଲୋପ ପାଆନ୍ତା। ଫଳରେ ମାର୍‌ପିଟ୍ ଓ ହଣାକଟା ଘଟଣା ଦୂର ହୁଅନ୍ତା। ଜଣେ ମୁକ୍ତବୃତ୍ତ ସ୍ତମ୍ଭକାର ଭାବେ ଆମେ ଏହି ପ୍ରସ୍ତାବମାନ ଲୋକଲୋଚନକୁ ଆଣୁଚେ। ପ୍ରତ୍ୟେକ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନ କମିସନଙ୍କ ନିକଟରେ ଏଭଳି ପ୍ରସ୍ତାବ ଓ ଦାବି ଉପସ୍ଥାପନା କରାଯିବା ଉଚିତ୍। ଏସବୁକୁ ସାକାର କରାଇବା ଦାୟିତ୍ୱ ଜନ ପ୍ରତିନିଧିଙ୍କର। ସବୁ ରାଜନୈତିକ ଦଳ ସହମତ ପ୍ରକାଶ କରି ସମ୍ବିଧାନର ସଂଶୋଧନ କରାଇପାରିବେ। ତା ନହେଲେ ନିର୍ବାଚନ କମିସନରଙ୍କ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ।

ପଂଚାୟତ ନିର୍ବାଚନରେ କେତେକ ସ୍ଥାନରେ ବୁଥ୍ ଦଖଲ ସଙ୍ଗେ ସଙ୍ଗେ ଭୋଟ୍ ଜାଲିଆତି ହେଉଥିବା ଅଭିଯୋଗ ହେଉଛି। ଏହାକୁ ଦୂର କରିବାପାଇଁ ଇଭିଏମ୍ ମେସିନ୍ ଜରିଆରେ ଭୋଟ୍‌ଗ୍ରହଣ କରାଯିବା ଦରକାର। ତେବେ ଏଥିପାଇଁ ଆବଶ୍ୟକ ମେସିନ୍ କିଣା, ରକ୍ଷଣାବେକ୍ଷଣ, ସଂରକ୍ଷଣ ଆଦିରେ ବିପୁଳ ଅର୍ଥ ଆବଶ୍ୟକ। ଓଡ଼ିଶା ସରକାର ଉଚିତ୍ ମଣିଲେ, ବଜେଟରେ ସେଥିପାଇଁ ଅର୍ଥ ବରାଦ କରିପାରିବେ। ଅନ୍ୟ ରାଜ୍ୟରେ ଇଭିଏମ୍ ଜରିଆରେ ପଂଚାୟତ ନିର୍ବାଚନ କରାଗଲାଣି। ଓଡ଼ିଶାରେ ତାହା ଲାଗୁ କରାଗଲେ, ଅନେକ ସମସ୍ୟା ଦୂର ହୋଇପାରନ୍ତା।

ନାମାଙ୍କନ ପତ୍ର ଦାଖଲ ସମୟରେ ସରପଂଚ, ସମିତିସଭ୍ୟ ପ୍ରାର୍ଥୀଙ୍କୁ ସମ୍ପତ୍ତି ତାଲିକା, ଅପରାଧ ମାମଲା ତାଲିକା ଦେବାକୁ ନିୟମ କରାଯାଇଛି। ମାତ୍ର, ଯେଉଁମାନେ ନିର୍ବାଚନରେ ବିଜୟୀ ହୋଇ, ୫ ବର୍ଷ ଶାସନରେ ରହୁଛନ୍ତି, ସେମାନଙ୍କ ସମ୍ପତ୍ତି ପ୍ରତିବର୍ଷ କେତେ ବଢୁଛି, ତାହା ବି ପ୍ରତିବର୍ଷ ଦାଖଲ ହେବା ଦରକାର। ବର୍ଦ୍ଧିତ ସମ୍ପତ୍ତି କେଉଁ ଉପାୟରେ ଜନପ୍ରତିନିଧି ଆୟ କରୁଛନ୍ତି, ତାହା ଜନସାଧାରଣ ଜାଣିବା ଉଚିତ୍।

ଓଡ଼ିଶାରେ ସରପଂଚଙ୍କ ସଂଖ୍ୟା ୬୭୯୮ ଓ ସେମାନଙ୍କ ମାସିକ ଭତ୍ତା ୨୩୫୦ ଟଙ୍କା। ବ୍ଲକ ଅଧ୍ୟକ୍ଷଙ୍କ ଦରମା ୩୫୩୦ ଟଙ୍କା। ଜିଲ୍ଲା ପରିଷଦ ସଭ୍ୟ ମାସକୁ ୭୦୪୦ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମାସକୁ ୯୩୮୦ ଟଙ୍କା ପାଉଛନ୍ତି। ମାତ୍ର ଏତିକି ଟଙ୍କା ପାଇବା ପାଇଁ ପ୍ରତି ସରପଂଚ ନିର୍ବାଚନ ପ୍ରଚାରରେ ଦୁଇ ଲକ୍ଷ ଓ ଜିଲ୍ଲା ପରିଷଦ ସଭ୍ୟ ପାଂଚ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ବିଚିତ୍ର ଲାଗୁ ନାହିଁକି ? ବାସ୍ତବ କ୍ଷେତ୍ର କଥା ତ ଅଲଗା। ବାଣ ରୋଷଣୀ, ମଦ ମାଂସ ଭୋଜିଭାତ, ଟଙ୍କା ବଣ୍ଟାବଣ୍ଟିରେ କେତେ ଲକ୍ଷ ଟଙ୍କା ଉଡ଼ିଯାଉଚି ତାର କଳନା ନାହିଁ। ନିର୍ବାଚନରେ ଅର୍ଥବଳ ଓ ବାହୁବଳ ପ୍ରବଳ ହେଉଥିବାରୁ, ଅନେକ ଭଲ ଲୋକ ରାଜନୀତିରେ ପଶିପାରୁ ନାହାଁନ୍ତି। ଯେଉଁ କେତେଜଣ ପଶିବାକୁ ଯାଉଛନ୍ତି, ସେମାନଙ୍କୁ ବିଭିନ୍ନ ଉପାୟରେ ହରାଇ ଦିଆଯାଉଛି। ବିନା ଟଙ୍କାରେ ନିର୍ବାଚନ ପ୍ରଚାର କରାଯିବା ସମ୍ପର୍କରେ କମିସନର ଚିନ୍ତା କରିପାରନ୍ତେ। ଗୋଟିଏ ମଂଚ ପ୍ରସ୍ତୁତ କରି ସମସ୍ତ ପ୍ରାର୍ଥୀଙ୍କୁ କହିବାର ସୁଯୋଗ ଦିଆଯାଆନ୍ତା। ଫଳରେ ପ୍ରାର୍ଥୀଙ୍କୁ ଦଳ ଦଳ ହୋଇ ଦୁଆର ଦୁଆର ବୁଲି ଭୋଟ୍ ଭିକ୍ଷା କରିବାକୁ ପଡ଼ନ୍ତା ନାହିଁ। ନିର୍ବାଚନ ବେଶ୍ ସୁରୁଖୁରୁରେ ହୋଇପାରନ୍ତା। ମାତ୍ର, ଆମ କଥା ଶୁଣୁଚି କିଏ ?

ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

## ଧାରାବାହିକ ଉପନ୍ୟାସ

# ରାଜନୀତି

ସୃଷ୍ଟିଧର ପରିଡା
♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ)୯୪୩୭୦୬୩୭୦୫



ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ, ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ। ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇ ଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

ଭାଗ-୨୮
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଇଚ୍ଛା ହୁଏ ସିଏ ମୌସୁମୀର ହାତ ଧରି ତାକୁ ଭୁଲ୍ ମାଗିବାକୁ । ସିଏ ଯେତେ ମୁହଁ ଫେରେଇନେଲେ ବି ତା' ନିକଟରେ କାକୁତି ମିନତି କରନ୍ତେ । ଦରକାର ହେଲେ ବି ତା' ପାଦ ଧରି ଅନୁନୟ ବିନୟ ହୁଅନ୍ତେ । ସ୍ୱୟଂ ଭଗବାନ ତ ପୁଣି ରାଧା ପାଦ ଧରିଥିଲେ ! ଏଥିରେ ପାପ କଣ ? ଓଁକାରନାଥ ଜାଣିସାରିଲେଣି ସିଏ ସବୁଠୁ ବେଶି ମୌସୁମୀ ପାଖରେ ଦୋଷୀ । ଯୋଉ ଦୋଷ ପାଇଁ କେବଳ ମୌସୁମୀ ହିଁ କ୍ଷମା ଦେଇପାରିବେ, ଈଶ୍ୱର ନୁହନ୍ତି ।

ଅଥଚ ଈଶ୍ୱର ସେତକ ବି କରେଇଦେବାକୁ ଯୋଗ୍ୟ ରଖିନାହାନ୍ତି ଓଁକାରନାଥଙ୍କୁ । ଚାହିଁଲେ ବି ପାଟିରେ ନିଜ ଦୋଷ ସ୍ୱୀକାରି ପାରିବେ ନାହିଁ, ହାତ ଗୋଡ ଧରିବାର ଅବକାଶ ଦେବା ତ ବହୁ ଦୂରର କଥା । କେବଳ କିଛି କହିବା ପାଇଁ ଚାହିଁ ରହନ୍ତି ସିଏ । ଅଥଚ ସେତକକୁ ବି ଅଣଦେଖା କରନ୍ତି ମୌସୁମୀ । ଅନ୍ୟମାନଙ୍କ ସହ ବେଶ୍ ସୁନ୍ଦର ଭାବେ କଥା ହେଉଥିଲା ବେଳେ ତାଙ୍କ ପ୍ରତି ଶବ୍ଦଟିଏ ବି ଉଚ୍ଚାରଣ କରନ୍ତିନାହିଁ । ଅଥଚ ସେବାରେ ତିଳେମାତ୍ର ଅବହେଳା କରନ୍ତି ନାହିଁ ।

ଓଁକାରନାଥ ଦେଖନ୍ତି ମୌସୁମୀ ବେଶ୍ ସ୍ଥିତପ୍ରଜ୍ଞା ନାରୀ ପରି ତା' କର୍ତ୍ତବ୍ୟ ସମ୍ପାଦନ କରୁଛି । କେବେ ସାମାନ୍ୟ କ୍ରୋଧ ବି ପ୍ରକାଶ କରିନାହିଁ ।

କରିଥିବା ପାପର ପ୍ରାୟଶ୍ଚିତ କରିବା ପାଇଁ ବିଳାପ କରିଉଠେ ଓଁକାରନାଥଙ୍କ ମନ । ନିଜର ଅଚଳ ହାତ ଦୁଇଟିକୁ ଧିରେ ଧିରେ ଉଠେଇବାକୁ ଚେଷ୍ଟା କରନ୍ତି ସେ । ଏହି ହାତରେ ସେ ଅନେକଥର ଅନ୍ୟାୟ ଅବିଚାର କରିଛନ୍ତି ମୌସୁମୀଙ୍କ ପ୍ରତି । ହୁଏତ ହାତଯୋଡି ତାଙ୍କୁ ଥରେ କ୍ଷମା ମାଗି ହୁଅନ୍ତା କି ! ଏମିତି ପ୍ରଚେଷ୍ଟା ଭିତରେ ଦିନେ ଈଶ୍ୱରଙ୍କର ଅଶେଷ ଆଶୀର୍ବାଦ ପରି ଓଁକାରନାଥଙ୍କ ହାତଦୁଇଟି ଯୋଡ଼ି ହୋଇଯାଇଥିଲା ଆକସ୍ମିକ ଭାବେ । ଆନନ୍ଦରେ ଅଧିର ପଡ଼ିଥିଲେ ସେ । ମୌସୁମୀର ହାତକୁ ମୁଠେଇ ଧରିଲେ ନିଜ ହାତରେ । ଏହା ତାଙ୍କ ପାଇଁ ସବୁଠାରୁ ଶ୍ରେଷ୍ଠ ସୁଯୋଗ । ହୁଏତ ଏହାପରେ ଆଉ ସେ ସୁଯୋଗ ନଆସିପାରେ । ମୌସୁମୀର ଦୁଇ ହାତକୁ ଧରି ନିଜ ମୁଣ୍ଡରେ ଲଗେଇଲେ ଓମ୍ । ନିଜ ହାତକୁ ଓମ୍‌ଙ୍କ ହାତରୁ ଖସେଇ ନେଉନେଉ ତାଙ୍କ ଆଖିକୁ ଅନେଇ ଅଟକି ଯାଇଥିଲା ମୌସୁମୀ । ଓମ୍‌ଙ୍କ ଆଖିରୁ ବହିଯାଉଥିଲା ଧାରଧାର ଲୁହ । କିଛି କହିବାକୁ ଚେଷ୍ଟା କରୁଥିଲେ ବି କଥାତକ ପାଟିରୁ ବାହାରି ପାରୁନଥିଲା ଯେମିତି । ମୌସୁମୀକୁ ଲାଗିଥିଲା ନିଜର ଭୁଲ ପାଇଁ କ୍ଷମା ପ୍ରାର୍ଥନା କରୁଛନ୍ତି ଓମ୍ । ତାଙ୍କ ହାତରୁ ନିଜ ହାତକୁ ମୁକୁଳେଇବା କଥା ଭାବୁ ଭାବୁ ତା' ଆଖିରୁ ବି ବହି ଆସିଥିଲା ଦି'ଧାର ଲୁହ । ସେ ଜାଣେ ବହୁତ କଷ୍ଟ ଭୋଗିଲେଣି ଓମ୍ । ଈଶ୍ୱରଙ୍କ ଦୟା ଯେ ପ୍ରଥମେ ତାଙ୍କ ହାତକୁ ଫେରିଛି ଜୀବନୀଶକ୍ତି । ପ୍ରଭୂ କୃପା କଲେ ସିଏ ଚାଲି ପାରିଲେ, କଥା କହି ପାରିଲେ ଚିନ୍ତା ଯିବ । ସେ ପ୍ରଥମଥର ପାଇଁ ପାଟି ଖୋଲିଲା । କହିଲା, ତମେ ଭଗବାନଙ୍କୁ ପ୍ରାର୍ଥନା କର, ସିଏ ତମକୁ କ୍ଷମା କରନ୍ତୁ, ତମେ କେମିତି ଶୀଘ୍ର ସୁସ୍ଥ ହୋଇଯାଅ ।

ଓମ୍ ସେମିତି ଦୃଢ ଭାବରେ ମୁଠେଇ ଧରିଥିଲା ମୌସୁମୀର ଦୁଇ ପାପୁଲିକୁ । ମୌସୁମୀର ସବୁ ରାଗ, ଅଭିମାନ ଧୋଇ ଯାଇଥିଲା କ୍ଷଣିକରେ । ତା ଆଖିରୁ ଝରି ପଡୁଥିଲା ବୁନ୍ଦାବୁନ୍ଦା ଲୁହ । କିଛିକ୍ଷଣ ପାଇଁ ଦୁଇଟି ଅବୁଝା ହୃଦୟ ମିଶି ଯାଇଥିଲା ଗୋଟିଏ ସରଳରେଖାରେ ।

ନିର୍ବାଚନରେ ଭାଗ ନେଇ ଶୋଚନୀୟ ଭାବେ ହାରିଯାଇଥିଲା ଅଭିଷେକ । ଏକା ଅଭିଷେକ ନୁହେଁ, ତା' ସହ ଦୁର୍ନୀତି ବିରୋଧି ମଞ୍ଚର ଅନେକ ସଦସ୍ୟ । ଏହି ପରାଜୟ ପରେ ସେମାନେ ନିଶ୍ଚିତ ହୋଇଥିଲେ ଯେ ଆଜିକାଲିର ରାଜନୀତିରେ ଭଦ୍ରଲୋକର ସ୍ଥାନ ନାହିଁ । ସୋଚ୍ଚଟତା, ସାଧୁତା ଆଉ ଦକ୍ଷତା ଏବେକାର ନିର୍ବାଚନର ମାପକାଠି ନୁହଁ । ଏବେକାର ରାଜନୀତିରେ ଯିଏ ଯେତେ ଟଙ୍କା ବିଞ୍ଚି ପାରିଲା, ଯେତେ ଦୁର୍ନୀତି କରିପାରିଲା ସିଏ ହେଉଛି ସେତେ ଭଲ ରାଜନେତା। ଏବେ ରାଜନୀତିରେ ବେଶି କପଟ ଓ ଛଳନା । ସମସ୍ତେ ଜାଣନ୍ତି, କିନ୍ତୁ ଜାଣି ନଜାଣିବା ହିଁ ବର୍ତ୍ତମାନର ସବୁଠାରୁ ବଡ ସମସ୍ୟା । ଏଇ କୁଟୀଳତା ପାଇଁ ଦେଶରେ ଏତେସବୁ ସମସ୍ୟା ଓ ଅସ୍ଥିରତା । କୌଣସି ଗୋଟିଏ ସମସ୍ୟାର ସମାଧାନ ହେବା ତ ଦୂରର କଥା, ବରଂ ଏହା ବଢିବଢି ଚାଲିଛି ଦିନକୁ ଦିନ । ରାଜନୀତିର ଅସ୍ଥିର ବାତାବରଣ ରାଜନେତାଙ୍କ ଭିତରେ ସୀମିତ ନରହି ଦାବାଗ୍ନି ପରି ବ୍ୟାପି ଯାଇଛି ସାଧାରଣ ଲୋକଙ୍କ ପାଖକୁ । ଯେଉଁ ଆଡ଼େ ଚାହିଁବ କେବଳ ଦୁର୍ନୀତିର ବିଷକୁମ୍ଭ ପୟୋମୁଖ । ସାଧୁ, ସଚ୍ଚୋଟ, କର୍ମଠ କି ଦେଶପ୍ରେମୀ କାହାର କୋଉଠି ସ୍ଥାନ ନାହିଁ। ଯିଏ ଚୋରି କରିପାରିଲା, ଲମ୍ପଟ, ଖଣ୍ଡ, ସ୍ୱାର୍ଥ ସବସ୍ୱ, ମିଥ୍ୟାବାଦୀ, ସୁବିଧାବାଦୀ, ଦେଶଦ୍ରୋହୀ, ତେଲିଆ ସାଜିପାରିଲା ସିଏ ପୂଜନୀୟ, ମହାମାନ୍ୟ ନେତା, ଦେଶର ଶାସକ। ଏମିତିକା ବିଷ ମଞ୍ଜି ବୁଣିଦିଆଗଲାଣି ଯେ ଦେଶର ପ୍ରାୟ ସମସ୍ତେ ସେଇ ଗଛର ଫଳ ଖାଇ ବିଷାକ୍ତ ହୋଇଗଲେଣି । ସବୁଠି ଆବଶ୍ୟକତା କେବଳ ଟଙ୍କାର । ଟଙ୍କା ବୁଣା ଯାଉଛି ଏବଂ ଟଙ୍କା ଗୋଟାଇବାର ପ୍ରୋତ୍ସାହନ ବି ଦିଆଯାଉଛି । ମଦ, ମାଂସ, ନାରୀ ଓ ଭୋଗବିଳାସରେ ଜୀବନକୁ ଉପଭୋଗ କରିବାରେ ସୁଯୋଗ ଦିଆଯାଇଛି । ପ୍ରତିବଦଳରେ ସ୍ୱାର୍ଥ ସୁବିଧା ପାଇଁ ନେତାମାନେ ଏଠି ପାଗଳ । ଆପାତତଃ ଏ ସିଦ୍ଧାନ୍ତରେ ଉପନୀତ ହୋଇ ସାରିଥିଲା ଅଭିଷେକ । ସତକଥା, ରାଜନୀତିରେ କୌଣସି ଆଦର୍ଶ କୌଣସି ନୀତି ନିୟମର ସ୍ଥାନ ନାହିଁ। ସ୍ୱାର୍ଥପର ଜନତା ଦୁର୍ନୀତିକୁ ଗୁରୁତ୍ୱର ସହ ଗ୍ରହଣ କରିନ୍ତି ନାହିଁ। ସମସ୍ତେ ଦୁର୍ନୀତି ଦୁର୍ନୀତି ହୁଅନ୍ତି ସିନା କିନ୍ତୁ ସ୍ୱାର୍ଥପୂରଣ ହେଲେ ସମସ୍ତେ ନିରବ । ଆଜି ପର୍ଯ୍ୟନ୍ତ ଦୁର୍ନୀତିର ସଂଜ୍ଞା କେହି ବୁଝି ନାହାନ୍ତି । ବୁଝୁଥିଲେ ନେତାଙ୍କର ଦୁର୍ଗୁଣ ଜାଣି ବି ସେମାନଙ୍କର ଦୁର୍ନୀତିର ଅଗଣିତ ସ୍କାମକୁ ମାତ୍ର ଦିନ କେଇଟାରେ ଭୁଲିଯାଆନ୍ତେ ! ସେମାନେ ଦୁର୍ନୀତିଗ୍ରସ୍ତ ଜାଣି ମଧ୍ୟ ସେମାନଙ୍କୁ ଭୋଟ ଦେଇ ବାରମ୍ବାର ଜିତାନ୍ତେ !! କେଇଟା ଟଙ୍କା ଆଉ ବୋତଲେ ମଦରେ ବଳି ପକାଇ ଦିଅନ୍ତେ ନିଜର ଅଧିକାରକୁ !!

ଦୁର୍ନୀତି ବିରୋଧୀ ମଞ୍ଚକୁ ସମର୍ଥନ ଦେଉଥିବା ସାଧାରଣ ଜନତା କେହି ଦୁର୍ନୀତିମୁକ୍ତ ନୁହଁନ୍ତି । ତାଙ୍କୁ ସମର୍ଥକ ବି କୁହାଯାଇନପାରେ । ସେମାନେ ତାଙ୍କ ପାଖକୁ ଏଇଥିପାଇଁ ଆସୁଥିଲେ ଯେ ଏହା ଥିଲା ସେମାନଙ୍କର ଏକ କ୍ଷଣିକ ଭାବାବେଗ ଓ ସାମୟିକ ଉତ୍ତେଜନାର ପ୍ରତିକ୍ରିୟା । ଯାହାକୁ ଶାସକ ଦଳ ଯେକୌଣସି ସମୟରେ ଅର୍ଥ, ମଦ ଓ ବାହୁବଳ ଦ୍ୱାରା ନିମିଷକରେ କରାୟତ କରିପାରେ ।

ସଭା ସମିତିରେ ଯୋଗ ଦେଉଥିବା ଲୋକ ପ୍ରକୃତ ଭୋଟର ନୁହଁନ୍ତି । ଭୋଟ ଦବା ଲୋକ ଅଲଗା । ରାଜନୀତିର ଏହି ଗହନ ଗଭୀର ଅବୁଝା ଗଣିତକୁ ଏତେ କମ୍ ଦିନ ଭିତରେ ବି ଭଲ ଭାବେ ବୁଝି ପାରିଥିଲା ଅଭିଷେକ। ସେ ଜାଣି ସାରିଥିଲା ରାଜନୀତିର ମଇଦାନରେ କେବଳ କେତେକ ସ୍ୱାର୍ଥପର ଓ ଅମଣିଷ ଆଜି ରାଜନୀତିର ସାମ୍ରାଜ୍ୟକୁ କବଳିତ କରି ରଖିଛନ୍ତି । କୌଣସି ପରିପ୍ରେକ୍ଷୀରେ ଏ ଦେଶରୁ କ୍ଷୁଧା, ଦାରିଦ୍ର୍ୟ, ଶୋଷଣ ହଟିବ ନାହିଁ । ଏସବୁକୁ ଦେଖି ତାର ବାପାର କଥା ବେଶି ମନେପଡୁଥିଲା । ଆଜି ରାଜନୀତିର ପ୍ରକୃତ ଅର୍ଥ କ'ଣ ସେ ବୁଝିପାରୁଥିଲା ।

ରାଜନୀତି ପ୍ରତି ଘୃଣା ଆସିଯାଇଥିଲା ଅଭିଷେକର । ସେ ସ୍ଥିର ନିଶ୍ଚିତ ହେଇଥିଲା ଯେ ଆଉ କୌଣସି ପ୍ରକାରେ ବଦଳେଇ ହବନି ରାଜନୀତିର ପଙ୍କିଳ ପରିବେଶକୁ । ତାକୁ ଏଥିରୁ ଦୂରେଇ ଯିବାକୁ ପଡିବ । ଏ ଭିତରେ ବେଶ୍ କିଛିଦିନ ସେ ନଷ୍ଟ କରିସାରିଲାଣି ସେ ନିଜ ଜୀବନକୁ । ଆଉ ନୁହେଁ । ଘର କଥା ମନେପଡୁଥିଲା ଅଭିଷେକର । ସେ ଜାଣିଜାଣି ଘର ସହିତ କୌଣସି ସମ୍ପର୍କ ରଖିନାହିଁ । କିଏ ଜାଣେ ଘରେ କେମିତି ଥିବେ ସମସ୍ତେ । କେହି ତାକୁ ଖୋଜିଥିବେ କି ନା । ତାର ଏଇ ଆତ୍ମନିର୍ବାସନକୁ କେମିତି ଗ୍ରହଣ କରିଥିବେ ସମସ୍ତେ ! ଏବେ ତାର କଣ ଘରକୁ ଫେରିବା ଉଚିତ୍ ହେବ ? ସେ କଣ ଯାଇ ବାପାଙ୍କୁ କହିପାରିବ ଯେ ବାପା ସେଦିନର ରାଜନୀତିର ସଂଜ୍ଞା ବିଷୟରେ ଯାହା କହୁଥିଲ ତାହା ଥିଲା କେତେ ବାସ୍ତବ । ସତକଥା ବାପା - ପ୍ରକୃତରେ ଯାହା ଚିନ୍ତାକରାଯାଏ ତାହାକୁ କାର୍ଯ୍ୟକାରୀ କରିବା ରାଜନୀତିରେ ସଂପୂର୍ଣ୍ଣ ଅସମ୍ଭବ !!

ରାଜନୀତି ସମ୍ପର୍କରେ ଏଭଳି ଭାବନା ମନକୁ ଆସିଲା ପରେ ରାଜନୀତି ପ୍ରତି ସଂପୂର୍ଣ୍ଣ ଘୃଣା ଆସିଯାଇଥିଲା ଅଭିଷେକର । କିଛିଦିନ ଏମିତି ଅନ୍ୟମନସ୍କ ଭାବେ ବୁଲିବାକୁ ଲାଗିଲା ଏଣେତେଣେ ।

ଏତିକିବେଳେ ଭେଟ ହୋଇଥିଲା ରଶ୍ମୀରେଖା ସହ । ରଶ୍ମୀରେଖା ସମାଜସେବୀ । ସୁନ୍ଦରୀ ସୁଶ୍ରୀ ରଶ୍ମୀ ଥିଲା କଳକଳ ଛଳଛଳ ନିନାଦିନୀ ଝରଣାଟିଏ । ବେଶ୍ ଖୋଲା ମିଜାସର ଝିଅ । ତା' ସହିତ ଭେଟ ହୋଇଥିଲା ଗୋଟେ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟକ୍ରମରେ । ଅନାଥ ପିଲାଙ୍କ ପାଇଁ ସିଏ ଗଢିଛି ଗୋଟେ ଶିଶୁସଦନ । ନାଁ ତାର 'ସ୍ୱପ୍ନ' । ସେଠି ଅନାଥ ପିଲାଙ୍କ ପାଇଁ ସ୍ୱପ୍ନ ତିଆରି ହୁଏ । ସେମାନଙ୍କ ପାଇଁ ରଶ୍ମୀ ପରି ସୁନ୍ଦରୀ ଝିଅଟିର ହସିବା ଆଉ କାନ୍ଦିବା ଥିଲା ଅଭିଷେକ ପାଇଁ ସବୁଠୁ ବଡ ଆକର୍ଷଣ । 'ସ୍ୱପ୍ନ' ପାଇଁ ତା'ର ସଂଗ୍ରାମ, ଉଦ୍ୟମ ଓ ସେଠାରେ ଥିବା ଅନାଥ ଶିଶୁଙ୍କ ଉନ୍ନତି ପାଇଁ ଗଭୀର ଇଚ୍ଛାଶକ୍ତିକୁ ଦେଖି ଅଭିଷେକ ଗଭୀର ଅନୁପ୍ରାଣୀତ ହୋଇଥିଲା । ସେ ଅଭିଭୂତ ହୋଇଥିଲା ରଶ୍ମୀର ଅନନ୍ୟ ସ୍ୱପ୍ନରେ ।

ରଶ୍ମୀ ସହିତ ଯେତେ ଅଧିକା ଥର ଦେଖା ହେଉଥିଲା ତା' ପ୍ରତି ତା'ର ସମ୍ମାନବୋଧ ବଢିବଢି ଯାଉଥିଲା । କାହା ପ୍ରତି ତା'ର ଅଭିଯୋଗ ନଥିଲା କି ରାଜନୀତି ପ୍ରତି ଆଗ୍ରହ ବି ନଥିଲା । କେବଳ ସ୍ୱପ୍ନ ଥିଲା 'ସ୍ୱପ୍ନ' ପାଇଁ । ସବୁ ସ୍ୱପ୍ନକୁ କେମିତି ସାକାର କରିବ, ସବୁ ସ୍ୱପ୍ନକୁ ଉପଯୁକ୍ତ ନ୍ୟାୟ ଦେଇପାରିବ ଏହା ଥିଲା ତାର ଚରମ ଆଉ ପରମ ଲକ୍ଷ୍ୟ । ରାଜନୀତିରୁ ସନ୍ନ୍ୟାସ ନେଇଥିବା ଅଭିଷେକ ସ୍ୱତଃ ଯୋଡି ହୋଇଯାଇଥିଲା 'ସ୍ୱପ୍ନ' ସହିତ । ତାକୁ ଲାଗୁଥିଲା ରାଜନୀତି ନୁହେଁ ସମାଜସେବା ହିଁ ଦେଇପାରିବ ତାକୁ ଶାନ୍ତିର ସଲୀଳ । ରାଜନୀତିର ପଙ୍କ ଭିତରୁ ପଦ୍ମ ଫୁଟାଇବାର ସ୍ୱପ୍ନ ଅପେକ୍ଷା 'ସ୍ୱପ୍ନ'କୁ ସାକାର କରିବାର ସ୍ୱପ୍ନ ଢେର୍ ଭଲ । ମନେମନେ ଘରକୁ ଫେରିବାକୁ ସିଦ୍ଧାନ୍ତ ନେଇଥିବା ଅଭିଷେକ ପୁଣି ଅଟକି ଯାଇଥିଲା ସମାଜସେବାର ପରିଧି ଭିତରେ । ଏଇ ସମାଜସେବା ଦ୍ୱାରା ତା' ଜୀବନର ସବୁ ଅବଶୋଷକୁ ଯେ ଦୂର କରିଦେଇ ପାରିବ, ଏମିତି ପ୍ରତୀୟମାନ ହେଉଥିଲା ତାକୁ ।

ଅଭିଷେକକୁ ସହଯୋଗୀ ଭାବେ ପାଇଲା ପରେ ରଶ୍ମୀ ଆଉ ଅଟକି ଯାଇନଥିଲା ଅନାଥ ପିଲାଙ୍କର 'ସ୍ୱପ୍ନ' ପାଖରେ, ବରଂ ବ୍ୟାପକ କରିଦେଇଥିଲା ତାର କାର୍ଯ୍ୟକ୍ରମ । ଯୋଉଠି, ଯେକୌଣସି ସ୍ଥାନରେ ଲୋକଙ୍କର ଯେତେସବୁ ସମସ୍ୟା, ସେ ଅନାହାର ମୃତ୍ୟୁ ହେଉ ବା ନାରୀ ଶୋଷଣ, ନିର୍ଯ୍ୟାତନା, କି ଦାଦନ ଖଟିବାକୁ ଯାଇଥିବା ପିଲାଙ୍କର ସମସ୍ୟା କି ଶିଶୁ ଶ୍ରମିକ ସମସ୍ୟା ସବୁଥିରେ ସିଏ ଆଗକୁ ଆସୁଥିଲା । ଲୋକଙ୍କୁ ନେଇ ସେମାନଙ୍କୁ ନ୍ୟାୟ ମିଳିବାର ବ୍ୟବସ୍ଥାରେ ନିଜକୁ ଏକାକାର କରିଦେଉଥିଲା । (କ୍ରମଶଃ)

# ପ୍ରେମର ପରିଭାଷା

ଅନୁବାଦ ଗଳ୍ପ

ମୂଳହିନ୍ଦୀ- ସମୀର ଉପାଧ୍ୟାୟ



ଅନୁସୃଜନ- ବିନୟ କୁମାର ଦାସ

ପ୍ରିୟା, ଆଶା ଆଉ ନିଶା ଆଜି ସେମାନଙ୍କର ଅନ୍ୟତମ ବାନ୍ଧବୀ ନିଶା ଘରକୁ ବୁଲି ଆସିଛନ୍ତି । ଚା' ପାନ ସହିତ ନିଜ ନିଜ ପତିଙ୍କର ତାଙ୍କ ପ୍ରତି କେତେ କଣ ଭଲପାଇବା ରହିଛି ସେଇ ବିଷୟରେ ପ୍ରଥମେ ଗପସପ ହେଲେ । ପ୍ରଥମେ ପ୍ରିୟା କହିଲା, 'ମୋ ସ୍ୱାମୀ ମୋର କୌଣସି କଥାକୁ କେବେ ମନା କରନ୍ତି ନାହିଁ । ଏଥର ସମର ଭେକେସନ୍ ରେ ମୁଁ ମନାଲି ଯିବାକୁ ସ୍ଥିରକରି ଯେମିତି ତାଙ୍କୁ କହିଛି, ସେ ତୁରନ୍ତ ଯାଇ ଟିକେଟ୍ ରିଜାରଭେସନ୍ କରିଆଣିଛନ୍ତି । ସତରେ ସେ ମୋତେ ଖୁବ୍ ଭଲ ପାଆନ୍ତି ।'

ଆଶା କହିଲା, 'ମୋ ସ୍ୱାମୀ ବି କିଛି କମ୍ ନୁହନ୍ତି । ମୁଁ ଟିକେ ଅଳଙ୍କାର ପ୍ରିୟ । ତେଣୁ ଏମିତି ଦେଖିବାକୁ ଗଲେ, ସେ ପ୍ରତି ଦୁଇ ତିନି ମାସକୁ ଥରେ କିଛି ନା କିଛି ଗହଣା ଗଢି ଦିଅନ୍ତି । ଏ ବର୍ଷ ମୋ ଜନ୍ମଦିନରେ ବ୍ୟାଙ୍କରୁ ଲୋନ୍ ଆଣି ମୋ ପାଇଁ ପରା ତିରିଶ ଗ୍ରାମର ସୁନାଚେନ୍ କିଣିଆଣିଲେ । ଏତିକିରୁ ବୁଝି ପାରୁଥିବ ସେ ମୋତେ କେତେ ଭଲ ପାଆନ୍ତି ।'

ନିଶା କହିଲା, 'ମୁଁ ହେଲି ଟିକେ ଖାଦ୍ୟ ପ୍ରିୟ । ତେଣୁ ପ୍ରତି ରବିବାର ସନ୍ଧ୍ୟାରେ ସେ ମୋତେ ନୂଆ ନୂଆ ହୋଟେଲକୁ ନେଇ ମୋ ମନ ମୁତାବକ ଡିସ୍ ଖୁଆନ୍ତି । ଆମର ତ ରବିବାର ରାତିରେ ଘରେ ରୋଷେଇ ହୁଏ ନାହିଁ । ମୋ ମନକୁ ଖୁସି କରିବା ପାଇଁ ସେ ସବୁବେଳେ ତତ୍ପର ।' ତହୁଁ ରାଧା କହିଲା, 'ଆରେ ହେ...ତୁମେ ତିନିହେଁ ବସି ଗପ ହେଉଥାଅ...ମୁଁ ତୁମମାନଙ୍କ ପାଇଁ ଗରମା ଗରମ ପକୋଡି ତିଆରି ଆଣୁଛି ।' ଏତକ କହିଦେଇ ସେ ସେଠାରୁ ରୋଷେଇଘରକୁ ଚାଲିଗଲା ।

ସେ ଚାଲିଯିବା ପରେ ତିନିହେଁ ରାଧାର ନୀରସ ଜୀବନ ବିଷୟରେ କଥା ହେଲେ । ସେତେ ସ୍ୱଚ୍ଛଳ ପରିବାର ନୁହେଁ ରାଧାର । ନା ସେ କୁଆଡେ ବୁଲିବାକୁ ଯାଇ ପାରୁଛି ନା ନିଜ ପାଇଁ କିଛି ଗହଣା ବନେଇ ପାରୁଛି । ଏମିତି ବି ତା ସ୍ୱାମୀ ଆଦୌ ରୋମାଂଟିକ୍ ନୁହେଁ । କିନ୍ତୁ ଗୋଟିଏ ବିଶେଷତା ରହିଛି...ସ୍ୱାମୀ ସ୍ତ୍ରୀ ଦୁହିଁଙ୍କ ମୁହଁରେ ସବୁବେଳେ ହସ ଲାଖି ରହିଥାଏ । ଏତେ ଦୁଃଖ କଷ୍ଟ ଭିତରେ ଥାଇ ବି ସେ କେମିତି ମନ ଖୋଲି ହସି ପାରୁଛି, ଏହାର ଅସଲ କାରଣ ସେମାନେ ଅନୁମାନ କରି ପାରୁନଥିଲେ । କିଏ କେତେ ପ୍ରକାରର ହେତୁ କହୁଥାନ୍ତି । କିନ୍ତୁ ସଠିକ ଭାବରେ କେହି ଧରି ପାରୁ ନଥିଲେ ରାଧାର ଏମିତି ସୁଖର କାରଣ । ପକୋଡି ପ୍ଲେଟ୍ ସହ ଆସିଲା ରାଧା । ସମସ୍ତେ ନିଜ ନିଜର ପ୍ଲେଟ୍ ନେଇ ଖାଇବାକୁ ଆରମ୍ଭ କରିଦେଲେ ।

'ରାଧା, ଆମେ ତ ଆମ ସ୍ୱାମୀଙ୍କ କଥା କହିଦେଲୁ । ଏବେ ତୋ ବାରି । ତୁ କିଛି କହ ତୋ ସ୍ୱାମୀଙ୍କ ବିଷୟରେ ।'

ରାଧା ଟିକେ ଅଟକି ଗଲା ଏକଥା ଶୁଣି । ଗମ୍ଭୀର ହୋଇଗଲା । କଣ କହିବ ହୁଏତ ସେ ଭାବୁଥିଲା ବୋଲି ଏ ତିନି ହେଁ ଅନୁମାନ କରୁଥିଲେ । ତାପରେ ଶୁଖିଲା ହସଟିଏ ମୁହଁରେ ଖେଳାଇ ରାଧା କହିଲା, 'ଆରେ ମୁଁ କଣ କହିବି ? ତୁମେ ସବୁ ଭାଗ୍ୟବତୀ । ମନଲାଖି ପତି ପାଇ ଯାଇଛ । ମୋର ତ ଫଟା କପାଳ । ରୋମାନ୍ସ କରିବା ପାଇଁ ଆମ ପାଖରେ ସେମିତି ବେଶୀ କିଛି ସମୟ ନାହିଁ । ଆମେ ପରସ୍ପର ପାଇଁ ହିଁ ବଂଚିଛୁ । ସେ ମନ କଥା ବୁଝି ପାରନ୍ତି ଆଉ ସେହି ଅନୁସାରେ କାମ କରନ୍ତି । ମୁଁ ତାଙ୍କ ମନ କଥା ପଢିପାରେ । ତାଙ୍କର ଯେତେବେଳେ ଯାହା ଦରକାର, ମୁଁ ଯୋଗାଇ ଦିଏ । ଆମେ କେହି କାହା ଠାରୁ କିଛି ଉପହାର ଆଶା କରୁନା । ଆମେ ନେଉନା ବରଂ ଦେଉଁ । ଏହାଦ୍ୱାରା ଆମ ମନରେ ବହୁତ ଶାନ୍ତି ଆସେ । ତାଙ୍କ ମନଲାଖି ଖାଦ୍ୟ ପ୍ରସ୍ତୁତ କରିଦେଲେ, ସେ ବହୁତ ଖୁସି ହୋଇ ଯାଆନ୍ତି । ତାପରେ ଆମେ ଦୁହେଁ ପରସ୍ପରର ଭକ୍ତ । ତେଣୁ କୌଣସି ତୀର୍ଥ ସ୍ଥାନକୁ ଯିବା ପାଇଁ ଆମର ଦରକାର ହୁଏ ନାହିଁ । ଆମ ଏଇ ଛୋଟ କୁଡିଆରେ ଆମେ ଶାନ୍ତିରେ ଖାଇପିଇ ନିଜ ନିଜ ଭିତରେ ଗପସପରେ ଦିନ ବିତାଇ ଦେଉଁ । ଏହାଦ୍ୱାରା ଆମ ମନ ଭିତରେ ସବୁବେଳେ ସକରାତ୍ମକ ଚିନ୍ତାଧାରା ଜାଗ୍ରତ ହୁଏ । ଅନ୍ୟ କାହା ପରି ହେବା ପାଇଁ ଆମ ମନ ଭିତରେ ଏତେ ଟିକେ ବି ଲୋଭ ହୁଏ ନାହିଁ । ବାସ୍..ଏମିତି ଚାଲିଛି ଆମର ଜୀବନ ରଥ । ମନମାଳିନ୍ୟ ତ କେବେ ହୁଏ ନାହିଁ । କାହିଁକି ବା ହେବ, ଆମେ ପରସ୍ପରର ଅଭିଳାଷକୁ ସଦା ସମ୍ମାନ ଦେଇଥାଉଁ । ସେ ମୋ ପାଇଁ ଆଉ ମୁଁ ତାଙ୍କ ପାଇଁ ସବୁ କିଛି ତ୍ୟାଗ କରିବା ପାଇଁ ପ୍ରସ୍ତୁତ । ଏ କଥା ସେ ବି ଜାଣିଛନ୍ତି, ଆଉ ମୁଁ ବି ଜାଣିଛି ।'

ରାଧା ଏତକ କହୁଥିବା ସମୟରେ ତା ବାନ୍ଧବୀମାନେ ତାକୁ ଖାଲି ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ । ସତେ ଯେମିତି ରାଧାର ଏ ପ୍ରେମ ପରିଭାଷା ସେମାନଙ୍କୁ ସମ୍ମୋହିତ କରିଦେଇଥିଲା । ଆଉ କିଛି କହିବା ପାଇଁ ସେମାନେ ସାହସ କରି ପାରୁ ନଥିଲେ ।

♥ ଅନାମିକା ନୀଡ,
ଅଂଗାରଗଡିଆ, ବାଲେଶ୍ୱର- ୧
ମୋ- ୭୯୭୮୮୬୦୩୬୩

## ବହି ସମୀକ୍ଷା

# ସରୀସୃପ ଓ ଅନ୍ୟାନ୍ୟ କବିତାର କବି ରତ୍ନାକର ରାଉତ





ଡ . ରାଧାରଞ୍ଜନ ପଟ୍ଟନାୟକ

କବିତା ର ଶକ୍ତି ଅମାପ । ଭଲ କବିତା ଟିଏ ଯଦି ହାତକୁ ଆସିଗଲା, ତାହେଲେ ମଞ୍ଜ ଥରାଇ ମଗଜ ଭେଦିଯିବ ।ପାଠକର ମନ କେତେ କେତେ ପାହାଚ ଚଢ଼ି କୁଆଡେ ହଜିଯିବ, ଏଥିରେ ସନ୍ଦେହ ନାହିଁ । ଏ କଥା ସତ୍ୟଯେ, ସାହିତ୍ୟର ଯେତେ ବିଭାଗ ଅଛି,କବିତା ସରସ୍ୱର ଜଗତ ର ଏଜ ବଡ଼ ଆସନକୁ ମାଡି ବସିଛି । ତେଣୁ ଅଧିକ ପାଠକ ଏବଂ ଲେଖକ ଚାହାଁନ୍ତି କବିତାର ଶବ୍ଦ ଭିତରେ ହଜିଯିବାକୁ । ସମ୍ଭବତଃ କବି ରତ୍ନାକର ରାଉତ କବିତାର କାନଭାସରେ ଅନେକ ଚିତ୍ର ଓ ଚରିତ୍ର ଆଙ୍କିଛନ୍ତି । ଜୀବନ ଚିତ୍ରରେ ରଙ୍ଗମାଖି ପ୍ରଶାସନକ୍ଷର ଉଚ୍ଚ ପଦପଦବୀରେ ରହି ଓଡ଼ିଆଭାଷା ସାହିତ୍ୟର ମହା ମନ୍ଥନରେ ଆପଣାକୁ ସମାର୍ଜିତ କରି ସଂଖ୍ୟାଧିକ କବିତା ଗ୍ରନ୍ଥ ରଚନା କରି ନିଜ ଧୀ ଓ ଧିଷଣାର ପରିଚୟ ଦେଇଛନ୍ତି।

କବିତା ଜୀବନର ସୁରଭି, ଆତ୍ମାର ଆହ୍ୱାନ, ପ୍ରେମର ପ୍ରତିଲିପି, ଆବେଗ ଅନୁଭବ ର ମାର୍ମିକ ଉଚ୍ଛ୍ୱାସ ।ଦର୍ଶନ ଓ ବିମୁଗ୍ଧତାର ସମୀକରଣ ରେ କବିତାର ସାକାର ମୂର୍ତ୍ତି ଦେହ ଡଃ ରେ ଠିଆ ହୁଏତ କରେ ନୂତନ ଜୀବନ ର ସୂତ୍ରପାତ ।ଏହି କ୍ରମରେ କବି ରତ୍ନାକର ରାଉତଙ୍କ 'ସରୀସୃପ ଓ ଅନ୍ୟାନ୍ୟ କବିତା'କୁ ବିଶ୍ଳେଷଣ କରାଯାଇ ପାରେ ।

କବି ରତ୍ନାକର ରାଉତ ହେଉଛନ୍ତି ବହୁ ତିକ୍ତ ମଧୁର ଅନୁଭୂତି ସିଦ୍ଧ ବାସ୍ତବ ଚେତନା ର ଜଣେ ସ୍ୱର୍ଦ୍ଧିତ କବି ପ୍ରତିଭା। ଖୁବ ନିର୍ଭୀକ ତାଙ୍କର ମନସ୍ଥିତି । କବିଙ୍କର ନିବିଡ଼ ଅନୁଭବ ସମାଜ ମୁଖୀନତା ର ଶୀର୍ଷ କୁ ଛୁଇଁ ପାରିଛି । ତାଙ୍କର ପ୍ରତିଟି ଶବ୍ଦ ଉଡାଣ ଏକ ବୈଶିଷ୍ଟ୍ୟଦାୟୀ ଉପପାଦ୍ୟ ବିଚାର୍ଯ୍ୟ କବିତା ସଙ୍କଳନଟି 'ଈଶ୍ୱର'ଙ୍କ ଠାରୁ ଆରମ୍ଭ ହୋଇ ସରୀସୃପ ପର୍ଯ୍ୟନ୍ତ ବତିଶ ଟି କବିତାର ଏକ ନାନ୍ଦନିକ ଚିନ୍ତା ଓ ଚେତନାର ଚର୍ଚ୍ଚିତ କୈବଲ୍ୟ । ତମାମ ଜଗତ ଯେ ଈଶ୍ୱରଙ୍କ ସୃଷ୍ଟି ର ଏକ ଅନୁପମ ସୃଷ୍ଟି ଏଇ କଥାକୁ କବି ଦାର୍ଶନିକ ଦୃଷ୍ଟି (philosopical vision) ଯୋଗେ ଉପଚାର କରିଛନ୍ତି ।

ହୁଏତ ଏଇଥିପାଇଁ କବି କଣ୍ଠ ତୋଳିଛି-'କିଏ ଦେବ/କିଏ ନର/କିଏବା ଅସୁର/ସମସ୍ତେତ ତାଙ୍କରି ଭିଆଣ /ସଭିଏଁ ଈଶ୍ୱର'ବୋଲି ସ୍ୱୀକାରୋକ୍ତି ବାଢ଼ିଛନ୍ତି ।

ଜୀବନ କେତେ କେତେ ପ୍ରଶସ୍ତ ଗାଲିଚା ପରି ଲମ୍ବି ଯାଇଛି ଆଗକୁ ଆଗକୁ । ସୁଖ , ଦୁଃଖ, ଭାବ-ଅଭାବ-କେତେ ଚମତ୍କାରିତା ମଧ ଦେଇ କବି ରାଉତ ପାଦ ମେଲିଛନ୍ତି -ହୁଏତ ହୋଇ ପାରେ ପକ୍ଷୀପରି ଆକାଶରେ ଉଡିବାର ମୁକ୍ତ ପ୍ରୟାସ କିମ୍ବା ଅନନ୍ତ ଆକାଶ ଛାତିରେ ଛନ୍ଦାୟିତ ଜୀବନର ଅତୁଟ ବିଶ୍ୱାସ । ମାତ୍ର ତାହା କଣ ସମ୍ଭବ ହୋଇ ପାରିଛି ! କେବଳ ଉକ୍ଟ ଅନୁଭବ ବ୍ୟତୀତ ଅନ୍ୟ କିଛି ନୁହେଁ । ତଥାକଥିତ ସମାଜର ମଙ୍ଗୁଆଳମାନେ ଅହମିକାର ଖିଆଲ ଖେଳରେ ଯେଉଁ ବନ୍ଧନ ଝଞ୍ଜିର କବିଙ୍କ ପାଦକୁ ଛନ୍ଦି ଦେଇଛି, ସେଥିରୁ ମୁକ୍ତି ପାଇ ନାହାନ୍ତି ସେ । ତାଙ୍କର ସମସ୍ତ ଆଶା ଓ ବିଶ୍ୱାସ ସତେ ଯେମିତି ପତ୍ରଝଡା ଦେଇଛି ।

ସମ୍ପ୍ରତି ଆତ୍ମପ୍ରତିଷ୍ଠାର ମୋହ ସଭିଙ୍କୁ ପାଗଳ କରିଛି । କୋ ସୋଭୋରୁ ଜଫନାର ଉପକୂଳ ଯାଏଁ ସୂଚ୍ୟଗ୍ର ମେଦିନୀ ପାଇଁ ଦୁର୍ଯ୍ୟୋଧନ ରୂପୀ ବ୍ୟକ୍ତି ବିଶେଷ କିପରି ରକ୍ତନଦୀ ସନ୍ତରଣ କରୁଛନ୍ତି, ତାର ଏକ ଥିମ ମହାଭାରତର myth ଉପରେ ଚର୍ଚ୍ଚା କରିଛନ୍ତି । ଆଜିବି ସମାଜରେ ମାଟି ଚାଖଣ୍ଡେ ପାଇଁ କିପରି ରକ୍ତନଦୀ ପ୍ରବାହିତ ହେଉଛି, ତାର ଏକ ବାସ୍ତବ ପରିପ୍ରକାଶ କବିଙ୍କର ଏଇ 'ପକ୍ଷୀର ବାର୍ତ୍ତା'କବିତା ରେ

ଶବ୍ଦ ରୂପ ନେଇଛି । ଏକବିଂଶ ଶତାବ୍ଦୀ କିପରି ଏକ ପତନମୁଖୀ ସମୟର କୁହେଳିକାରେ ଆଚ୍ଛନ୍ନ ହୋଇଛି ତାର ଚିତ୍ର ଆଙ୍କିବାକୁ କବି କୁଣ୍ଠା ପ୍ରକାଶ କରିନାହାନ୍ତି । ଏବେ ବ୍ୟକ୍ତି-ବ୍ୟକ୍ତି, ଜାତି-ଜାତି ଏବଂ ଦେଶ-ଦେଶ ମଧ୍ୟରେ ଘମାଘୋଟ ଲଢ଼େଇ । କେଉଁଠି ରକ୍ତର ଝର ତ; ପୁଣି କେଉଁଠି ପରମାଣୁ ବିସ୍ଫୋଟର ଆହଟ । ସ୍ତବ୍ଧ ପୃଥିବୀ । ସ୍ତବଦ ସଂସାର । ଏଇମିତି ସନ୍ଧିକ୍ଷଣ ରେ ଅନ୍ୟମନସ୍କ ହୋଇ ପଡିଛନ୍ତି କବି।

ସଭ୍ୟତାର ଶେଷ ପହୁଚ ରେ ଥିବା କାଣ୍ଡାରୀ ମାନେ ନିରସ୍ତ୍ର ମଣିଷମାନଙ୍କୁ ଦେଖିବା ଉଚିତ । 'କାରିଗିଲ ଠାରୁ ଚେଚେନିଆ ଯାଏଁ ମୁ କ୍ଷୁଦ୍ର ପକ୍ଷୀଟିଏ ଶାନ୍ତିର କପୋତ ମେଦିନୀର ବକ୍ଷେ ବିଚରାଇ ।' କବି ନିଜ ଭିତରେ ଦେଖିଛନ୍ତି ପକ୍ଷୀର ଡେଣା ମେଲା ଆକାଶକୁ । ଯେଉଁଠି ଶୁଭେ ନାହିଁ ମୁକ୍ତ କଣ୍ଠର ସଙ୍ଗୀତ ଏବଂ ଜୀବନ ଜୀଇଁବାର ମଧୁର ସ୍ରୋତ । ଏହି କବିତାରେ କବି ରାଉତ ଙ୍କର ବ୍ୟକ୍ତିଗତ ଅନୁଭୂତି ଏକ ସାର୍ବଜନୀନ ସତ୍ୟରେ ପରିଣତ ହୋଇଛି ।

ସମୟ ବଡ଼ ଥକ୍କା । ବଡ଼ ବିଷାଦର ଚିହ୍ନ । ପ୍ରତିଟି ମଣିଷ ପ୍ରତି ମୁହୂର୍ତ୍ତରେ ମରୁଛି । ପୁନଶ୍ଚ ବଞ୍ଚୁଛି । ଯେଉଁଥିପାଇଁ କବି ରାଉତ ଏକ ଭାବ ବିହ୍ୱଳ କଣ୍ଠରେ ଉଦଘୋଷଣା କରିଛନ୍ତି-'ଯାହା ଯାହା କହିବାକୁ ଥାଏ/ସେ ସବୁତ ଦେଖି ହୁଏ ନାହିଁ/ଯାହା ଯାହା ଦେଖିବାକୁ ଥାଏ/ସେ ସବୁକୁତା ଦେଖି ହୁଏ ନାହିଁ/ଯାହା ସବୁ ଦେଖିହୁଏ, ତାକୁ କଣ କୁହାଯାଇ ପାରେ !'

କବି ରାଉତ ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ଅଟକି ଯାଇ ନାହାଁନ୍ତି ବରଂ ତାଙ୍କର କାବ୍ୟିକ ଫୋଟୋଗ୍ରାଫିକ କେନ୍ଦ୍ର ଭିତର କଏଦ ହୋଇଛି ନିତିଦିନିଆ ଘଟଣା ର ଚିତ୍ର ଓ ଚରିତ୍ର । କବିତା କବି ରାଉତଙ୍କ ପାଇଁ ବେଳେ ବେଳେ ବିଜୁଳି କନ୍ୟା ସାଜିଥିଲା ବେଳେ ପୁଣି ବେଳେ ବେଳେ ଇନ୍ଦ୍ରଧନୁର ସପ୍ତବର୍ଣ୍ଣ ସୃଷ୍ଟି କରିଛି । ଧୂଳିଧୂସରିତ ଯନ୍ତ୍ରଣାମୟ ସମୟରେ କବିତାହିଁ ତାଙ୍କ ପ୍ରାଣରେ ଭରିଦେଇଛି ମଧୁର ପ୍ରଣୟ ।

ତେଲ ଲୁଣର ସଂସାର । ଜଂଜାଳି କୁଟୁମ୍ବ ଭିତରେ କବିତାର ଅମ୍ଳଜାନ ହିଁ ତାଙ୍କୁ ଶାନ୍ତି ଆଣିଦେଇଛି । ଅନ୍ୟ କବିତା ମଧ୍ୟରୁ ମୋତେ ସୁଖ ଦିଅ, ମାଛ ଓ ଧୀବର, ଶବ କୋଳରେ ଶବ, ନବଜାତକ ଆଦି କବିତା ଭିତରେ ସାମାଜିକ ସ୍ଥିତି, ବିଡ଼ମ୍ବିତ ସମୟର ଆହ୍ୱାନ, ଘଟଣ ଅଘଟଣର ମାର୍ମିକ ରୂପ ସତ୍ୟତା ହିଁ ବେଶ ସ୍ପଷ୍ଟ । ସାମ୍ପ୍ରତିକ ସମୟର ଅତି ବାସ୍ତବ ସ୍ଥିତିକୁ ଖୁବ ନିକଟରୁ ଅନୁଭବ କରିଛନ୍ତି କବି । ଏଇ କବିତା ସଂକଳନରେ ରହିଛି ଜୀବନବୋଧର କଥା ଓ ବ୍ୟଥା । ମାଟିରୁ ଆକାଶ ଯାଏଁ ସର୍ବତ୍ର ମଣିଷର ବିଚରଣରେ ସ୍ଥାନ ପାଇଥିବା ଏକ ବିନିଷ୍ଟ ସ୍ଥିତିକୁ କବି ରାଉତ ପରଖି ପାରିଛନ୍ତି ।

କବିଙ୍କର 'ଏକା ଏକା ନଶିକାନ୍ତ' କବିତା ରେ ଜଣେ ଅସହାୟ ତଥା ଦାରିଦ୍ର୍ୟର ପ୍ରହାରରେ ନିର୍ଯ୍ୟାତିତ ମଣିଷର କଥା ଉଲ୍ଲେଖ କରିଛନ୍ତି କବି। 'କାନ୍ଧ ରେ ଝୁଲୁଛି ବ୍ୟାଗ/ତା ଭିତର ଟିଫିନ ବାକ୍ସ /ଛତା ପୁଣି,ପାଣି ବୋତଲ ଟିଏ/ଯାହା ଆଣିଥିଲା ସବୁ ଶେଷ/ପଟେ ଦୁଇପଟ ରୁଟି/ସନ୍ତୁଳ ଟିକିଏ / ଖାଲି ଖାଲି ଟିଫିନ ବାକ୍ସ ଓ ପାଣି ବୋତଲ 'ସତରେ ଜଣେ ମଣିଷ ନିର୍ଦ୍ଧନ ହେଲେ, ତାର ଅବସ୍ଥା କିପରି ହୋଇ ଥାଏ ତାହା ଏଇ ପଦରୁ ବାରି ହୋଇ ପଡେ। ନିଶିକାନ୍ତ ଏକା ଏକା ଚାଲିଛି । ହତାଶାର ଦୀର୍ଘ ଶ୍ୱାସ । ତାର ସ୍ତ୍ରୀ ଉଠି ବସି ପାରୁନି । ରୋଗୀଣା ମା । ବିଛଣା ଉପରେ କୁନ୍ଥେଇବାର ଅସ୍ପଷ୍ଟ ଶବ୍ଦ । ସେଇଠାରେ ଝାଡା ଓ ପରିସ୍ରା ।

ଜଣେ ମଣିଷର ପରିବାରରେ କେତେ ଯେ ଦୁଃଖ ଓ କଷ୍ଟ ଆସେ, ତାର ଏକ ବାସ୍ତବ ରୂପ ଦେବାକୁ ଯାଇ କବି ରାଉତ ସମ୍ଭବତଃ ଏଇ କବିତାର ସ୍କେଚ ଅଙ୍କିଛନ୍ତି । କବି ରାଉତଙ୍କ କଏଦୀ, ପରିବର୍ତ୍ତନ, ମୁହୂର୍ତ୍ତ, ଜନ୍ମଦିନ, ତୁମେ ଥାଅ ପାଖେ ପାଖେ, ଏବେ ପରଖିବାର ବେଳ କବିତା ରେ ମୁଖ୍ୟତଃ କବି ମାନବୀୟ ଚେତନାର ମୁଗ୍ଧ ବନ୍ଦାପନା କରିଛନ୍ତି । ନିରାଶା ଭିତରେ ଅଶାର,ଦୁଃଖ ଭିତରେ ସୁଖର ଉପସର୍ଗ ଯୋଡିବାକୁ ପ୍ରୟାସ କରିଛନ୍ତି ।

କବି ରାଉତ ଦେଖିଛନ୍ତି ସ୍ୱପ୍ନ । ଆଗାମୀ କାଲିର । ଆଶା ଓ ବିଶ୍ୱାସ ର ଆତ୍ମ ପ୍ରତ୍ୟୟ ଭିତର ସେ କହିଛନ୍ତି-'ସେ ଆଗାମୀ ର କବି/କରିବ ସେ ବିଚରଣ/ଜଳ,ସ୍ଥଳ,ଆକାଶ ରେ /ନିର୍ବିବାଦେ/ ମଣିଷ ର ସାଥେ/ଅତିକ୍ରମି ଦେଶେ ଦେଶେ / ଦୁର୍ଭେଦ୍ୟ ପ୍ରାଚୀର ।'

ସତରେ ଜଣେ ଆଶାବାଦର କବିହିଁ ଏଇମିତି ବର୍ଣ୍ଣନା କରିପାରେ । ଯାହା କବି ରାଉତଙ୍କ ଠାରେ ଦେଖିବାକୁ ମିଳେ ।

କବି ରାଉତଙ୍କ ଅନ୍ୟ କବିତା ଯେମିତି ମୁଠାଏ ମାଟି, ଦସ୍ତର, ପଶାଖେଳର ସମ୍ମୋହନ ଆଦି ସ୍ୱଭୂମିର ନିର୍ଯ୍ୟାସ, ମୌଳିକ ଜୀବନ ଚେତନା ର ସ୍ଫୁରଣ /ମାନବିକ ସଂପର୍କ ର ନବ ମୂଲ୍ୟାୟନ ଓ ନିବିଡ଼ ଆଶାବାଦ ର ଉଜ୍ଜୀବନ, ସମାଜ ଚେତନା ର କଳାତ୍ମକ ଅଭିବ୍ୟକ୍ତି, କବି ମାନସ ଭୂମିରେ ଉପଲବ୍ଧିର ବିସ୍ତାର, ବାମାବାଦୀ ଦୃଷ୍ଟିଭଙ୍ଗୀର ଉନ୍ମୋଚନ ସର୍ବୋପରି ନିଜ ଅନୁଭବର ସ୍ୱଭାବିକତା ଓ ସାବଲିଳତା ପରିପ୍ରକାଶ ହୋଇଛି। କବିତାର ଶେଷ ପର୍ବରେ କବି 'ମୁଁ ଉନ୍ମୁକ୍ତ ହୋଇଯିବାକୁ ଚାହେଁ ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି। କବି ଜାଣିଛନ୍ତି, ଗୋଲାମ ହେଲେ ମଣିଷ କିପରି ତାର ସ୍ୱାଧୀନତା ହରାଇ ବସେ, ତାର ଏକ ନଜିର ଉପସ୍ଥାପନ କରିଛନ୍ତି କବି । କବି ରାଉତ କବିତା ଲେଖିଲା ବେଳେ ନିଜକୁ ସମ୍ପୂର୍ଣ୍ଣ ଉନ୍ମୁକ୍ତ କରିଦେଇଛନ୍ତି। ଖୋଲା ହୃଦୟରେ ମନ କଥା ବଖାଣିଛନ୍ତି।

ଶବ୍ଦ ବସାଣ ସ୍ତରରେ ନିବିଡ଼ ତାଳ ମେଳ ଯୋଖିବାକୁ ଚେଷ୍ଟା କରୁଥିବା ଶବ୍ଦ ଖେଳାଳୀମାନଙ୍କ ମଧ୍ୟରେ କବି ରତ୍ନକର ରାଉତ ବି କମ ନୁହନ୍ତି । ଶବ୍ଦ ନିଶାରେ ଏଭଳି ବିଭୋର ହୋଇଯାଇଛନ୍ତି ଯେ ଆଲୋଚ୍ୟ କବିତା ସଙ୍କଳନ ଟି ପାଠ କରି ସରିବା ପରେ ବ୍ୟକ୍ତି ଗତ ଭାବେ ମୁ ମଧ ଅନେକତ୍ର ହୋଇଛି ବିଭୋର ହୋଇଛି ମନ୍ତ୍ରମୁଗ୍ଧ ।

ଶେଷ କବିତା 'ସରୀସୃପ' ରେ କବି ନିଜ ଭିତରେ ନିଜକୁ ଦେଖିଛନ୍ତି । ପାପ ପୁଣ୍ୟ, ଭୁଲ ଠିକର ଅସୁମାରୀ ପ୍ରଶ୍ନ ଏବଂ ଲୋକାଚାର, ମତବାଦ ଭିନ୍ନ ଭିନ୍ନ /ଚଳଣିରେ ସ୍ଥାନୁ ସ୍ଥାନ /କେତେ ବ୍ୟବଧାନ' ତାର ଏକ କଳାତ୍ମକ ଭାବ ବିନ୍ୟାସ କରିଛନ୍ତି ।

ସତରେ କବି ରତ୍ନାକର ଙ୍କ ଭାବ କଳ୍ପ କେତେ଼ ବିସ୍ତର !ବିଷାଦ ,ହତାଶା,ସ୍ୱପ୍ନ ଭଙ୍ଗ ଭିତରେ ବି ଅନୁକମ୍ପା ର କୀର୍ତ୍ତନ କରିଛନ୍ତି ସେ । କବିଙ୍କର ପ୍ରତିଟି କବିତାରେ ଅଙ୍ଗିକ, ଆତ୍ମିକ, କଳାପକ୍ଷ, ଭାବପକ୍ଷ ବେଶ ଉତ୍ତରିଛି ସଫଳ ଭାବେ । ଏଥିରେ କ୍ଳାନ୍ତିକର ପ୍ରବଚନ ବା ନୀତି ଶିକ୍ଷାର ଗୁରୁଭାର ନାହିଁ, ଅଛି କେବଳ ନିଛକ ଭାବାବେଗ ସହିତ ଶୁଦ୍ଧ ବିଶ୍ୱାସ ।

♥ସଲଟ ରୋଡ଼, କାଦ୍ରାବାଦ,
ସୁନହଟ, ବାଲେଶ୍ୱର
ମୋ-୯୪୩୮୨୯୦୦୭୨

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୩

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)
♥ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର,
ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ଜୀବନବୋଧର ବରଗଛ ଛାଇ
ଉଷୁମ ବିଶ୍ୱାସ ଆହା
ଫୁଲ ଓ ପବନ ଶାଂତ ଉଚ୍ଚାରଣ
ସ୍ୱରବର୍ଣ୍ଣ ମୋ ଗାଆଁ । ୨୧ ।

ଦୁଃଖରେ କାନ୍ଦେନା ସୁଖରେ ହସେନା
ସ୍ଥିତପ୍ରଜ୍ଞା ତାର ଚାଲି
ସବୁଥିରେ କିନ୍ତୁ ସାମିଲ ଥାଏ ସେ
ପଦ୍ମପତ୍ରେ ଜଳ ପରି । ୨୨ ।

ବେଳେବେଳେ ଲାଗେ ଗାଆଁ ନୁହେ ସେତ
ମଉନ ମଗ୍ନ ଋଷି
ଅନାହତ କେଉଁ ଅନାଦି କାଳରୁ
ସେଇଠି ଯାଇଛି ବସି । ୨୩ ।

ସୋରିଷ ଫୁଲିଆ ଉଜାଣି ଖରାରେ
ଗାଆଁର ନହକା ଚାଲି
ଚତୁରୀ ନଈର ମାୟା ଠେଲିନିଏ
ପାଦତଳୁ ଚୋରାବାଲି । ୨୪ ।

ସ୍ମୃତିର ମଳୟ ବହୁଥାଏ ନିତି
ସ୍ତବ୍ଧ ବାସନ୍ତି କୁଞ୍ଜେ
ସେ ମାଆ ମମତା ଘାରୁଥାଏ ସଦା
ପ୍ରତିଟି ମଉଳା ସଂଜେ। ୨୫ ।

କେତେ ଛନ୍ଦରେ ମୌସୁମୀ ବହେ
ଶ୍ରାବଣର ଧାରା ହୋଇ
ପ୍ରଚଣ୍ଡ ରୌଦ୍ର ଶୁଖାଇ ପାରେନା
ଛଳ ଛଳ ଛାତି ନଈ । ୨୬ ।

ବିଭୋର ଅତୀତ ନୀରବ ସଂଜ
ଅମୀୟ ଜୋଛନା ଗୀତି
ତା' ମଧୁମାଳତୀ ସଂଜ ଆଳତୀ
ଅଭୁଲା ସେ ଜହ୍ନରାତି । ୨୭ ।

କେ' ବର୍ଣ୍ଣିପାରିବ ଗହିରୀ ଛାତିର
ସ୍ଥାୟୀ ଅନୁଭବ କଥା
ସୁପ୍ତ ପ୍ରେମିକର ଗୁପ୍ତ ବଇଭବ
ମନର ଦାରୁଣ ବ୍ୟଥା । ୨୮ ।

ଉଡ଼ିଯାଉଥାନ୍ତି କଳାକାର ମାଳା
ରୋଷଣି ଛିଟିକା ପରି
ଅସ୍ତରାଗର ଦିଗ୍ ବଳୟରେ
ସତେ ଭାସମାନ ତରୀ । ୨୯ ।

ରଜ ସଜ ହେଲେ ମତୁଆଲା ହୁଏ
ମଧୁକ୍ଷରା ଗାଁ ମାଟି
ହିଲ୍ଲୋଳିତ ହୁଏ ନବୀନା ବୟସୀ
ଉଲ୍ଲାସେ ଯାଏ ଫାଟି। ୩୦ ।



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ତୁଲ୍ ବୁଖାରା



୧୮

ଦୀପକ ରଂଜନ ମିଶ୍ର

## ॥ ଆଣ୍ଡାମାନରେ ଧର୍ମାନ୍ତରୀକରଣ ॥

ସେଲ୍ୟୁଲାର ଜେଲ୍ ଭିତରେ ହିନ୍ଦୁ ବନ୍ଦୀମାନଙ୍କ ଧର୍ମାନ୍ତରୀକରଣ କରି ମୁସଲମାନ କରାଯାଉଥିବା କଥା ବିନାୟକ ସେଠାକୁ ଯିବାର କିଛିମାସ ଭିତରେ ଜାଣିବାକୁ ପାଆନ୍ତି । ସେମାନେ ଧର୍ମ ପରିବର୍ତ୍ତନ ପରେ ନିଜ ନିଜ ନାଁ ମଧ୍ୟ ବଦଳେଇ ଦେଇଥାନ୍ତି । ସେଠାରେ ଇଂରେଜ୍ମାନେ ଶାସନମୁଖ୍ୟ ହୋଇଥିଲେ ସୁଦ୍ଧା କାରାଗାର ଭିତରେ କାହାକୁ ଲୋଭ କିମ୍ବା ଭୟ ଦେଖାଇ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରିବାର ଉଦ୍ୟମ କରୁ ନଥିଲେ ସିନା ମାତ୍ର ମୁସଲମାନ ବନ୍ଦୀଙ୍କ ଦ୍ୱାରା ହିନ୍ଦୁ ସହବନ୍ଦୀଙ୍କ ଧର୍ମ ପରିବର୍ତ୍ତନ କରିବାର ପ୍ରୟାସକୁ ଇଂରେଜମାନେ ମୌନ ରହି ସମର୍ଥନ ଜଣାଉଥିଲେ । ସାଧାରଣତଃ ମୁସଲମାନଙ୍କ ଭିତରେ ଏଭଳି ଏକ ବିଶ୍ୱାସ ଅଛି ଯେ କାଫେର୍ମାନଙ୍କୁ ମୁସଲମାନ ଧର୍ମରେ ଦୀକ୍ଷିତ କଲେ ପରଲୋକରେ ତାଙ୍କର ପାପଗୁଡ଼ିକ କ୍ଷମା କରିଦିଆଯିବ ତଥା ସେମାନେ ସ୍ୱର୍ଗୀୟ ଅପସରାଙ୍କୁ ଭୋଗ କରିବାର ସୌଭାଗ୍ୟ ପ୍ରାପ୍ତ କରିବେ । ଜୀବନ ଜୀବିକା ପାଇଁ ହତ୍ୟା, ଚୋରୀ ତଥା ଲୁଣ୍ଠନ ଇତ୍ୟାଦି କୁକର୍ମରେ ଲିପ୍ତ ରହିଥିବା ମୁସଲମାନ କଏଦୀମାନେ ତେଣୁ ତାଙ୍କ ସହବନ୍ଦୀ ହିନ୍ଦୁ କଏଦୀଙ୍କୁ କଳେ ବଳେ କୌଶଳେ ଧର୍ମାନ୍ତରୀକରଣ କରି ପରଲୋକରେ ଆପଣା ପାପକର୍ମ କ୍ଷାଳନର ବ୍ୟବସ୍ଥା କରିଥାନ୍ତି । ଦେଶର ଅନେକ କାରାଗାରରେ ଏଭଳି ପ୍ରକ୍ରିୟା ଦେଖିବାକୁ ମିଳୁଥିଲା ସେତେବେଳେ । ତେବେ ଆଣ୍ଡାମାନ ବା ଏଥିରୁ ବାଦ୍ ଯାଆନ୍ତା କିପରି ? ସେଠାରେ ବାଛି ବାଛି ଅତି ଦୁର୍ଦ୍ଦାନ୍ତ ବଲୁଚ୍ ତଥା ପଞ୍ଜାବୀ ମୁସଲମାନ ଅପରାଧୀଙ୍କୁ ୱାର୍ଡ଼ର, ପେଟି ଅଫିସର ତଥା ଜମାଦାର ଭାବେ ନିଯୁକ୍ତି ଦିଆଯିବା କଥା ପୂର୍ବରୁ ଆଲୋଚିତ ହୋଇଛି । ସେମାନେ ଅତି ନିର୍ଦ୍ଦୟ ହୋଇଥିବାରୁ କଠୋର ବ୍ୟବହାର କରୁଥିଲେ ହିନ୍ଦୁ ବନ୍ଦୀମାନଙ୍କ ସହିତ । ରାଜବନ୍ଦୀମାନଙ୍କ ଭିତରେ ଥିଲେ ଅଧିକାଂଶ ହିନ୍ଦୁ ଧର୍ମାବଲମ୍ବୀ । ତେଣୁ ସେମାନଙ୍କ ଉତ୍ପୀଡ଼ନ ପାଇଁ ଇଂରେଜ୍ଙ୍କର ଏହା ଥିଲା ଏକ ସୁଚିନ୍ତିତ ବ୍ୟବସ୍ଥା । ଏଇ ନିମ୍ନ ଶ୍ରେଣୀର କର୍ମଚାରୀମାନେ ହିନ୍ଦୁ ବନ୍ଦୀଙ୍କୁ କଠୋର ଶାସ୍ତି ଦେବାସହ କଠିନରୁ କଠିନ କାର୍ଯ୍ୟରେ ନିଯୁକ୍ତ କରୁଥିଲେ । ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଏହା ହିଁ ସେମାନଙ୍କର କହିବାର କଥା ଯେ, "ଆମଠୁଁ ରକ୍ଷା ପାଇବାକୁ ଚାହୁଁଛ ତ ମୁସଲମାନ ବନିଯାଅ" । ବିନାୟକଙ୍କୁ ଏସବୁ ଭାରି ଅସହ୍ୟ ବୋଧହୁଏ । ହେଲେ ପ୍ରାଥମିକ ପର୍ଯ୍ୟାୟରେ ସେ ଥିଲେ ନିରୂପାୟ । କାଳ କୋଠରୀ ଭିତରେ ବନ୍ଦୀ, କାହାକୁ ଭେଟିବା କି କଥା ପଦେ ହେବାକୁ ସୁଯୋଗ ମିଳୁ ନଥିବା ବେଳେ ଏଭଳି ବ୍ୟବସ୍ଥାର ପ୍ରତିବାଦ କରିବେ ବା କେମିତି ? କିଛିମାସ ପରେ କାମ କରିବାକୁ ଯେତେବେଳେ ତାଙ୍କୁ କୋଠରୀରୁ ବାହାରକୁ ଅଣାଯାଏ ଚୁପି ଚୁପି କିଛି ସହବନ୍ଦୀଙ୍କୁ ଏଇ ଅନ୍ୟାୟ ବିଷୟରେ କହିବାରୁ ସେମାନେ ଏଇସବୁ ପ୍ରତି ଘୋର ଉଦାସୀନ ଥିବା ଜାଣିବାକୁ ପାଆନ୍ତି । ଚୋର, ବଦମାସ, ଖଣ୍ଟିଏ ହିନ୍ଦୁଧର୍ମରେ ନରହି ଭୟ କିମ୍ବା ଲୋଭର ବଶବର୍ତ୍ତୀ ହୋଇ ମୁସଲମାନ ହୋଇଗଲେ ସେଥିରେ ପ୍ରତିବାଦ କରିବାର କ'ଣ ଅଛି ବୋଲି ଓଲଟା ପ୍ରଶ୍ନ ଶୁଣିବାକୁ ପଡ଼େ ତାଙ୍କୁ । ସେମିତିରେ ତ ସମସ୍ତେ ଦୁର୍ବିସହ ଜୀବନ ବଞ୍ଚୁଛନ୍ତି ଜେଲ୍ ଭିତରେ । ପୁଣି ଏଇ ୱାର୍ଡ଼ର ତଥା ପେଟି ଅଫିସରଙ୍କ କାର୍ଯ୍ୟର ବିରୋଧ କରି କେତେ କଷ୍ଟକୁ ନିମନ୍ତ୍ରଣ କରିବେ ? କେତେକ ଚାଲାଣ ବନ୍ଦୀ ମୁସଲମାନ ଜମାଦାରଙ୍କୁ ଖୁସି କରିବା ପାଇଁ ଏମିତି ନାଟକ କରନ୍ତି ଯେ କିଛିଟା ଦିନ ଭିତରେ ସେମାନେ ବି ତାଙ୍କର ଧର୍ମ ପରିବର୍ତ୍ତନ କରିବାକୁ ବିଚାର କରୁଛନ୍ତି । ଏଭଳି ପରିସ୍ଥିତିରେ କିଏ କାହିଁକି ଚିହ୍ନା ପଡ଼ିବାକୁ ଏସବୁର ବିରୋଧ କରିବାକୁ ଯିବ ? କେମିତି ଭ୍ରଷ୍ଟତା ଓ ଶୁଦ୍ଧି ? ଏଇ ପତିତ, ନୀଚ ଅପରାଧୀମାନେ ହିନ୍ଦୁ ସମାଜରେ ରହନ୍ତୁ ବା ନରହନ୍ତୁ ସେଥିରେ କିଛି ଫରକ୍ ପଡ଼େନି। ସେମାନେ ହିନ୍ଦୁ ହୋଇ ରହିଲେ ଲାଭ କ'ଣ ? ସେମାନଙ୍କୁ ପୁନର୍ବାର ହିନ୍ଦୁ ଧର୍ମକୁ ଫେରେଇ ଆଣିବାକୁ ପ୍ରୟାସ ଏକ ପିଲାଳିଆମୀ । ବାରୀ ସାହେବ୍ ତଥା ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କର ମଧ୍ୟ ସେଇ ଏକା ମତ । ଶୁଦ୍ଧିକରଣ ଉପରେ ଏଇ ଆକ୍ଷେପ ପ୍ରାୟ ଅନେକଙ୍କର ।




ଏଇଠି ଚିନ୍ତା କରିବାର କଥା ଯେ ନୀଚ ଅପରାଧୀ ଗୋଷ୍ଠୀର ହିନ୍ଦୁ ମାନଙ୍କୁ ଧର୍ମ ପରିବର୍ତ୍ତନ କରିବାରୁ ରୋକିବା ଯଦି ପିଲାଳିଆମୀ ତେବେ ଶହ ଶହ ବର୍ଷ ହେଲା ଯୁଦ୍ଧ ତଥା ହୀନଲୀଳା କରି ମୁସଲମାନମାନେ ଏଇ ପତିତ ହିନ୍ଦୁଙ୍କୁ ଧର୍ମ ପରିବର୍ତ୍ତନ କରିବାର ପିଲାଳିଆମୀ କରୁଛନ୍ତି କାହିଁକି ? ସଭ୍ୟ ଶିକ୍ଷିତ ୟୁରୋପୀୟ ତଥା ଆମେରିକୀୟ ମାନେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଭାରତର ଗାଁ ଗଣ୍ଡା ତଥା ଜଙ୍ଗଲ ଭିତରେ ଥିବା ଆଦିବାସୀ, ବର୍ବର ଲୋକଙ୍କୁ ମଧ୍ୟ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରିବାରେ ଲାଗିଛନ୍ତି । ଏହା ବି କ'ଣ ସେମାନଙ୍କର ପିଲାଳିଆମୀ ? ତେବେ ସେମାନେ କ'ଣ ଏଇ ପତିତଙ୍କୁ ଆପଣା ଧର୍ମରେ ଗ୍ରହଣ କରି ନିଜ ଧର୍ମକୁ କଳଂକିତ ତଥା ଭ୍ରଷ୍ଟ କରୁ ନାହାନ୍ତି ? ଯଦି ଧର୍ମାନ୍ତରଣ କରି ସେମାନଙ୍କୁ ଅନୁରୂପ ଶିକ୍ଷା ଦେଇ ତାଙ୍କର ଆତ୍ମାର ଉଦ୍ଧାର କରିବାର ପ୍ରୟାସ କରାଯାଉଛି ତେବେ ନିଜ ଧର୍ମରେ ସେଇ ନୀଚ, ମଦ୍ୟପ, ଦୁଷ୍ଟ ପ୍ରକୃତିର ଲୋକଙ୍କୁ ରଖି ସେମାନଙ୍କର ଆତ୍ମାର ଉଦ୍ଧାର ପାଇଁ ଶୁଦ୍ଧିକରଣର ପ୍ରୟାସ ପିଲାଳିଆମୀ ହେବ କାହିଁକି ? ଯେଉଁମାନଙ୍କୁ ଆଜି ପତିତ, ଦୁଷ୍ଟ, ମଦ୍ୟପ କୁହାଯାଉଛି ସେମାନଙ୍କର ସନ୍ତାନମାନେ ବି ସେଇମିତି ହେବେ ବୋଲି କିଛି ଧରାବନ୍ଧା ନିୟମ ନାହିଁ । ସେମାନେ ଉପଯୁକ୍ତ ଶିକ୍ଷା ଓ ଅନୁକୂଳ ପରିବେଶ ପାଇ ସୁଯୋଗ୍ୟ, ବଳିଷ୍ଠ ତଥା ଉପଯୁକ୍ତ ନାଗରିକ ହୋଇ ପାରନ୍ତି ଭବିଷ୍ୟତରେ । ଅତୀତରେ ଇଂଲଣ୍ଡରୁ ସେଇଭଳି ଦୁଷ୍ଟ, ପତିତଙ୍କୁ କାନାଡ଼ା ତଥା ଅଷ୍ଟ୍ରେଲିଆ ଆଦି ଦ୍ୱୀପକୁ ଦ୍ୱୀପାନ୍ତରିତ କରାହୋଇଥିଲା । ଆଜି ସେମାନଙ୍କର ବଂଶଜ କାନାଡ଼ା ତଥା ଅଷ୍ଟ୍ରେଲିଆ ଆଦିକୁ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ଦେଇ ସାରିଛନ୍ତି । ରତ୍ନାକର ତ ପୁଣି ଜଣେ ଦସ୍ୟୁ ଥିଲେ । 'ରାମ' ଶବ୍ଦ ତାଙ୍କ ପାଟିରେ ପଶୁ ନଥିଲା । ନପଶିଲେ ନାଇଁ, ଓଲଟା ହେଉ ପଛେ ମରା ମରା ବୋଲି ଜପ କରିବାରୁ କାଳକ୍ରମେ ସେ ମହାନ୍ ରାମଭକ୍ତ ହୋଇ ବିଶ୍ୱକୁ 'ରାମାୟଣ' ଭଳି ଗୋଟିଏ ମହାକାବ୍ୟ ଦେଇ ପାରିଛନ୍ତି । ଦସ୍ୟୁ ବୋଲି ତାଙ୍କୁ ଘୃଣା କରି ଏଡ଼ାଇ ଦେଇଥିଲେ ସଂସାର 'ରାମାୟଣ' ପାଇଥାନ୍ତା କୋଉଠୁ ? ତେଣୁ ଦ୍ୱୀପାନ୍ତରିତ ହୋଇ ଆଣ୍ଡାମାନରେ ଆସି କଏଦୀ ଭାବରେ କାଳ କାଟୁଥିବା ଏଇ ବନ୍ଦୀମାନେ ଦୁଷ୍ଟ, ଅଭଦ୍ର, ଅଶିକ୍ଷିତ ଯାହା ବି ହୁଅନ୍ତୁ ନା କାହିଁକି ସେମାନେ ହିନ୍ଦୁଧର୍ମାବଲମ୍ବୀ ହୋଇ ରହିଥାନ୍ତୁ । ସେମାନଙ୍କ ପୁଅ ନାତି ମଧ୍ୟ ହିନ୍ଦୁ ହୋଇ ଜନ୍ମଲାଭ କରନ୍ତୁ, ଆପଣା ହିନ୍ଦୁତ୍ୱ ପାଇଁ ଗର୍ବ ଅନୁଭବ କରନ୍ତୁ । ଧର୍ମ ପରିବର୍ତ୍ତନ କରି କାଳକ୍ରମେ ହିନ୍ଦୁବିଦ୍ୱେଷୀ ହୋଇଗଲେ ତାହା ଭବିଷ୍ୟତ ପାଇଁ ଅଶୁଭଙ୍କର । ବିନାୟକ ତେଣୁ ଜେଲ ଭିତରେ ବିଭିନ୍ନ ପ୍ରତାଡ଼ନା ଦେଇ ଏଇ ହିନ୍ଦୁ ସହବନ୍ଦୀଙ୍କ ଧର୍ମ ପରିବର୍ତ୍ତନ କରୁଥିବା ମୁସଲମାନଙ୍କ ବିରୋଧରେ ଜେଲ କର୍ତ୍ତୃପକ୍ଷଙ୍କ ପାଖରେ ଅଭିଯୋଗ କରିବା ଆରମ୍ଭ କରିଦିଅନ୍ତି ୧୯୧୩ ମସିହାରେ । ଆପଣା ଅକାଟ୍ୟ ଯୁକ୍ତି ଦ୍ୱାରା ରାଜବନ୍ଦୀମାନଙ୍କୁ ପ୍ରଭାବିତ କରି ନିଜ ପକ୍ଷଭୁକ୍ତ କରିବା ସହ ତାଙ୍କ ସହଯୋଗରେ ଶୁଦ୍ଧିକରଣ ପ୍ରକ୍ରିୟା ୧୯୨୦/୨୧ ପର୍ଯ୍ୟନ୍ତ ଚାଲୁ ରଖାଯାଏ । ଏଇ କାରଣରୁ କ୍ରୋଧିତ ହୋଇ କେତେଥର ମୁସଲମାନ ଗୁଣ୍ଡାମାନେ ତାଙ୍କୁ ଶାରୀରିକ ଆଘାତ ଦେବା ସହ ଜୀବନରେ ମାରିଦେବା ପାଇଁ ମଧ୍ୟ ଷଡ଼ଯନ୍ତ୍ର କରିଛନ୍ତି । ହେଲେ ଆନ୍ଦୋଳନ ଅଟକି ନାହିଁ । ତାହାରି ଫଳରେ ନୂଆ ଆସୁଥିବା ବନ୍ଦୀମାନଙ୍କୁ ଧର୍ମାନ୍ତରରଣ କରିବା ପ୍ରାୟତଃ ଅସମ୍ଭବ ହୋଇଯାଏ । ଅତୀତରେ ଧର୍ମାନ୍ତରିତ ହୋଇଥିବା ହିନ୍ଦୁମାନଙ୍କୁ ମଧ୍ୟ ଶୁଦ୍ଧିକରଣ ପ୍ରକ୍ରିୟା ଯୋଗୁଁ ମୁଖ୍ୟ ସ୍ରୋତରେ ସାମିଲ କରିନିଆଯାଏ ।

ଆଣ୍ଡାମାନକୁ ନୂଆ ଚାଲାଣ ଆସିଲେ ତହିଁରେ ଥିବା ଅଳ୍ପ ବୟସ୍କ କିଶୋର, ଦୁର୍ବଳ ତଥା ଭୀରୁ ମାନଙ୍କୁ ବାଛି ବାଛି ଜମାଦାର ମିର୍ଜାଖାନ୍ କଠୋର ପରିଶ୍ରମ କରାଉଥିଲା । ମୁସଲମାନ ୱାର୍ଡ଼ର ତଥା ପେଟି ଅଫିସରମାନେ ସେମାନଙ୍କଠାରୁ କାମ ହାସଲ କରିବା ଆଳରେ ଖୁବ୍ ମାର୍ପିଟ୍ ତଥା ଗାଳିଗୁଲଜ୍ ମଧ୍ୟ କରୁଥିଲେ । ଯେଉଁମାନେ ପୂର୍ବରୁ ଧର୍ମାନ୍ତରିତ ହୋଇ ସାରିଛନ୍ତି ସେମାନଙ୍କ ସହ ହସଖୁସିରେ କଥାବାର୍ତ୍ତା ହେବାସହ ଲୁଚାଇ ଜେଲ୍ ଭିତରକୁ ଅଣାଯାଉଥିବା ମିଠାଇ ଓ ତମାଖୁ ଦିଆଯାଏ ଏଇ ନୂଆ ବନ୍ଦୀମାନଙ୍କ ଆଗରେ । ଅତ୍ୟଧିକ ପରିଶ୍ରମ ତଥା ଦୁର୍ବ୍ୟବହାରରେ ଭାଙ୍ଗି ପଡୁଥିବା ଦୁର୍ବଳମନା ନୂଆ ବନ୍ଦୀଙ୍କୁ କୁହାଯାଏ - "ତୁମେ ସବୁ କାହିଁକି ମରିବାକୁ ଅଡ଼ି ବସିଛ ? ଅମୁକ୍ ଅମୁକଙ୍କ ଭଳି ମୁସଲମାନ ବନିଯାଉନ, ସବୁ କଷ୍ଟରୁ ମୁକ୍ତି ପାଇଯିବ ।" ଆସ୍ତେ ଆସ୍ତେ ସେଇ ନୂଆ ବନ୍ଦୀମାନେ ଏମାନଙ୍କର କବ୍ଜାରେ ପଡ଼ିଯାଆନ୍ତି । କେତେବେଳେ ତମାଖୁ ତ କେତେବେଳେ କିଛି ଖାଦ୍ୟଦ୍ରବ୍ୟ ଲୁଚାଚୋରାରେ ଜେଲ ଭିତରକୁ ଆଣି ସେମାନଙ୍କୁ ଦେବା ପରେ ହଠାତ୍ ଦିନେ ମୁସଲମାନଙ୍କ ପଂକ୍ତିରେ ବସାଇ ମୁସଲମାନୀ ଖାଦ୍ୟ ପରଷି ଦିଆଯାଏ । ଜେଲ୍ ଭିତରେ ଉଭୟ ସମ୍ପ୍ରଦାୟର ଲୋକଙ୍କ ପାଇଁ ଅଲଗା ଅଲଗା ଖାଦ୍ୟ ପ୍ରସ୍ତୁତ କରାଯାଉଥିଲା । ସେମାନେ ଭିନ୍ନ ଭିନ୍ନ ପଂକ୍ତିରେ ବସି ଭୋଜନ ଗ୍ରହଣ କରୁଥିଲେ । କୌଣସି ହିନ୍ଦୁକୁ ମୁସଲମାନ ପଂକ୍ତିରେ ବସି ଭୋଜନ କରିବା ଦେଖିଦେଲେ ହିନ୍ଦୁମାନେ ଆଉ ତାକୁ ଗ୍ରହଣ କରିବାକୁ ନାରାଜ ହୋଇଯାଉଥିଲେ । ଏଭଳି ମନୋଭାବ ହିଁ ଥିଲା ହିନ୍ଦୁ ସମାଜ ପ୍ରତି ଘୋର ଦୁର୍ଭାଗ୍ୟର କାରଣ । ଏହାଦ୍ୱାରା ମୁସଲମାନଙ୍କ ଉଦ୍ଦେଶ୍ୟପୂର୍ତ୍ତିର ପଥ ସୁଗମ ହୋଇଯାଉଥିଲା । ସେମାନେ ଉକ୍ତ ବନ୍ଦୀର ନାମ ପରିବର୍ତ୍ତନ କରି ମୁସଲମାନ ନାଁ ରଖୁଥିଲେ । ତାକୁ କେହି କିଛି କହିଲେ ମୀର୍ଜାଖାନ୍ ରାଗି ନାଲିଆଖି ଦେଖାଇ କହୁଥିଲା - "ଖବରଦାର୍, ତାକୁ କେହି କିଛି କହି ପାରିବନି । ସେ ଏବେ 'ଅଲ୍ଲାହ କା ବନ୍ଦା' ବନିସାରିଛି । ତାକୁ ତାର ନୂଆ ନାଁରେ ଡାକିବାର ଅଭ୍ୟାସ କର ।" ବାସ୍, ଏଇଟା ଆଣ୍ଡାମାନ୍ରେ ମୁସଲମାନ ଧର୍ମର ଦୀକ୍ଷା ! କୋରାନ, ସୁନ୍ନତ କି ନମାଜର କିଛି ଆବଶ୍ୟକତା ହିଁ ନଥାଏ । ସେଠାରେ ତମାଖୁ ହିଁ ସୁନ୍ନତ, କଠୋର କାମ ହିଁ କୋରାନ୍ ତଥା ମୁସଲମାନୀ ଭୋଜନ ହିଁ ନମାଜ୍।

କାଳକ୍ରମେ ସେମାନଙ୍କର ସୁନ୍ନତ ବି କରାଯାଏ, ନମାଜ୍ ପଢ଼ିବା ଶିଖାଯାଏ । ଆସ୍ତେ ଆସ୍ତେ ସେ ନିଜ ମୁସଲମାନ ନାଁ ସହିତ ଅଭ୍ୟସ୍ତ ହୋଇଯାଏ । ଜେଲ ଅବଧି ସରିବା ପରେ ବାହାରକୁ ବାହାରିଲା ବେଳେ ସେ ସେଇ ପରିବର୍ତ୍ତିତ ମୁସଲମାନୀ ନାଁ ହିଁ ଲେଖାଏ ଜେଲ୍ ରେଜିଷ୍ଟରରେ । କେତେକଙ୍କୁ ଦେଶକୁ ଫେରି ଆସିବାର ସୌଭାଗ୍ୟ ପ୍ରାପ୍ତ ହେଉଥିବା ବେଳେ ଅନେକ ସେଇ ଆଣ୍ଡାମାନରେ ହିଁ ବାହା ହୋଇ ଘର ସଂସାର କରି ରହିଯାଉଥିଲେ । ମୁସଲମାନ ଧର୍ମାବଲମ୍ବୀ ହୋଇଯାଇଥିବାରୁ ସେମାନଙ୍କୁ ମୁସଲମାନ ମାନେ ସ୍ୱାଗତ କରିବା ସହ ନିଜ ଝିଅ / ଭଉଣୀଙ୍କ ସହିତ ସେମାନଙ୍କର ନିକାହ ମଧ୍ୟ କରାଇ ଦେଉଥିଲେ । ସେମାନଙ୍କ ସନ୍ତାନମାନେ ଜନ୍ମରୁ ମୁସଲମାନ ହୁଅନ୍ତି । ଦୁଇ ତିନି ପିଢ଼ି ପରେ ସେମାନଙ୍କର ପୂର୍ବପୁରୁଷ ହିନ୍ଦୁ ଧର୍ମାବଲମ୍ବୀ ଥିଲେ ବୋଲି ଏଇ ସତ୍ୟକୁ ସ୍ୱୀକାର କରିବାକୁ ବି ସେମାନେ ଅପମାନ ମନେ କରନ୍ତି ।

ଏଇ ଧର୍ମାନ୍ତରୀକରଣ ପ୍ରକ୍ରିୟାରେ ମୁସଲମାନଙ୍କ ଦୋଷ ତ ନିହାତି ରହିଛି ହେଲେ ହିନ୍ଦୁମାନେ ବି କମ୍ ଦୋଷୀ ନୁହନ୍ତି । ଅନ୍ୟ ଧର୍ମର ଲୋକଙ୍କୁ ଛୁଇଁଲେ, ତାଙ୍କ ହାତରୁ ପାଣି ଟୋପାଏ ପିଇଲେ, ତାଙ୍କ ସାଙ୍ଗରେ ବସି ପଂକ୍ତି ଭୋଜନରେ କେବେ ଖାଇଲେ ଭ୍ରଷ୍ଟ ହୋଇଯିବାର ତଥା ଧର୍ମ ହରାଇବାର ମାନସିକତା କାଳକ୍ରମେ ଭସ୍ମାସୁର ପାଲଟି ଯାଇଛି ହିନ୍ଦୁ ସମାଜ ପାଇଁ । "ସୁବହ କା ଭୋଲା ସାମ୍ କୋ ଘର ଲୌଟ୍ ଆଏ ତୋ ଉସେ ଭୋଲା ନହିଁ କହତେ ।" ଜଣେ କୋଉ ପରିସ୍ଥିତିରେ ପଡ଼ି ସେଇ କାମ କରିଛି, କଲାପରେ ତା' ଭିତରେ ପଶ୍ଚାତ୍ତାପ ଆସୁଛି କି ନାହିଁ ସେସବୁ ବିଷୟରେ ଟିକିଏ ତ ବିଚାର କରିବା କଥା । ସେସବୁ କଥାକୁ ଅଣଦେଖା କରି ନିଜ ଯୁକ୍ତିରେ ଅଟଳ ରହିଲେ 'କଳାପାହାଡ଼'ର ନିର୍ମାଣ ହୁଏ । ଯିଏ ବନିଯାଏ ହିନ୍ଦୁଧର୍ମ ପାଇଁ ଆତଙ୍କ । ଜେଲ୍ ଭିତରେ ଅନେକ ବନ୍ଦୀ କଠୋର ପରିଶ୍ରମ ତଥା ଶାସ୍ତିରୁ ବର୍ତ୍ତିଯିବା ପାଇଁ ମୁସଲମାନ ଧର୍ମ ଗ୍ରହଣ କରିବାକୁ ଆଗ୍ରହୀ ବୋଲି ଛଳନା ମଧ୍ୟ କରିଥାନ୍ତି । ତାଙ୍କ ନିର୍ଣ୍ଣୟର ସତ୍ୟତା ପ୍ରମାଣିତ କରିବା ପାଇଁ କେତେବେଳେ କେମିତି ସେମାନଙ୍କ ହାତରୁ କିଛି ଖାଦ୍ୟ ଗ୍ରହଣ କରିବା ସହ କେବେ ପଂକ୍ତି ଭୋଜନରେ ମଧ୍ୟ ବସିପଡ଼ନ୍ତି । କଳେ ବଳେ କୌଶଳେ ଯେମିତି ବି ହେଉ ଏଇ ଯମଯନ୍ତ୍ରଣାରୁ ମୁକ୍ତି ପାଇବା ଦରକାର । ହେଲେ ସେଇ ଦେଖାଣିଆ ନାଟକଟି ସେମାନଙ୍କ ସାରା ଜୀବନ ପାଇଁ କାଳ ହୋଇଯାଏ । କାରଣ ସେଇ ଥରେ ବସିପଡ଼ିବା, ଥରେ ଖାଦ୍ୟ ଗ୍ରହଣ କରିବା ଯୋଗୁଁ ତାହାରି ନିଜ ସମ୍ପ୍ରଦାୟର ଲୋକମାନେ ସିଏ ଭ୍ରଷ୍ଟ ହୋଇଗଲା ବୋଲି ହୋ ହଲ୍ଲା କରିବାକୁ ଲାଗନ୍ତି । ମ୍ଳେଚ୍ଛମାନଙ୍କ ସହ ଏକତ୍ର ଭୋଜନ କରିବା ଦ୍ୱାରା ସେ ମ୍ଳେଚ୍ଛ ହିଁ ବନିଯାଇଛି । ତାକୁ ଆଉ କସ୍ମିନ୍କାଳେ ହିନ୍ଦୁ ଧର୍ମରେ ଗ୍ରହଣ କରାଯାଇ ପାରିବନି । ସିଏ ଗଳାଧକ୍କା ପାଇବା ଯୋଗ୍ୟ ।

ହିନ୍ଦୁ ସମାଜର ଏଇ ମନୋଭାବ ମିର୍ଜାଖାନ୍ ତଥା ତାର ସହଯୋଗୀମାନଙ୍କ କାମକୁ ସହଜ କରି ଦେଉଥିଲା । ଥରେ ଡରେଇ, ଧମକେଇ, ଭୁଲେଇ ଭାଲେଇ ଜଣକୁ ପଂକ୍ତିଭୋଜନରେ ବସାଇଦେଲେ ତାଙ୍କର କାମ ସରିଯାଏ । ତାକୁ ଆଉ ଜଗିବାକୁ ପଡ଼େନାହିଁ । ସେଇ ଜଗିବା ଭାର ଟି ହିନ୍ଦୁଙ୍କର । ଟାହିଟାପରା ତଥା ତା ନାଁ ରେ ବିଭିନ୍ନ ପ୍ରକାରର କୁତ୍ସାରଟନା କରି ସେମାନେ ତାକୁ ହିନ୍ଦୁଧର୍ମରୁ ବିତାଡ଼ିତ କରିବା ସହ ମୁସଲମାନ ଧର୍ମ ଗ୍ରହଣ କରିବାକୁ ଏକ ପ୍ରକାର ବାଧ୍ୟ କରିଦିଅନ୍ତି । ଏହା ଥିଲା ଖୁବ୍ ଦୁର୍ଭାଗ୍ୟପୂର୍ଣ୍ଣ । ହିନ୍ଦୁଙ୍କ ଏଭଳି ମନୋଭାବର ପରିବର୍ତ୍ତନ ନିହାତି ଆବଶ୍ୟକ । ନହେଲେ ଆସ୍ତେ ଆସ୍ତେ ହିନ୍ଦୁଧର୍ମ ଲୋପ ପାଇଯିବ ଯେ । ବିନାୟକ ଏହାର ଆବଶ୍ୟକତା ଅନୁଭବ କରି ଉଭୟ ମୁସଲମାନ ତଥା ହିନ୍ଦୁଙ୍କ ଚିରାଚରିତ ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ମନସ୍ଥ କରନ୍ତି । ସ୍ୱଧର୍ମେ ନିଧନଂ ଶ୍ରେୟ ପରଧର୍ମ ଭୟାବହଃ । ଯିଏ ଯେଉଁ ଧର୍ମର ସେଇ ଧର୍ମର ହୋଇ ରହୁ । ଜେଲ୍ ଭିତରକୁ ଆସିଲା ବେଳେ ରେଜିଷ୍ଟରରେ ତା'ର ଯେଉଁ ଧର୍ମ ତଥା ନାମ ଲେଖା ହୋଇଛି ସେ ମୁକୁଳିଲା ବେଳେ ମଧ୍ୟ ସେଇ ଧର୍ମ ତଥା ନାମରେ ମୁକୁଳିବା ଆବଶ୍ୟକ। ଯେଉଁମାନେ ଭୟ କିମ୍ବା ଲୋଭର ବଶବର୍ତ୍ତି ହୋଇ ଧର୍ମ ପରିବର୍ତ୍ତନ କରିଛନ୍ତି ସେମାନଙ୍କୁ ଶୁଦ୍ଧିକରଣ କରି ପୂର୍ବ ଧର୍ମକୁ ଫେରାଇ ଅଣାଯାଉ । ପ୍ରତ୍ୟାବର୍ତ୍ତନ କରୁଥିବା ଲୋକେ କେମିତି ମୁଖ୍ୟ ସ୍ରୋତରେ ସାମିଲ ହେବେ ସେଇ ବ୍ୟବସ୍ଥା ମଧ୍ୟ କରାଯିବା ନିହାତି ଆବଶ୍ୟକ । ଏଭଳି ଗୋଟିଏ ସୁଚିନ୍ତିତ ଯୋଜନା ନିଜ ମନ ଭିତରେ ପ୍ରସ୍ତୁତ କରି ବିନାୟକ ଯୁଦ୍ଧଂଦେହି ଡାକରା ଦିଅନ୍ତି ୧୯୧୩ ମସିହାରେ ଯେତେବେଳେ ମିର୍ଜାଖାନ୍ ଓ ତାଙ୍କ ସହଯୋଗୀମାନେ ଗୋଟିଏ ବ୍ରାହ୍ମଣ ବାଳକକୁ ବିଭିନ୍ନ ପ୍ରକାର ଉତ୍ପୀଡ଼ନ ତଥା ପ୍ରଲୋଭନ ଦେଖାଇ ରାଜବନ୍ଦୀମାନଙ୍କ ଆଖି ସାମ୍ନାରେ ହିଁ ଧର୍ମ ପରିବର୍ତ୍ତନ କରେଇବାର ପ୍ରୟାସ କରନ୍ତି .... । (କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୭ ମାର୍ଚ୍ଚ, ୨୦୨୨



## ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

### ସ୍ମରଣୀୟେଷୁ...

## ଓଡିଶାର କୋକିଳ: ଶ୍ରୀମତୀ ଶ୍ୟାମାମଣି ଦେବୀ



ଅବିଭକ୍ତ କଟକ ଜିଲ୍ଲାର ବାଙ୍କୀ ସବ୍ ଡିଭିଜନ୍ । ତହିଁରେ ଛୋଟ ଗ୍ରାମ ଟିଏ ସୁବର୍ଣ୍ଣପୁର । ସୁବର୍ଣ୍ଣପୁର ଗ୍ରାମଟି ସରଣ୍ଡା ଗଡଜାତ ଅନ୍ତର୍ଭୁକ୍ତ। ଅନେକ ବର୍ଷ ପୂର୍ବେ ସରଣ୍ଡା ଜଗନ୍ନାଥ ମନ୍ଦିରର ଦେଉଳ କରଣ ହୋଇ ଆସିଥିଲେ ଖଣ୍ଡପଡାର ଶ୍ରୀ ମଦନମୋହନ ପଟ୍ଟନାୟକଙ୍କ ପୂର୍ବ ପୁରୁଷ। କାଳକ୍ରମେ ସେମାନଙ୍କ ମଧ୍ୟରୁ ଶ୍ରୀ କାଳୀ ଚରଣ ପଟ୍ଟନାୟକଙ୍କ ପରିବାର ବେପାର ବଣିଜ କରିବା ଲାଗି ଯାଇ ରହିଗଲେ ବାଙ୍କୀ ନିକଟସ୍ଥ ଖମାରଙ୍ଗ ଗ୍ରାମରେ। କାଳୀ ଚରଣଙ୍କର ସାହିତ୍ୟ, ସଙ୍ଗୀତ ପ୍ରତି ଖୁବ୍ ରୁଚି ଥିଲା । ସେ ନିଜେ ଗୀତ ଲେଖିବା, ଗାଇବା ସହ କୀର୍ତ୍ତନ ଦଳଟିଏ ମଧ୍ୟ ଗଢିଥିଲେ। ପରବର୍ତ୍ତୀ ସମୟରେ ନାଟକଦଳ ଗଢି ନାଟ୍ୟ ନିର୍ଦ୍ଦେଶକ ଭାବରେ କଟକ ର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ସହିତ ସଂଶ୍ଳିଷ୍ଟ ହୋଇ ସପରିବାର କଟକରେ ଆସି ବାସ କଲେ। ମଦନମୋହନଙ୍କ ପୁଅ ରାଜେନ୍ଦ୍ର ମୋହନ ସୁବର୍ଣ୍ଣ ପୁରରେ ରହି ଜଗନ୍ନାଥଙ୍କ ସେବା କଲେ, ଆର୍ଥିକ ଅବସ୍ଥା ସେମିତି ସ୍ୱଚ୍ଛଳ ନଥିଲା । ରାଜେନ୍ଦ୍ର ମୋହନ ଏବଂ ତାଙ୍କ ପତ୍ନୀ ନିଶାମଣି ଦେବୀଙ୍କ କୋଳରେ ଜନ୍ମ ନେଇଥିଲେ ପାଞ୍ଚ ଟି ସନ୍ତାନ । ଦୁଇ ପୁଅ ବଡ ଏବଂ ତାଙ୍କ ତଳେ ତିନି ଝିଅ। ନଥିଲା ଘରେ ତିନି ତିନିଟା ଝିଅ ହେବା ସେ ସମୟରେ ଚଡକ ପଡିଲା ଭଳି ଥିଲା। ସେଥିରେ ପୁଣି ଅନ୍ୟ ଚାରି ଭାଇ ଭଉଣୀ ମାତା ନିଶାମଣି ଦେବୀ ଙ୍କ ଭଳି ଗୋରାତୋରା ହୋଇଥିଲେ ମଧ୍ୟ ଉଣେଇଶହ ଅଠତିରିଶ ମସିହା ଡିସେମ୍ବର ଏକୋଇଶି ତାରିଖର ଶୀତୁଆ ରାତିରେ ଜନ୍ମ ନେଇଥିବା ସେଇ ସବା ସାନ ଝିଅଟିର ରଙ୍ଗ ଥିଲା ଶ୍ୟାମଳ। ଝିଅପିଲା ଟା ! ତା’ ପୁଣି କଳା ରଙ୍ଗର ଦେଖି ସମସ୍ତେ ନାକ ଟେକିଲେ। ପିତା ରାଜେନ୍ଦ୍ର ମାତାଙ୍କର ନାମକୁ ମିଳାଇ ଝିଅର ନାମ ରଖିଲେ ‘ଶ୍ୟାମାମଣି’ ଡାକ ନାଆଁ ଦେଲେ ‘ଟିଲା’ । ପିଲାଟି ବେଳରୁ ସେଇ ରଙ୍ଗ ପାଇଁ ଗାଆଁ ଲୋକଙ୍କ କଥା ଛାଡ, ନିଜର ଭାଇ ଭଉଣୀଙ୍କର ମଧ୍ୟ ଆକ୍ଷେପର ଶୀକାର ହେଲେ ଶ୍ୟାମାମଣି । ଲୁଚେଇ ଲୁଚେଇ ନିଜେ କାନ୍ଦି କାନ୍ଦି ସବୁବେଳେ ମନ ଦୁଃଖରେ ରହୁଥିଲେ । କାହା ସାଥିରେ ବେଶି ମିଳାମିଶା ନକରି ମନ୍ଦିରରେ ଜଗନ୍ନାଥଙ୍କ ସମ୍ମୁଖରେ ବସି ରହୁଥିଲେ । ସେଇଠି ଭଜନ କୀର୍ତ୍ତନ ଶୁଣି ଶୁଣି ନିଜେ ନିଜେ ତା’କୁ ଗୁଣୁଗୁଣୁ ହୋଇ ବୋଲୁଥିଲେ। ମନ୍ଦିରରେ ଶରତ ରାସ, ଦୋଳପୂର୍ଣ୍ଣିମା, ଚନ୍ଦନ ଯାତ୍ରା ଇତ୍ୟାଦି ମେଳା ମଉଛବ ହେଲେ ସମସ୍ତଙ୍କ ସହ ସାମିଲ୍ ହୋଇ ଗୀତ ବୋଲୁଥିଲେ। ସମସ୍ତେ ଭଲ ପାଉଥିଲେ ତାଙ୍କ ସୁନ୍ଦର ସ୍ୱରକୁ । ଧୀରେ ଧୀରେ ଶ୍ୟାମାମଣିଙ୍କ ଭିତରେ ସଙ୍ଗୀତ ପ୍ରତି ଆବେଗ ବଢୁଥିଲା। ସୁନ୍ଦର ଗୀତ ଗାଇ ସମସ୍ତଙ୍କ ପ୍ରଶଂସାଭାଜନ ହେବାର ସ୍ପୃହା ବଢୁଥିଲା।

ଏମିତି ଦିନ ଗଡୁଥିଲା ବେଳେ ଦିନେ କୌଣସି ପର୍ବପର୍ବାଣି ସମୟରେ ମନ୍ଦିରକୁ ଆସି ଥିଲେ ବଡ ବାପା କାଳୀ ଚରଣ ପଟ୍ଟନାୟକ । ତାଙ୍କ କାନରେ ପଡିଲା ବାଳିକା ଶ୍ୟାମାମଣିଙ୍କର ସୁନ୍ଦର ସୁଲଳିତ କଣ୍ଠସ୍ୱର । ସେ ଶ୍ୟାମାମଣିଙ୍କୁ କୋଳରେ ବସେଇ ଖୁବ୍ ଆଦର କଲେ । ସାନଭାଇ ରାଜେନ୍ଦ୍ରଙ୍କୁ କହିଲେ, ଆରେ ! ଆମ କୋଇଲି ତ’ ବଢିଆ ଗୀତ ବୋଲୁଛି ! ମୁଁ ୟା’କୁ ସାଥିରେ ନେଇ ଯାଉଛି କଟକ । ସେ ମୋ’ରି ପାଖରେ ରହି ସଙ୍ଗୀତ ଶିଖିବ। ରାଜେନ୍ଦ୍ର ମୋହନଙ୍କର ସେଥିରେ ଅରାଜି ହେବାର ନଥିଲା । ଶ୍ୟାମାମଣି ବଡବାପାଙ୍କ ପାଖରେ କଟକରେ ରହି ସଙ୍ଗୀତ ଶିଖିଲେ। ବଡବାପାଙ୍କ ପାଖକୁ ଆସୁଥିଲେ ଓଡିଶାର ବିଶିଷ୍ଟ ସଙ୍ଗୀତଜ୍ଞ ମାନେ। ଶ୍ୟାମାମଣିଙ୍କର ସଙ୍ଗୀତ ପ୍ରତି ଆଗ୍ରହ ଦେଖି ଏବଂ ତାଙ୍କର ସୁଲଳିତ କଣ୍ଠସ୍ୱର ଶୁଣି ସମସ୍ତେ କହୁଥିଲେ ‘କାଳୀ ବାବୁ! ଏ ଝିଅଟି ଉପରେ ମା’ ସରସ୍ୱତୀ ଙ୍କର କରୁଣା ଅଛି, ୟା’କୁ ବିଧିବଦ୍ଧ ଭାବେ ସଙ୍ଗୀତ ଶିକ୍ଷା ଦେଲେ ସେ ନିଶ୍ଚୟ ଦିନେ ତୁମର ନାଆଁ ରଖିବ। କାଳୀଚରଣ ଉତ୍ସାହିତ ହୋଇ ଶ୍ୟାମାମଣିଙ୍କୁ କଟକର ନ୍ୟାସନାଲ୍ ମିଉଜିକ୍ ଆସସୋସିଏସନ୍‌ରେ ନାମ ଲେଖାଇ ଦେଲେ। ସେଠାରେ ଶ୍ୟାମାମଣି ସଙ୍ଗୀତ ଗୁରୁ ଶ୍ରୀ କୁଣ୍ଡଳାଦିନାରାୟଣଙ୍କ ଠାରୁ ଶାସ୍ତ୍ରୀୟ ସଙ୍ଗୀତ ଏବଂ ସଙ୍ଗୀତ ସୁଧାକର ଗୁରୁଶ୍ରୀ ବାଳକୃଷ୍ଣ ଦାଶ, ଗୁରୁଶ୍ରୀ ସିଂହାରୀ ଶ୍ୟାମସୁନ୍ଦର କରଙ୍କ ପାଖରୁ ଓଡିଶୀ ସଙ୍ଗୀତର ଶିକ୍ଷା ଲାଭ କଲେ। ବାର ବର୍ଷ ବୟସର ହେବା ବେଳକୁ ସେ ଆକାଶବାଣୀ, କଟକର ସ୍ୱୀକୃତି ପ୍ରାପ୍ତ ଶିଶୁ କଳାକାର ହୋଇ ସାରିଥିଲେ। ବିଶିଷ୍ଟ ସଙ୍ଗୀତଜ୍ଞ ମାନଙ୍କ ସହ ତାଙ୍କର ସଙ୍ଗୀତ ସାଧନା ଜାରି ରହିଥିଲା। ଓଡିଶୀ ସଙ୍ଗୀତକୁ ପ୍ରାଣରୁ ଅଧିକ ଭଲ ପାଉଥିଲେ ମଧ୍ୟ ଅନ୍ୟାନ୍ୟ ଭାରତୀୟ ସଙ୍ଗୀତରେ ଉଚ୍ଚତର ଶିକ୍ଷା ଲାଭ କରିବା ଲାଗି ଶ୍ୟାମାମଣିଙ୍କର ପ୍ରବଳ ଉତ୍ସାହ ରହିଥିଲା। ସେଥିଲାଗି ସେ ବଡବାପାଙ୍କୁ କୌଣସି ମତେ ମନେଇ ମୁମ୍ବାଇ ଚାଲିଗଲେ। ନିଜ ଖର୍ଚ୍ଚରେ ନିଜ ଚେଷ୍ଟାରେ ସେଠାରେ ରହି ସେ ପ୍ରଖ୍ୟାତ ସଙ୍ଗୀତଜ୍ଞ ଡଃ ବି ଆର୍ ଦେଓଧରଙ୍କ ପାଖରୁ ସଙ୍ଗୀତରେ ସ୍ୱର ସଂଚାଳନା (voice modulation), ଡଃ ଏସ୍ ଆର୍ ନବରଙ୍ଗଙ୍କ ପାଖରୁ ଶାସ୍ତ୍ରୀୟ ସଙ୍ଗୀତ, ନିର୍ମଳା ଦେବୀ, ଲକ୍ଷ୍ମୀ ଶଙ୍କରଙ୍କ ପାଖରୁ ଠୁମରୀ,ଗଜଲ୍ ଇତ୍ୟାଦି ଶିଖିଲେ। ତାଙ୍କ ପାଇଁ ବହୁତ କଷ୍ଟକର ଥିଲା ଏହି ସମୟ । ଏହି ସମୟରେ ଅର୍ଥାଭାବରୁ ସେ ଛୋଟ ମୋଟ ଶାସ୍ତ୍ରୀୟ ସଙ୍ଗୀତ ଆସରରେ ଭାଗ ନେଇ ନିଜର ଗୁଜୁରାଣ ମେଣ୍ଟାଇବାକୁ ପଡିଥିଲା । ରାମକୃଷ୍ଣ ମିଶନ୍‌ର ମଠରେ ରହି ପ୍ରତିଦିନ ମେଟ୍ରୋ ପର୍ଯ୍ୟନ୍ତ ପ୍ରାୟ ଦଶକିଲୋମିଟର ବାଟ ତାଙ୍କୁ ପାଦରେ ଚାଲିଚାଲି ଯିବାକୁ ପଡୁଥିଲା । କେବେ କେବେ କେବେ ଅନାହାର ତ କେବେ ଅର୍ଦ୍ଧାହାରରେ ରହିବାକୁ ପଡୁଥିଲା। ତଥାପି ସେ ସାହସ ହାରି ନଥିଲେ କି ସଙ୍ଗୀତ ସାଧନା ଛାଡି ନଥିଲେ । ଏମିତି ଏକ ସଙ୍କଟମୟ ପରିସ୍ଥିତିରେ ଥିଲା ବେଳେ ଅପ୍ରତ୍ୟାଶିତ ଭାବରେ ତାଙ୍କର ସୌଭାଗ୍ୟ ହୋଇଥିଲା ଭାରତର ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସକରଙ୍କୁ ସାକ୍ଷାତ କରିବାର। ସେଇ ଥିଲା ତାଙ୍କ ଜୀବନର ଶ୍ରେଷ୍ଠ ପ୍ରାପ୍ତି। ଶ୍ୟାମାମଣି ଦେବୀ ନିଜେ ବହୁବାର ତାଙ୍କ ସାକ୍ଷାତକାରରେ ସେ ଅଭୁଲା ସ୍ମୃତିର ବର୍ଣ୍ଣନା କରିଛନ୍ତି । ସେ କୁହନ୍ତି, ମୁଁ ପ୍ରତିଦିନ ଲତା ଦିଦିଙ୍କ ଘର ବାଟ ଦେଇ ପାଦରେ ଚାଲି ଚାଲି ଯାଏ। ସବୁବେଳେ ତାଙ୍କର ରିଆଜ୍‌ର ମିଠା ସ୍ୱର ମୋ’ କାନରେ ବାଜେ, ମନ୍ତ୍ରମୁଗ୍ଧ ଭଳି ପାଦ ଦୁଇଟି ମୋ’ର ସେଠି ଅଟକିଯାଏ କିଛି କ୍ଷଣ ପାଇଁ, ସେଇଠି ରାସ୍ତା ଉପରେ ଛିଡା ହୋଇ ମୁଁ ଆଖି ବନ୍ଦ କରି ତାଙ୍କ ସହିତ ଗୁଣୁଗୁଣାଏ। ମୋ’ ଆଖିରେ ଲୁହ ଆସିଯାଏ । ସେତେବେଳେ ମୁଁ ଭାବେ, ‘ଥରେ ମୋତେ ସୁଯୋଗ ମିଳନ୍ତା ନାହିଁ, ତାଙ୍କୁ ପାଖରୁ ଦେଖିବା ପାଇଁ ? ପାଖରେ ବସି ତାଙ୍କ ରିଆଜ୍ ଶୁଣିବା ପାଇଁ ? ତାଙ୍କ ପାଦ ଛୁଇଁ ପ୍ରଣାମ କରିବା ପାଇଁ ? ଆଃ ..ଏ ଜୀବନ ଧନ୍ୟ ହୋଇଯାଆନ୍ତା ସେଥିରେ !’ ଆଉ ଯେଉଁ ଦିନ ତାଙ୍କୁ ଉସ୍ତାଦ୍ ଆତାଉଲ୍ଲା ଖାଁଙ୍କ କୃପାରୁ ଲତାଜୀଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ମିଳିଲା ସେଦିନ ସେ ତଳେ ବସି ଲତାଜୀଙ୍କର ପାଦ ଦୁଇଟିକୁ ଜାବୁଡି ଧରି ଭେଁ ଭେଁ ହୋଇ କାନ୍ଦି ପକାଇଥିଲେ, ତାଙ୍କ ଆଖି ଲୁହାରେ ଭିଜି ଯାଇଥିଲା ଲତାଜୀଙ୍କର ପଦଯୁଗଳ। କରୁଣାମୟୀ ଲତାଜୀ ତାଙ୍କୁ ପାଦ ତଳୁ ଉଠାଇ ଛାତିରେ ଚାପି ଧରିଥିଲେ । ଉସ୍ତାଦ୍ ଆତାଉଲ୍ଲା ଖାଁଙ୍କ ପାଖରୁ ଶ୍ୟାମାମଣିଙ୍କ ବିଷୟରେ ସବୁ କଥା ଶୁଣି ଲତାଜୀ ଶ୍ୟାମାମଣିଙ୍କୁ ଆଶୀର୍ବାଦ ଦେଇଥିଲେ ତାଙ୍କ ସହିତ ବସି ରିଆଜ୍ କରିବା ପାଇଁ । ଶ୍ୟାମାମଣିଙ୍କୁ ନିଜ ସାଥିରେ ଅନେକ କନସର୍ଟରେ ମଧ୍ୟ ଭାଗ ନେବା ପାଇଁ ସୁଯୋଗ ଦେଇଥିଲେ ଲତାଜୀ। ମୁମ୍ବାଇରେ ଶାସ୍ତ୍ରୀୟ ସଙ୍ଗୀତ ଜଗତରେ ଶ୍ୟାମାମଣି ଦେବୀଙ୍କର ଖୁବ୍ ପ୍ରତିଷ୍ଠା ବଢିଥିଲା ସମୟରେ ହିଁ ବଡବାପା କାଳୀ ଚରଣ ପଟ୍ଟନାୟକ ତାଙ୍କୁ ଓଡିଶାରେ ଆସି ଓଡିଶୀ ସଙ୍ଗୀତର ପ୍ରଚାର ପ୍ରସାର ପାଇଁ କାମ କରିବାକୁ ଆଦେଶ ଦେଇଥିଲେ। ବଡବାପାଙ୍କ ଆଜ୍ଞା କୁ ବେଦବାକ୍ୟ କରି ଶ୍ୟାମାମଣି ଦେବୀ ଫେରି ଆସିଲେ ଓଡିଶା। ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି ପଦ ଗ୍ରହଣ କରିଥିଲେ । କଟକ କଳାବିକାଶ କେନ୍ଦ୍ରର ଅଧ୍ୟକ୍ଷା ରହି ନିରଳସ ଭାବେ ଓଡିଶୀ ସଙ୍ଗୀତର ପ୍ରଚାର ପ୍ରସାର ପାଇଁ ଅନେକ କାମ କରିଥିଲେ। ତାଙ୍କର ଅଗଣିତ ଛାତ୍ରଛାତ୍ରୀ ଆଜି ଓଡିଶା ସଙ୍ଗୀତ ଜଗତର ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ । ଓଡିଶୀ ସଙ୍ଗୀତ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ଅନେକ ପୁରସ୍କାର ମିଳିଛି ତାଙ୍କୁ । ସେ ସବୁ ଲେଖିଲେ ବହିଟିଏ ମଧ୍ୟ ନିଅଣ୍ଟ ପଡିବ।

ପ୍ରସିଦ୍ଧ ଡାକ୍ତର ଶ୍ରୀ ମାୟାଧର ବେହେରାଙ୍କ ସହଧର୍ମିଣୀ ହୋଇ ଘର ସଂସାର କରି ଦୁଇ ପୁଅ ଦୁଇ ଝିଅଙ୍କୁ ଜନ୍ମ ଦେଇ, ଲାଳନ ପାଳନ କରି ମଣିଷ କରିଥିଲେ ମଧ୍ୟ ସଙ୍ଗୀତ ହେଉଛି ଶ୍ୟାମାମଣିଙ୍କର ଜୀବନର ଧ୍ୟେୟ, ତାଙ୍କର ପ୍ରାଣବିନ୍ଦୁ । ଦିନେ ଖାଦ୍ୟ ଖାଇବା ବରଂ ଭୁଲି ଯାଇଥିବେ ସେ କିନ୍ତୁ ଦୁଇ ଓଳି ରିଆଜ୍ କରିବା ସେ କେବେ ଭୁଲି ନାହାଁନ୍ତି । ସେଥିପାଇଁ ସେ ନିଜକୁ ସବୁବେଳେ ସଙ୍ଗୀତ ଗୁରୁ ନୁହେଁ, କେବଳ ଶିଷ୍ୟାଟିଏ ବୋଲି ମନେ କରନ୍ତି। କେବେବି କୌଣସି ମାନ ସମ୍ମାନ, ପୁରସ୍କାର କି ସରକାରୀ ସାହାଯ୍ୟ ପଛରେ ପଡି ନାହାଁନ୍ତି ସେ। ତାଙ୍କର ନିର୍ମଳ ହୃଦୟ ଆଉ ସିଧାସଳଖ କଥା ପାଇଁ ସେ ସବୁବେଳେ ଅନନ୍ୟା ଏବଂ ସମସ୍ତଙ୍କର ପ୍ରିୟଭାଜନ ହୋଇ ପାରିଛନ୍ତି। ଶ୍ୟାମାଙ୍ଗୀ ଶ୍ୟାମାମଣି ଦେବୀ ସଦା ସର୍ବଦା ସାଧାରଣ ମଣିଷଟିଏ ହୋଇ ରହିବା ପାଇଁ ପସନ୍ଦ କରନ୍ତି । ସାଧାରଣ ଶାଢୀ ଖଣ୍ଡିଏରେ ମଧ୍ୟ ତାଙ୍କର ଔଜଲ୍ୟ ସ୍ପଷ୍ଟ ବାରି ହୋଇପଡେ। ମଞ୍ଚ ଉପରେ ଥରେ ତାଙ୍କର ସ୍ୱର ଶୁଣିଲେ ପଥର ଭିତରେ ମଧ୍ୟ ସ୍ପନ୍ଦନ ଖେଳିଯାଏ ବୋଲି ସମସ୍ତେ କୁହନ୍ତି । ଓଡିଶାର କୋଣ ଅନୁକୋଣରେ ସହର ହେଉ ବା ମଫସଲ ଗାଆଁ ହେଉ ତାଙ୍କ କଣ୍ଠ ନିସୃତ “ ଓଡିଶୀ, ଛାନ୍ଦ, ଚମ୍ପୂ, ଭଜନ, ଜଣାଣ” ସମସ୍ତ ଶ୍ରୋତାଙ୍କୁ ଅଭିଭୂତ କରେ। ଆଜି ଛୟାଅଶି ବର୍ଷ ବୟସରେ ମଧ୍ୟ ଓଡିଶାର କୋକିଳ ଶ୍ୟାମାମଣିଙ୍କର କଣ୍ଠରେ ସେଇ ତାରୁଣ୍ୟ ବଜାୟ ରହିଛି। ଚଳିତ ବର୍ଷ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ଭୂଷିତ କରିଛନ୍ତି। ସମଗ୍ର ଓଡିଆ ଜାତିର ଗର୍ବ ଆଉ ଗୌରବ ଶ୍ରୀମତୀ ଶ୍ୟାମାମଣି ଦେବୀ ।



ଈଶ୍ୱର ତାଙ୍କୁ ସୁସ୍ଥ ନିରାମୟ କରି ରଖିଥାନ୍ତୁ, ତାଙ୍କ କୋକିଳ କଣ୍ଠର ସଙ୍ଗୀତ ଓଡିଶାବାସୀଙ୍କୁ ଏମିତି ମନ୍ତ୍ରମୁଗ୍ଧ କରି ରଖିଥାଉ, ଏତିକି ପ୍ରାର୍ଥନା କରୁଛି କୋଟି ଓଡିଆର ମଉଡମଣି ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ। ସାଦର ପ୍ରଣାମ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ।

ଆଲେଖ୍ୟ: **ସୁଷମା ପରିଜା**

ସୁଷମା ପରିଜା ଶାରଳା ଭବନ,
ପୋତାପୋଖରୀ ନୂଆବଜାର, କଟକ
ମୋ:୯୩୩୭୨୭୨୬୪୭

## ସ୍ମୃତି ଶତଦଳ ୨୩୪



## ଅଦ୍ଭୁତ ସେ ପ୍ରୀତିଫୁଲ-୪

ଡା. ସରୋଜିନୀ ଷଡଙ୍ଗୀ

♥ ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଆମ ହସପିଟାଲର କନଫରେନ୍ସ ହଲଟି ସେଦିନ ପ୍ରେସ କନଫରେନ୍ସ ପାଇଁ ଉଠୁଥାଏ, ପଡୁଥାଏ । ପ୍ରାୟ ସବୁ ପ୍ରିଣ୍ଟ ମିଡିଆ ଓ ଇଲେକ୍ଟ୍ରୋନିକ୍ସ ମିଡିଆର ସାମ୍ବାଦିକମାନେ ଏ ବିରାଟ ପ୍ରେସ ମିଟ୍ ପାଇଁ ଆମ ହଲକୁ ଆସିଥାନ୍ତି । ଗୋଟିଏ ପଟେ ବସିଥାନ୍ତି ସାମ୍ବାଦିକ ମାନେ ଏବଂ ଆରପଟେ ବସିଥାଉଁ ଆମେ ସବୁ ଡାକ୍ତରମାନେ । ମୁଁ, ଡାକ୍ତର ରମାରମଣ, ଡଃ ସିଦ୍ଧାର୍ଥ, ଡଃ ଶିଖା, ଡଃ ରାଧାକାନ୍ତ, ଡଃସୋନାଲି, ଏବଂ ନିଓ୍ବେତକ, ଶିଶୁରୋଗ ବିଶେଷଜ୍ଞ, ଆଇ.ସି.ୟୁର ଡକ୍ଟରମାନେ ଆଦି । ମଝିରେ ବସିଥାନ୍ତି, ଲକ୍ଷ୍ମୀ, ସୁବାସ ଏବଂ ସୁବାସ କୋଳରେ ଶିଶୁ ପୁତ୍ର । ତା ଆଗରୁ ସେମାନେ ଆମକୁ ପ୍ରେସମିଟ୍ ପାଇଁ ରିଟନ୍ କନସେଣ୍ଟ ଦେଇଥାନ୍ତି । ଯେହେତୁ ଆମ ରୋଗୀଟି ହେଉଛି, ସାରା ପୃଥିବୀର ଏକ ବିରଳ କେଶ୍, ତେଣୁ ତା ଉପରେ ଆମକୁ ସାମ୍ବାଦିକମାନେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଯଥା ଏମିତି କେଶ୍ କେତେ ପ୍ରତିଶତ ଦେଖାଯାଏ, ଏହାର ଜଟିଳତା କେତେ, ମା ଓ ଶିଶୁ ପାଇଁ କଣ ସମସ୍ୟା ସବୁ ଦେଖା ଦେବାର ସମ୍ଭାବନା ଅଛି, ଶିଶୁ ବଞ୍ଚିବ କି ନାହିଁ, ପରବର୍ତ୍ତୀ କାଳରେ ତାର ଶାରୀରିକ ଓ ମାନସିକ ବିକଳାଙ୍ଗତା ହେବ କି ନାହିଁ ଇତ୍ୟାଦି । ତା ପରଦିନ ସବୁ ଖବରକାଗଜ ର ମୁଖ୍ୟ ପୃଷ୍ଠା ମଣ୍ଡନ କରିଥିଲା ସେଇ ନିଉଜଟି ଏବଂ ସବୁ ଟେଲିଭିଜନ ଚାନେଲରେ ଏଇ ବିରଳ ନିଉଜଟି ପ୍ରଚାରିତ ଓ ପ୍ରସାରିତ ହୋଇଥିଲା ।

ଆମ ହସପିଟାଲରେ ସାତ ଆଠଦିନ ରହିଲା ପରେ ତାର ପେଟର ସିଲେଇ ଖୋଲାଗଲା ଓ ତାର ଡିସଚାର୍ଜ ହେବାର ସମୟ ଆସିଗଲା । ପୁଅଟି ତାର ବାପା ସୁବାସଙ୍କ ଚେହେରା ଭଳି ହୋଇଥାଏ ଓ ଲମ୍ବା ଦିଶୁଥାଏ । ମା ପୁଅ ଯେଉଁ ଦିନ ଡିସଚାର୍ଜ ହେଲେ ସାରା ହସପିଟାଲ ଷ୍ଟାଫ୍ ଓ ରୋଗୀମାନେ ତା ଚାରି ପାଖରେ ରୁଣ୍ଡ ହୋଇଯାଇ ତାକୁ ବିଦାୟ ଦେଲେ । ଲକ୍ଷ୍ମୀ ଓ ସୁବାସ ମଧ୍ୟ ଖୁବ୍ କୃତକୃତ୍ୟ ହୋଇଯାଇଥିଲେ । ଏତେ ଆଶ୍ଚର୍ଯ୍ୟତମ ଜିନିଷଟିଏ ଜୀବନର ସବୁଠୁ ସୁଖମୟ ମୁହୂର୍ତ୍ତମାନଙ୍କୁ ନେଇ ଯେ ତାଙ୍କ ଦୁଇ ହାତ ଆଞ୍ଜୁଳାରେ ଖସିପଡିବ, ସେ କଥା କଣ ସେମାନେ କଳ୍ପନାରେ ମଧ୍ୟ ଭାବିପାରିଥିଲେ ନାଁ ସ୍ୱପ୍ନରେ ଦେଖି ପାରିଥିଲେ ? ଅଭିଭୂତ ହୋଇ ଆମ ହସପିଟାଲରେ ଥିବା ବଡ ଠାକୁର ଘରେ ପ୍ରଭୂଙ୍କୁ ପ୍ରଣାମ ଜଣାଇ ବିଦାୟ ନେଲେ ।

**ମା ପୁଅ ଯେଉଁ ଦିନ ଡିସଚାର୍ଜ ହେଲେ ସାରା ହସପିଟାଲ ଷ୍ଟାଫ୍ ଓ ରୋଗୀମାନେ ତା ଚାରି ପାଖରେ ରୁଣ୍ଡ ହୋଇଯାଇ ତାକୁ ବିଦାୟ ଦେଲେ । ଲକ୍ଷ୍ମୀ ଓ ସୁବାସ ମଧ୍ୟ ଖୁବ୍ କୃତକୃତ୍ୟ ହୋଇଯାଇଥିଲେ । ଏତେ ଆଶ୍ଚର୍ଯ୍ୟତମ ଜିନିଷଟିଏ ଜୀବନର ସବୁଠକ ସୁଖମୟ ମୁହୂର୍ତ୍ତମାନଙ୍କୁ ନେଇ ଯେ ତାଙ୍କ ଦୁଇ ହାତ ଆଞ୍ଜୁଳାରେ ଖସିପଡିବ, ସେ କଥା କଣ ସେମାନେ କଳ୍ପନାରେ ମଧ୍ୟ ଭାବିପାରିଥିଲେ ନାଁ ସ୍ୱପ୍ନରେ ଦେଖି ପାରିଥିଲେ ? ଅଭିଭୂତ ହୋଇ ଆମ ହସପିଟାଲରେ ଥିବା ବଡ ଠାକୁର ଘରେ ପ୍ରଭୂଙ୍କୁ ପ୍ରଣାମ ଜଣାଇ ବିଦାୟ ନେଲେ ।**

ଲକ୍ଷ୍ମୀ ତା ପରେ କିଛି ମାସ ନିୟମିତ ଭାବେ ମତେ ଆସି ଦେଖାଉଥିଲା । ଆସ୍ତେ ଆସ୍ତେ ପୁଅଟି ବଡ ହୋଇ ପାଠ ପଢିବା ଆରମ୍ଭ କଲା । ତା ସ୍ୱାମୀ କଟକ ବାହାରେ ଚାକିରୀ କରୁଥିଲା, ତେଣୁ ଘରେ କେବଳ ପୁଅଟିକୁ ଧରି ହିଁ ସେ ଚଳୁଥିଲା । ଅବଶ୍ୟ ପାଖ ସାଇ ପଡିଶା ବି ତାକୁ ଖୁବ୍ ସାହାଯ୍ୟ କରିଥାନ୍ତି – ତା ଘରେ ଆଣି ଚାଉଳ, ଡାଲି, ପରିବା ଓ ଗ୍ରୋସେରୀ ରଖିଦିଅନ୍ତି - ପୁଅ ମଧ୍ୟ ସବୁ ଜିନିଷ ମା ପାଖରେ ଥୋଇଦେଲେ ସେ ରୋଷେଇ କରିଦିଏ ଏବଂ ତା ସାଙ୍ଗକୁ ପୁଅ ପାଠ ପଢେ ଓ ସ୍କୁଲ ଯାଏ । ଲକ୍ଷ୍ମୀ ତା ପାଖରେ ଥିବା ଆମ ଫଟୋକୁ ଦେଖାଇ କହେ – ଇଏ ହିଁ ତୋର ଜନ୍ମଦାତ୍ରୀ – ତୋର ଆଇ, ଅଜା, ଆଇକୁ ମଝିରେ ମଝିରେ ଦେଖା କରୁଥିବୁ, ସିଏ ତତେ ପାଠ ପଢାରେ ସାହାଯ୍ୟ କରିବେ ଓ ଡାକ୍ତରୀ ପାଠ ପଢେଇବେ ।

ଏମିତି କିଛି ଦିନ ଚାଲିଗଲା ପରେ ମଝିରେ ପୁଣି ତାର ସମସ୍ୟା ହେବାରୁ ଲକ୍ଷ୍ମୀ ଆସିଥିଲା – ତା ପୁଅ ସେତେବେଳକୁ ୫ ବର୍ଷର ହୋଇଗଲାଣି – ମତେ ମୁଣ୍ଡିଆ ମାରି ମା ପାଖରେ ଠିଆ ହୋଇ ଫଟୋ ଉଠାଇଲା । ପୁଅଟି ଏତେ ଇଣ୍ଟେଲିଜେଣ୍ଟ ହୋଇଥିଲା ଯେ, କହିହବନି - ପୁଅର ଶାରୀରିକ ଗ୍ରୋଥ୍ ଓ ଆଇକ୍ୟୁ ଦୁଇଟି ଯାକ ଚମତ୍କାର ଥିଲା । ଠାକୁରଙ୍କୁ ପ୍ରଣାମ କଲି - ପ୍ରଭୂ ଯୋଉ ହାତରେ ମଣିଷକୁ ଟିକିଏ ରିକ୍ତ କରିଥାନ୍ତି, ପୁଣି ଆର ହାତରେ ତାକୁ ପୂରଣ କରିଦିଅନ୍ତି – ପୁଅକୁ କିଛି କହି ଓ ଚକୋଲେଟ୍ ପ୍ୟାକେଟ୍ ଦେଇ ବିଦାୟ ଦେଲି ।

(କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(ଶେଷଭାଗ)

# ଖେଳ



ମୂଳ ହିନ୍ଦୀ – ଅଭିଷେକ କଶ୍ୟପ






ଅନୁବାଦ- ନନ୍ଦିତା ମହାନ୍ତି

(ପୂର୍ବପ୍ରକାଶିତ ଉତ୍ତାରୁ)

ମୁଁ ତାଙ୍କୁ ଏକଲୟରେ ଚାହିଁଥିଲି । କିଛି ସମୟ ପରେ ତାଙ୍କ ଆଖି ମୋ ଆଖି ସହିତ ମିଶିଗଲା ମୋର ଷ୍ଟାଡିୟମ ପହଞ୍ଚିବା ପୂର୍ବରୁ ନା କେବେ ହେଲେ ନମ୍ବରିଙ୍ଗ କରା ଯାଉଥିଲା ନା ଖେଳ ଆରମ୍ଭ ହେଉଥିଲା, କାରଣ ମୁଁ ହିଁ ବ୍ୟାଟ-ୱିକେଟ ନେଇ କରି ଯାଉଥିଲି .....ହେଲେ ଆଜି ନମ୍ବରିଙ୍ଗ ହୋଇ ସାରିଥିଲା । ଖେଳ ଆରମ୍ଭ ହୋଇ ଯାଇଥିଲା । ପିଚ ଉପରେ ତିନୋଟି ନୂଆ ୱିକେଟ ମଧ୍ୟ ପୋତା ହୋଇ ସାରିଥିଲା...

ମିକ୍କି ଓ ସୋନୁ ଆଜି ନିଜ ନିଜର ବ୍ୟାଟ ଆଣିଥିଲେ ।

କଥାଟା କଣ ତାହା ମୁଁ ଟିକେ ଟିକେ ବୁଝି ସାରିଥିଲି । ତଥାପି ...

ମୁଁ ଷ୍ଟାଡିୟମ ଭିତରକୁ ପ୍ରବେଶ କଲି । ସୋନୁ ବେଟିଙ୍ଗ କ୍ରିଜରେ ଥିଲା ଆଉ ଅନିଶ ତା ପାଇଁ ବଲ ପକାଉଥିଲା ।

‘ମୁଁ ଆସିବା ପୂର୍ବରୁ କିଏ ନମ୍ବରିଙ୍ଗ କଲା ?’

ବହୁତ ନରମ ଓ ଶୀତଳ ସ୍ୱର ।

‘କାହିଁକି ? ତୁ ଲେଟରେ ଆସିବୁ ବୋଲି କଣ ତୋର ଅପେକ୍ଷାରେ ଆମର ପ୍ରାକ୍ଟିସ ଅଟକିଥିବ ନା କଣ ?’

ସୋନୁ କ୍ରିଜ ଉପରେ ବ୍ୟାଟକୁ ବାଡେଇ ମାଟିକୁ ସମତଳ କରୁ କରୁ କହିଲା, ...ସତେ ଯେମିତି ସିଏ ମୋତେ ଖୋଲାଖୋଲି ଆହ୍ୱାନ ଦେଉଥିଲା ।

ମୁଁ ଚୁପଚାପ ଅଫ ସାଇଡ ବାଉଣ୍ଡରୀକୁ ଯାଇ ଫିଲଡିଙ୍ଗ କରିବାକୁ ଲାଗିଲି । ମନମସ୍ତିଷ୍କରେ ହଡକମ୍ପ ଆରମ୍ଭ ହୋଇ ଯାଇଥିଲା ।

‘କଣ କ୍ୟାପଟେନ ପୁଅ .....ହାଓ ଆର ୟୁ ?’

ଓଭର ଶେଷ ହେଲା ପରେ ଅନିଶ ବଲ ଧରିଲା । ସିଏ ମୋର ଆଖପାଖରେ ଫିଲଡିଙ୍ଗ କରୁଥିଲା ।

‘ବଲ ଏପଟେ ଦିଅ !’ ବହୁତ ବେଖାତିର ଓ ଘୃଣାରେ ଚାହିଁଲି ମୁଁ ତାକୁ ।

‘ଏବେ ମୋ ନମ୍ବର ...’

‘ସେଥିରେ କିଛି ଅସୁବିଧା ନାହିଁ । ଆଇ ଆମ କ୍ୟାପଟେନ ...ଏଣ୍ଡ ମାଇ ଡିସିସନ ଇଜ ଦ ଲାଷ୍ଟ ଡିସିସନ !’

ମୁଁ କୁରତାପୂର୍ଣ୍ଣ ହସ ଛାଟି ଦେଲି ତା ଆଡକୁ ଯେ ଦେଖ ଏଇ ପିଲାଟି କେତେ ବୋକା ।

‘ନୋ ....ଆଇ ୱିଲ ତୁ !’

‘ବଲ ଏପଟେ ଦିଅ !’

ଚିତ୍କାର କରି, ହାତକୁ ମୁଠା କରି, ଦାନ୍ତ କଡମଡ କରି ମୁଁ ତା ଆଡକୁ ଆଗେଇଗଲି ।

‘ନା ଦେବିନି ...’

ମୋତେ ତା ଆଡକୁ ଯିବାର ଦେଖି ସିଏ ଡରିଗଲା, ହେଲେ ବଲକୁ ଖୁବ ଦୃଢ ଭାବରେ ସିଏ ନିଜର ଡାହାଣ ହାତରେ ଜାବୁଡି ଧରିଲା ।

ଟିମର ପିଲାମାନେ ଆମ ଆଖପାଖରେ ଏକାଠି ହେବାକୁ ଲାଗିଲେ ।

ସୋନୁ-ମିକ୍କି ସହିତ ଟିମର ସବୁ ପିଲା ଅନିଶର ପକ୍ଷ ନେଉଥିଲେ ବା ସିଧା ସିଧା କହିଲେ ମୋତେ ବିରୋଧ କରୁଥିଲେ ।

ମୁଁ ଚକ୍ରବ୍ୟୁହ ଭିତରେ ଏକୁଟିଆ ହୋଇ ଯାଇଥିଲି ।

‘ମୁଁ କଣ କରିବି ? ଏବେ ଆଉ କିଛି ହୋଇ ପାରିବନାହିଁ ? ଏହା କଣ ତେବେ ଶେଷ ମୂହୁର୍ତ୍ତ ?’

‘ମାଦାରଚୋ.....(ଗାଳି)....ବେଶ୍ୟାଙ୍କର ଛୁଆ ! ତୁମେମାନେ ସମସ୍ତେ ନିଜକୁ କଣ ବୋଲି ଭାବୁଛ କି !’

ମୋତେ ବିଶ୍ୱାସ ହେଉ ନ ଥିଲା ଯେ ଏହା ମୋର ସ୍ୱର ।

ଏଇଟା କଣ ସତରେ ମୋର ସ୍ୱର ଥିଲା ?

‘ଛିଃ ! ତୁ ଏତେ ଖରାପ ଭାଷାରେ ଗାଳି ଦେଉଛୁ ......ଏବେ ତୁ ଆଉ ଆମ ସହିତ ଖେଳି ପାରିବୁ ନାହିଁ !’

ସୋନୁର ଚେହେରା ଘୃଣାରେ ଲାଲ ପଡି ଯାଇଥିଲା ।

‘ଆବେ ଶଳା ଟୋକା .....ତୁ ନିଜକୁ କଣ ଭାବୁଛୁ ବେ ? ମୁଁ ଖେଳି ପାରିବି ନାହିଁ ମାନେ ? ଏଇଟା କଣ ତୋ ବୋପାର ଟିମ !’

ମୋ ଆଖିରେ ନିଶ୍ଚୟ ରକ୍ତ ସଞ୍ଚରି ଯାଇଥିବ ।

‘ଗେଟ ଆଉଟ ଫ୍ରମ ଦି ଫିଲ୍ଡ !’

ଆରେରେ ......ଏଇଟା ମିକ୍କିର ସ୍ୱର ।

‘ତାହେଲେ ଆଜ୍ଞା ଆପଣ ବି ...କିଛି କଥା ନାହିଁ !’

‘କାହିଁକି ବେ ମିକ୍କି ...ମାଆ ଜି.ଏମ.ର ବିଛଣା ଗରମ କରୁଛି ....ବାପ ଶଳା ଭାଡୁଆ ଆଉ ତୁ ତାଙ୍କ ପୁଅ .... ତୁ ଏମିତି ରଙ୍ଗବାଜ କେବେଠୁ ହେଇଗଲୁଣି ବେ ?’

‘ଇଏ ଏବେ ଆଉ ଆମ ସହିତ ଖେଳିବ ନାହିଁ ...’

‘ଉହୁଁ ......ଇଏ ଆମ ସହିତ ଖେଳିବା ଯୋଗ୍ୟ ନୁହେଁ ...’

‘ସୋନୁ ହେବ ଆମର ନୂଆ କ୍ୟାପଟେନ...’

‘ହଁ, ହଁ, ସୋନୁ ଠିକ ହେବ ....’

‘ଗୋଟେ ଲେବରର ‘ପ୍ରଡ୍‌କ୍ଟ’ ସିଏ ...ମେଣ୍ଟାଲିଟି କେମିତି ଚେଞ୍ଜ ହେବ ...’

ସମସ୍ତେ ଚାରିପଟୁ ମୋତେ ଘେରି ଯାଇଥିଲେ । ମୋ ବିପକ୍ଷରେ ସମସ୍ତେ କିଛି ନା କିଛି କହୁଥିଲେ ।

‘ମୁଁ ବି ଏବେ ଚୁପ ରହିବା ଉଚିତ ନୁହେଁ ...ଏମିତିରେ ବି ଏବେ ଚୁପ ରହିବା ପାଇଁ ଆଉ କଣ ବାକି ଅଛି ଯେ !’

‘ହଁ-ହଁ ଗଜମୂର୍ଖ ଦଳ ....ମୁଁ ଲେବରର ପୁଅ ହେଲେ ମୋର ବାପା ମୋ ମାଆକୁ ନିଜର ବସଙ୍କର ରାତିକୁ ରଙ୍ଗୀନ କରିବା ପାଇଁ ପଠାନ୍ତି ନାହିଁ ...ତୁମମାନଙ୍କୁ ଶଳା ଏକଥା ଜଣା ଅଛି ଯେ ତୁମେମାନେ ନିଜ ବାପର ପ୍ରକୃତ ସନ୍ତାନ ନୁହଁ । ମିକ୍କିଆ ଓ ସୋନୁଆ ବିଷୟରେ ତ ମୁଁ ପୂରାପୂରି କନଫର୍ମ । ଇଏ ଜି.ଏମ.ର ପୁଅ, ନିଜ ବାପର ନୁହେଁ ।

‘ଗେଟ ଆଉଟ ...ଗେଟ ଆଉଟ ଫ୍ରମ ଦି ଫିଲ୍ଡ ...’

‘ନା ଯିବିନାହିଁ ... ଶଳା ଯଦି ସାହସ ଅଛି ତ ମୋ ସହିତ ଲଢିକି ଦେଖାଅ । ତୁମମାନଙ୍କୁ ଜଣ ଜଣ କରି ସେଇ ‘ଭୁଡକି’ ଭିତରକୁ ପଠେଇଦେବି, ଯେଉଁଠୁ ବାହାରିକି ଆସିଛ ତୁମେମାନେ ....’

ମିକ୍କି ମୋତେ ଗଭୀର ଘୃଣାରେ ଚାହିଁ ଭୁଇଁ ଉପରେ ଲେଣ୍ଡାଏ ଛେପ ପକେଇଦେଲା, ‘ଇଏ ଏତେ ନିକୃଷ୍ଟ ଧରଣର ପିଲା ବୋଲି ମୁଁ ଇମାଜିନ ‘ମଧ କରି ପାରି ନ ଥିଲି ।’

ବୋଧହୁଏ ସିଏ ମୋର ମୁହଁ ଉପରେ ଛେପ ପକେଇବାକୁ ଚାହୁଁଥିଲା ।

‘ମୋ ନିକଟକୁ ଟିକେ ଆ’ ରାଜା ...ଏବେ ଦେଖେଇ ଦେଉଛି ତୋତେ, କିଏ ନିକୃଷ୍ଟ କିଏ ଉତ୍କୃଷ୍ଟ ...

ଆସ ଶଳା ...ସମସ୍ତେ ଆସ ...ଆଜି ରକ୍ତର ନଦୀ ବୋହିବ ...’

ମୁଁ ନିଜର ଦୁଇ ବାହୁକୁ କହୁଣୀ ପାଖରୁ ହଠାତ ମୋଡିଦେଲି । ହେଲେ ବାହୁର ମାଂସପେଶୀ ନାଚି ଉଠି ନ ଥିଲା ...ତାପରେ ବ୍ରୁସଲି ଷ୍ଟାଇଲରେ ମୁଁ ନିଜର ଗୋଡ ଓ ପାପୁଲି ମେଲେଇଦେଲି ଓ ଡିଆଁକୁଦା କରିବାକୁ ଲାଗିଲି, ‘ଆସ ...ଆସ ବେ ...ସମସ୍ତେ ମିଶି ଆସିଯାଅ । ....କମ୍ ଅନ ...କମ୍ ଅନ .....ହିଟ ମି !’

‘ଚାଲ ଖେଳ ଆରମ୍ଭ କରିବା ....ଏଣ୍ଟିସୋସଲ ଏଲିମେଣ୍ଟସଙ୍କ ସହିତ ଲାଗି ଆମକୁ ନିଜର ‘ଗେମ ଟାଇମ’ ଖରାପ କରିବାର ନାହିଁ ।’

ସୋନୁ ବ୍ୟାଟିଂ କ୍ରିଜ ଆଡକୁ ଫେରିବାକୁ ଲାଗିଲା । ବାକି ପିଲାମାନେ ତା ପଛେ ପଛେ ଚାଲିଲେ ।

ଖେଳ ପୁଣି ଥରେ ଆରମ୍ଭ ହୋଇଗଲା । ମୁଁ ଅଧ ଘଣ୍ଟା ଯାଏଁ ସେମାନଙ୍କୁ ଗାଳି ଦେଇ ଚାଲିଲି । ସେମାନଙ୍କର ମାଆ-ଭଉଣୀଙ୍କ ଠାରୁ ନେଇ ସପ୍ତ ପୁରୁଷର ସ୍ତ୍ରୀଲୋକଙ୍କ ସହିତ ନିଜର ସମ୍ପର୍କ ଯୋଡିବାକୁ ଲାଗିଲି, ହେଲେ ଏବେ କେହି ହେଲେ ମୋର ଅନର୍ଗଳ ପ୍ରଳାପକୁ ଧ୍ୟାନ ଦେଉ ନ ଥିଲେ ।

ପୁଣି ଥରେ କହିବି ...ଭୁଲ ମୋର ଥିଲା। ମୁଁ ସେମାନଙ୍କୁ ଚିହ୍ନି ପାରିଲିନାହିଁ ।

ସେମାନେ ସମସ୍ତେ ବିଦୁଷୀ ନାରୀ ଥିଲେ ଆଉ ମୁଁ ଥିଲି କଜିଆଖୋରଣୀ ବୁଢୀ ଶାଶୁ ।

ଗାଳି ଦେଇ ଦେଇ ମୋ ମୁହଁରୁ ଫେଣ ବାହାରିବାକୁ ଲାଗିଥିଲା ।

କଜିଆଖୋରଣୀ ବୁଢୀ ଶାଶୁର ମୃତ୍ୟୁ ପୂର୍ବର କାଳ୍ପନିକ ଚେହେରା ମୋର ମନେ ପଡିଗଲା ।

ମୁଁ ଖୁବ ଭୟଭୀତ ହୋଇପଡିଲି !

ଖୁବ ବିବଶ, ନାଚାର, ଜୁଆରେ ହାରୁଥିବା ଦାନ ପରି ମୁଁ ଅଫିସର ଷ୍ଟାଡିୟମରୁ ବାହାରକୁ ଆସିଥିଲି ।

‘ବହତ୍ ବେ-ଆବରୁ ହୋ କର ନିକଲେ ତେରେ କୁଚେ ସେ’ ....ହିନ୍ଦୀ ଗୀତର ଧୂନ ବାଜୁଥିଲା ମୋ କାନ ପରଦାରେ ।

ପଛକୁ ବୁଲି ମୁଁ ପୁଣି ଥରେ ନିଜର ଅଜେୟ ସାମ୍ରାଜ୍ୟକୁ ଅଦମ୍ୟ ଆଗ୍ରହରେ ଚାହିଁ ରହିଲି, ଯାହା ଏବେ ଆଉ ମୋର ହୋଇ ରହି ଯାଇ ନ ଥିଲା ...ଆଉ କାହାର ହୋଇ ସାରିଥିଲା ।

ହୃଦୟରେ ଏକ ଅବ୍ୟକ୍ତ ପୀଡା ଉଠିଲା ....ବହୁତ ଚେଷ୍ଟା କଲେ ମଧ୍ୟ ଆବେଗକୁ ଅଟକେଇ ପାରୁ ନ ଥିଲି ମୁଁ । ବ୍ୟାଟ-ୱିକେଟ ସେଇଠି ଫୋପାଡି ଦେଇ ଭୁଇଁରେ ଗଡି ଗଡି ...ଭେଁ ଭେଁ ହେଇ କାନ୍ଦି ଉଠିଲି ମୁଁ !

କାନ୍ଦି ଚାଲିଥିଲି ...ଅନେକ ଡେରି ଯାଏଁ !

(ସମାପ୍ତ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ)୮୨୪୯୪୩୭୨୭୬

# ବିସିପିଏଲ ସିଜନ-୪ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ



ବାରିପଦା, ୨୬/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଡିଆରକେ କ୍ଲବ ଆନୁକୂଲ୍ୟରେ ଓ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ବାରିପଦା କ୍ରିକେଟ ପ୍ରିମିୟାର ଲିଗ ସିଜନ-୪ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ପ୍ରଥମ ମ୍ୟାଚରେ ପରି ଚାଲେଞ୍ଜର ମା ଜଗଦ୍ଧାତ୍ରୀ ୱରିୟାର୍ସକୁ ୯ ଉଇକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ମା ଜଗଦ୍ଧାତ୍ରୀ ୱରିୟାର୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୧୬ ରନ କରିଥିଲେ । ଦଳ ପକ୍ଷରୁ ଶ୍ୱେତ ଦାସ ସର୍ବାଧିକ ୩୧ ରନ କରିଥିବାବେଳେ ବିପକ୍ଷ ଦଳର ଅଭିଷେକ ପରିଡା ଓ ସତ୍ୟନାରାୟଣ ଜୀଉ ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ ଓ ଉତରରେ ପରି ଚାଲେଞ୍ଜର ୧୪.୫ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ୧୨୦ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ ଓ ଦଳ ପକ୍ଷରୁ ଅଭିଜ୍ଞାନ ମହାନ୍ତି ୮୭ ଓ ଦିବ୍ୟଲୋଚନ ଦାସ ୨୪ ରନ କରିଥିବାବେଳେ ବିପକ୍ଷ ଦଳର ପ୍ରିତମ ପଣ୍ଡା ଏକ ମାତ୍ର ଉଇକେଟ ଅକ୍ତିଆର କରିଥିଲେ । ଗତକାଲି ଖେଳାଯାଇଥିବା ଏକ ମାତ୍ର ମ୍ୟାଚରେ ଏଞ୍ଜେଲ -୧୧ ମା ଜଗଦ୍ଧାତ୍ରୀ ୱରିୟାର୍ସକୁ ୪ ଉଇକେଟରେ ପରାସ୍ତ କରିଥିଲେ ଓ ଆଜିର ଖେଳକୁ ସୁଶାନ୍ତ ମହାନ୍ତି, ଦିଲ୍ଲୀପ ଦାସ, ଅଭିଳାଷ ବିଶ୍ୱାଳ ଓ ଉତ୍ତମ ମହାକୁଡ଼ ପରିଚାଳନା କରିଥିବାବେଳେ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ । ପଙ୍କଜ ମହାକୁଡ଼ ଓ ସନ୍ଦୀପ ବାସ୍କେ ଧାରଓବିବାରଣୀ ପ୍ରଦାନ କରିଥିଲେ । ଜାତୀୟ ସ୍ତରୀୟ ଅମ୍ପାୟାର ଅରୁଣ ଦାସ ଆଜିର ମ୍ୟାଚକୁ ଉଦଘାଟନ କରିଥିବାବେଳେ ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ବରିଷ୍ଠ ସଦସ୍ୟ ଉମେଶ ସାହୁ ତଥା ଆୟୋଜକ ଅମିତାଭ ଦାସ, ସତ୍ୟନାରାୟଣ ଜୀଉ, ଆଭାସ ଦେ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

# ଦେଶବ୍ୟାପୀ ଦୁଇଦିନିଆ ଧର୍ମଘଟ ସଫଳ ପାଇଁ ପଥପ୍ରାନ୍ତ ସଭା

ବାଲେଶ୍ୱର, ୨୬/୦୩ (ନି.ପ୍ର): କେନ୍ଦ୍ରରେ ମୋଦି ସରକାରଙ୍କ ଜନବିରୋଧୀ ନୀତିର ପ୍ରତିବାଦରେ ଆସନ୍ତା ୨୮ ଓ ୨୯ ତାରିଖ ୨ଦିନ ବ୍ୟାପୀ ହେବାକୁ ଥିବା ଧର୍ମଘଟ ତଥା ଭାରତବନ୍ଦକୁ ବାଲେଶ୍ୱରରେ ସଫଳ କରିବା ପାଇଁ ଶ୍ରମିକ ସଙ୍ଗଠନଙ୍କ ପକ୍ଷରୁ ଜନସଚେତନତା ଆରମ୍ଭ ହୋଇଛି । ସମୂହ ସ୍ୱାର୍ଥରକ୍ଷାରେ ହେବାକୁ ଯାଉଥିବା ଏହି ଧର୍ମଘଟକୁ ଜନସାଧାରଣଙ୍କ ସମର୍ଥନ ବୃଦ୍ଧି ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନଙ୍କ ପକ୍ଷରୁ ମିଳିତ ପଥପ୍ରାନ୍ତ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ସହରର ବିଚାରଗଞ୍ଜ ଫାଣ୍ଡିଛକ, ସିନେମାଛକ ଓ ବସଷ୍ଟାଣ୍ଡରେ ଆୟୋଜିତ ଏହି ପଥପ୍ରାନ୍ତ ସଭାରେ ଟିୟୁସିସିର ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ନିର୍ମଳ ନାୟକ, ରବୀନ୍ଦ୍ର ବେହେରା, ସୁରେଶ ଚନ୍ଦ୍ର ବେହେରା, ବିକାଶ ଦାସ, ଶ୍ୟାମସୁନ୍ଦର ଜେନା, ଶରତ ଚନ୍ଦ୍ର ଦଳାଇ, ଛାତ୍ରନେତା ପ୍ରଶାନ୍ତ ଦାସ, ନାରୀନେତ୍ରୀ ବନ୍ଦନା ପାତ୍ର, କୃଷକ ନେତା ଅରୁଣ ଜେନା, ସନାତନ ନାୟକ, ସନ୍ତୋଷ ଦାସ, କୈଳାସ ନାୟକ ଓ ଉମାକାନ୍ତ ଦାସ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନବିରୋଧୀ ଶାସନ ନୀତିର ତୀବ୍ର ପ୍ରତିବାଦ କରିଥିଲେ । ଦେଶର ଜାତୀୟ ସମ୍ପତ୍ତିର ଘରୋଇକରଣ, ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ କରୁଥିବା କଳକାରଖାନା ଗୁଡ଼ିକୁ ପୁଞ୍ଜିପତିମାନଙ୍କ ହାତକୁ ଟେକିଦେବା, ମାଲିକ ସପକ୍ଷରେ ଶ୍ରମ ଆଇନ ସଂଶୋଧନ, ଅନିୟନ୍ତିତ ଦରଦାମ ବୃଦ୍ଧି ଓ ଉତ୍କଟ ବେକାରୀ ସମସ୍ୟା ପ୍ରତିବାଦରେ ହେବାକୁ ଯାଉଥିବା ଏହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ବାଲେଶ୍ୱରରେ ସଫଳ କରିବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ । କେନ୍ଦ୍ରସରକାର ଜାତୀୟ ରାଜପଥ, ରେଳପଥ, ବିମାନବନ୍ଦର, ତୈଳକମ୍ପାନୀ, ବ୍ୟାଙ୍କ, ବୀମା, ଶିକ୍ଷା, ସ୍ୱାସ୍ଥ୍ୟଭଳି ଜନହିତକାରୀ ସଂସ୍ଥାମାନଙ୍କୁ ବ୍ୟବସାୟୀକରଣ ଓ ଘରୋଇକରଣ କରୁଥିବାରୁ ଏହାକୁ ବକ୍ତାମାନେ ଦୃଢ଼ ବିରୋଧ କରିଥିଲେ । ସ୍କିମ୍ ୱାର୍କରମାନଙ୍କୁ ସ୍ଥାୟୀ ନିଯୁକ୍ତି, ସମାନକାମକୁ ସମାନ ମଜୁରୀ, ଠିକାଶ୍ରମିକ ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ ପାଇଁ ସେମାନେ ଦାବି କରିଥିଲେ । ଆସନ୍ତା ତା ୨୮ ଓ ୨୯ରିଖ ଧର୍ମଘଟ ପୂର୍ବରୁ ବାଲେଶ୍ୱର ସହରରେ ରବିବାର ଦିନ ଅପରାହ୍ନରେ ମୋଟରସାଇକେଲ୍ ଶୋଭାଯାତ୍ରାରେ ବହୁସଂଖ୍ୟାରେ ଯୋଗଦେବାକୁ ବକ୍ତାମାନେ ନିବେଦନ କରିଥିଲେ ।

## ପୁରୀ ଜିଲ୍ଲାର ୩ ଏନଏସି ଅଧ୍ୟକ୍ଷ ପଦ ଦଖଲ କଲା ବିଜେଡ଼ି

ପୁରୀ, ୨୬/୦୩ (ନି.ପ୍ର): ପୁରୀ ଜିଲ୍ଲାର ୩ଟି ଏନଏସି ଯଥା କୋଣାର୍କ, ନିମାପଡ଼ା ଓ ପିପିଲିରେ ଅନୁଷ୍ଠିତ ହୋଇଥିବା ନିର୍ବାଚନରେ ତିନୋଟି ଯାକ ଅଧ୍ୟକ୍ଷ ଆସନ ବିଜେଡ଼ି ଦଖଲକୁ ଯାଇଛି । କୋଣାର୍କ ଏନଏସିରେ ବିଜେଡ଼ିର ଅଧ୍ୟକ୍ଷ ପ୍ରାର୍ଥିନୀ ସଂଯୁକ୍ତା ତ୍ରିପାଠୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ଚନ୍ଦ୍ରିକା ରାଉତରାୟଙ୍କୁ ୮୫୯ ଭୋଟ୍ ରେ ପରାସ୍ତ କରି ବିଜୟୀ ହୋଇଛନ୍ତି । କୋଣାର୍କର ୧୩ଟି ୱାର୍ଡ଼ର କାଉନସିଲର ଭୋଟ୍ ରେ ବିଜେଡ଼ି ୭ଟି, କଂଗ୍ରେସ ୩ଟି, ବିଜେପି ୨ଟି ଓ ସ୍ୱାଧିନ ପ୍ରାର୍ଥୀ ଗୋଟିଏ ଆସନରେ ବିଜୟ ଲାଭ କରିଛନ୍ତି । ସେହିପରି ପିପିଲି ଏନଏସିରେ ବିଜେଡ଼ି ପ୍ରାର୍ଥୀ ଶେଖ୍ ବାବୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପି ପ୍ରାର୍ଥୀ ସୁକାନ୍ତ ଭଟ୍ଟଙ୍କୁ ୨୧୦୪ ଭୋଟ୍ ରେ ପରାସ୍ତ କରି ବିଜୟୀ ହୋଇଛନ୍ତି । ୧୬ଟି ୱାର୍ଡ଼ ମଧ୍ୟରୁ ବିଜେଡ଼ି ୧୩ଟି, ବିଜେପି ୨ଟି ଓ ସ୍ୱାଧିନ ପ୍ରାର୍ଥୀ ଗୋଟିଏ ଆସନରେ ବିଜୟ ଲାଭ କରିଛନ୍ତି । ଅନୁରୂପ ଭାବେ ନିମାପଡ଼ା ଏନଏସିରେ ବିଜେଡ଼ି ପ୍ରାର୍ଥିନୀ ସସ୍ମିତା ସାହୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀଙ୍କୁ ୭୫ ଖଣ୍ଡ ଭୋଟ୍ ରେ ହରାଇ ବିଜୟ ଲାଭ କରିଛନ୍ତି । ସେଠାରେ ୧୧ଟି ୱାର୍ଡ଼ର କାଉନସିଲର ପଦବୀରୁ ବିଜେଡ଼ି ୭, ବିଜେପି ୩ ଓ ସ୍ୱାଧିନ ୧ଟି ଆସନରେ ବିଜୟ ଲାଭ କରିଛନ୍ତି ।

# ସ୍ୱାସ୍ଥ୍ୟ ଓ ଆରୋଗ୍ୟ ସଚେତନତା କର୍ମଶାଳା ଉଦ୍‌ଘାଟିତ




ବାରିପଦା, ୨୬/୦୩ (ନି.ପ୍ର): ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାରିପଦା ମୁନିସିପାଲିଟି ଅନ୍ତର୍ଗତ ପ୍ରାୟ ୫୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନେଇ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ସଚେତନତା ଶିବିର ଉଦଘାଟିତ ହୋଇ ଯାଇଛି । କୃଷ୍ଣଚନ୍ଦ୍ର ପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡ଼ ମହେଶ୍ୱର ମାଝୀ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୋମନାଥ ସିଂହ, ବରିଷ୍ଠ ଶିକ୍ଷକ ବଳରାମ ନାଥ ତଥା ଡ଼. ଶଶୀଧର ବିଶ୍ୱାଳ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଏହି ଶିବିରର ଶୁଭ ଉଦଘାଟନ କରିଥିଲେ । ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରରେ ଆୟୁଷ୍ମାନ ଭାରତ ଯୋଜନା ଅନୁଯାୟୀ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କର ସ୍ୱାସ୍ଥ୍ୟ ଓ ଆରୋଗ୍ୟ, ଲିଙ୍ଗଗତ ସମାନତା, ସୁସ୍ଥ ଜୀବନଶୈଳୀ, ପୁଷ୍ଟିକର ଖାଦ୍ୟ ଓ ପରିଷ୍କାର ପରିଛନତା ଉପରେ ଆଲୋଚନା ହେବ ବୋଲି ଡ଼. ମାଝୀ ଆଲୋକପାତ କରିବା ସହ ପରବର୍ତୀ ସମୟରେ ବାରିପଦା ବ୍ଲକର ସମସ୍ତ ବିଦ୍ୟାଳୟର ଦୁଇ ଜଣ ଲେଖାଏଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ଦିଆଯିବ ବୋଲି କହିଥିଲେ । ସାଧନ କର୍ମୀ ଡ଼. ଶୁଭଙ୍କର ଦାସ, ଡ଼. ଅଭିଜିତ ରାଉତ, କିଶୋର କୁମାର କବି, କଲ୍ୟାଣଶିଷ ଦାସ । ବିଦ୍ୟାଧର ପରିଡା ପ୍ରମୁଖ ଆଲୋଚନାରେ ମୁଖ୍ୟ ଭୂମିକା ଅଂଶ ଗ୍ରହଣ କରିବେ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଆୟୁଷ୍ମାନ ଭାରତର ଲକ୍ଷ୍ୟ ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ବିଦ୍ୟାଳୟ ପାଠ୍ୟ କ୍ରମରେ ସପ୍ତାହରେ ଗୋଟିଏ ଦିନ ଦୁଇ ଘଣ୍ଟା ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇବେ ଓ ସେଥିପାଇଁ ପ୍ରତ୍ୟେକ ବିଦ୍ୟାଳୟର ଦୁଇ ଜଣ ଶିକ୍ଷକ ଶିକ୍ଷୟତ୍ରୀ ତାଲିମ ନେବେ ଓ ମୌସୁମୀ କର ଓ ଲଳିତ ରଞ୍ଜନ ଦାସ ଶିବିର ପରିଚାଳନାରେ ସହାୟତା କରିଥିଲେ ।

# ମାଲକାନଗିରି ଜିଲ୍ଲା ସଦର ମହକୁମା ହସ୍‌ପିଟାଲ୍ କୁ 'କାୟାକଳ୍ପ' ପୁରସ୍କାର

ଭୁବନେଶ୍ୱର, ୨୬/୦୩ (ନି.ପ୍ର): ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତମ ଗୁଣବତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ନ୍ୟାସନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ, ଲକ୍ଷ ଓ ସୁରକ୍ଷିତ ମାତୃତ୍ୱ (ଏନକ୍ୟୁଏଏସ୍) ଓ'କାୟାକଳ୍ପ' ଭଳି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ୨୦୨୧-୨୨ ମସିହା ପାଇଁ ଏନକ୍ୟୁଏଏସ୍, ଲକ୍ଷ, ସୁମନ ଓ କାୟାକଳ୍ପର ଅଗ୍ରଗତିର ସମୀକ୍ଷା ଓ ଚଳିତ ବର୍ଷ ପାଇଁ କାୟାକଳ୍ପ ପୁରସ୍କାର ବିଜେତାଙ୍କୁ ଚୂଡ଼ାନ୍ତ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଗୁଣବତା ନିଶ୍ଚିତତା କମିଟି ଏସକ୍ୟୁଏସି ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନ୍ତିମ ସ୍କୋର ଉପରେ ଆଧାର କରି ଡିଏଚଏଚ ବର୍ଗରେ ଡିଏଚଏଚ ମାଲକାନଗିରି, ଡିଏଚଏଚ ସୁନ୍ଦରଗଡ଼ ପ୍ରଥମ ଓଦ୍ୱିତୀୟ ପୁରସ୍କାର ଯାଇଥିବାବେଳେ ସେହିଭଳି ଏସଡିଏଚ/ସିଏଚସି ବର୍ଗରେ କେନ୍ଦୁଝରର ଭଣ୍ଡା ସିଏଚସି, ମାଲକାନଗିରିର କୁଡୁଲୁଗୁମ୍ମା ସିଏଚସି ପ୍ରଥମ ପୁରସ୍କାର, କନ୍ଧମାଳର ଟିକାବାଲି ସିଏଚସି ଦ୍ୱିତୀୟ ପୁରସ୍କାର ପାଇଛନ୍ତି । ଢେଙ୍କାନାଳର କାଠଗଡ଼ା ସାହି ୟୁପିଏଚସିଏବଂ କଳାହାଣ୍ଡିର ଭବାନୀପାଟଣା ୟୁପିଏଚସି ମିଳିତ ବିଜେତା ହୋଇଥିବାବେଳେ ୟୁପିଏଚସି - ଏମଏମସି ବରଗଡ଼ ଏବଂ କୋରାପୁଟର ୟୁପିଏଚସି ଗାନ୍ଧିନଗର ମିଳିତ ପ୍ରଥମ ରନର୍ସଅପ୍ ହୋଇଥିଲେ । ୟୁପିଏଚସି ବୈକୁଣ୍ଠନଗର ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି । ଇକୋ-ଫ୍ରେଣ୍ଡଲି ହସ୍‌ପିଟାଲ୍ ବର୍ଗରେ ଡିଏଚଏଚ୍ ସୁନ୍ଦରଗଡ଼ ପ୍ରଥମ ପୁରସ୍କାର ପାଇଥିବାବେଳେ ଗଜପତିର ସିଏଚସି, ଚନ୍ଦ୍ରଗିରି କେନ୍ଦୁଝରର ଭଣ୍ଡା ସିଏଚସି ଓ ଘଟଗାଁ ସିଏଚସି ଏବଂ ମାଲକାନଗିରିର କୁଡୁଲୁଗୁମ୍ମା ସିଏଚସି ମିଳିତ ଭାବେବିଜେତା ହୋଇଛନ୍ତି ।

## ପୋଖରୀର ବୁଡି ବୃଦ୍ଧା ମୃତ

ଲଙ୍ଗଳେଶ୍ୱର, ୨୬/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପ୍ରତାପପୁର ଗ୍ରାମର ଘଟିଯାଇଛି ଅଘଟଣ । ପାର୍ବତୀ ମଣ୍ଡଳ ନାମ୍ନୀ ଅଶି ବର୍ଷ ବୟସ୍କା ବୃଦ୍ଧା ପୋଖରୀର ବୁଡି ମୃତ୍ୟୁବରଣ କରିଛନ୍ତି । ଖବର ନେବାରୁ ଜଣାଯାଇଛି ସିଂଲା ଥାନା ଅନ୍ତର୍ଗତ ତ୍ରୈଲକ୍ୟ କୁଣ୍ଡୁଳି ପଞ୍ଚାୟତ ର ଗ୍ରାମର ପୂର୍ଣଚନ୍ଦ୍ର ମଣ୍ଡଳଙ୍କ ପତ୍ନୀ ପାର୍ବତୀ ତାଙ୍କ ସାନ ଜୁଆଇଁ ଅଜୟ ପାଗଳଙ୍କ ଘରେ ଦୀର୍ଘ ଛଅ ମାସ ଧରି ରୁହୁଥିଲେ । ଗତକାଲି ରାତିରେ ରାତ୍ରିଭୋଜନ ସାରି ସୋଇଥିଲେ । ସକାଳେ ସେ ବିଛଣାରେ ନଥିବାରୁ ବହୁତ ଖୋଜାଖୋଜି କରିଥିଲେ ପରିବାରର ଲୋକ । ହଠାତ ପାଖ ପୋଖରୀରେ ତାଙ୍କ ମରଶରୀର ଭାସୁଥିବାର ଦେଖି ଉଦ୍ଧାର କରାଯାଇଥିଲା । ନିକଟସ୍ଥ ବଡାଶ ଫାଣ୍ଡିକୁ ଖବର ଦେବାପରେ ଫାଣ୍ଡି ଅଧିକାରୀ ସାରଦା ପ୍ରସନ୍ନ ମୃଦୁଳି, ଏଏସଆଇ ରାମଚନ୍ଦ୍ର ପୂର୍ହୁଲ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇଦେଇଥିଲେ । ବାଲିଆପାଳ ଥାନା ୟୁଡି କେଶ ନଂ୭/୨୨ମୂଳେ ମକରଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି ।

## ଚର୍ଚ୍ଚାରେ ୬ନଂ. ୱାର୍ଡର ସ୍ୱାଧୀନ ପ୍ରାର୍ଥୀ ପ୍ରତାପ ସେଠୀ

ନୀଳଗିରି, ୨୬/୦୩ (ନି.ପ୍ର): ନୀଳଗିରି ପୌର ନିର୍ବାଚନରେ ୬ନଂ. ୱାର୍ଡର ସ୍ୱାଧୀନ କାଉନସିଲର ପ୍ରାର୍ଥୀ ପ୍ରତାପ ସେଠୀ ପ୍ରଚାର ମଇଦାନରେ ଚର୍ଚ୍ଚାରେ ଥିବା ବେଳେ ଆଜିର ଫଳ ପ୍ରକାଶ ପାଇବା ପରେ ବିଜେଡି, ବିଜେପି ଦଳର କାଉନସିଲର ପ୍ରାର୍ଥୀଙ୍କୁ ପଛରେ ପକାଇ ସ୍ୱାଧୀନ ପ୍ରାର୍ଥୀ ଭାବେ ସାଇକେଲ ଚିହ୍ନରେ ଶତାଧିକ ଭୋଟରେ ବିଜୟ ଲାଭ କରିଛି । ଶିଶିର ମହାପାତ୍ର ଫାଉଣ୍ଡେସନ ର ପ୍ରତିଷ୍ଠାତା ତଥା ସମାଜସେବୀ ସବ୍ୟସାଚୀ ମହାପାତ୍ରଙ୍କ ତତ୍ୱବଧାନରେ ନିର୍ବାଚନ ମଇଦାନରେ ଛିଡ଼ା ହୋଇଥିବା ବେଳେ କପଡ଼ାଆଇରନ କରୁଥିବା ପ୍ରତାପ ସେଠୀ କାଉନସିଲର ଭାବେ ନିର୍ବାଚିତ ହୋଇଛନ୍ତି । ସବ୍ୟସାଚୀ ମହାପାତ୍ରଙ୍କ ଅକ୍ଳାନ୍ତ ପରିଶ୍ରମ ତଥା ୱାର୍ଡବାସୀଙ୍କ ଭଲ ପାଇବା ହିଁ ବିଜୟ ଲାଭ କରିଥିବା ବେଳେ ୱାର୍ଡବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଆଦିବାସୀ ବ୍ୟକ୍ତିଙ୍କୁ ଆକ୍ରମଣ ଅଭିଯୋଗ

ଭଦ୍ରକ, ୨୬/୦୩ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ପାଟୁଳି ପଞ୍ଚାୟତ ଅରେଇକଣା ଗ୍ରାମର ସୁନିଆ ମୁଣ୍ଡାକୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ଗଣେଶ ମୁଣ୍ଡା, ଜଗା ମୁଣ୍ଡା, ମଣ୍ଟୁ ମୁଣ୍ଡା, ସୁବ୍ରତ ମହାପାତ୍ର ଓ ସୁଶାନ୍ତ ମହାପାତ୍ର ମିଳିତ ଭାବେ ସୁନିଆକୁ ଘର ସମ୍ମୁଖରେ ଗାଳିଗୁଲଜ କରିବା ସହ ଠେଙ୍ଗା ଓ ବାଡିରେ ଆକ୍ରମଣ କରି ପକାଇଦେଇ ପଳାଇଥିଲେ । ହାତ ଓ ଗୋଡ ଭାଙ୍ଗି ଯାଇ ଗୁରୁତର ଆହତ ସୁନିଆକୁ ପରିବାର ଲୋକେ ଭଣ୍ଡାରିପୋଖରୀ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ପଠାଇ ଦିଆଯାଇଥିଲା । ଏଥିନେଇ ସୁନିଆର ପୁତ୍ର ମନୋଜ ଶନିବାର ଥାନାରେ ଏତାଲା ଦେଇଥିବା ଜଣାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପୌର ଫଇସଲା....

କବିସୂର୍ଯ୍ୟନଗର ଏନଏସି : ବିଜେଡି (ଏସ. ଲକ୍ଷ୍ମୀ ସେଠୀ), ବୁଗୁଡ଼ା ଏନଏସି : ବିଜେଡି ( ଚିତ୍ରସେନ ପ୍ରଧାନ), ଆସ୍କା ଏନଏସି : ବିଜେଡି (ବିନିତା ସ୍ୱାଇଁ), ଗୋପାଳପୁର ଏନଏସି : ବିଜେଡି (ଏ. ଜାନକୀ ରାମ), ଦିଗପହଣ୍ଡି ଏନଏସି : କଂଗ୍ରେସ (ପ୍ରଫୁଲ୍ଲ ପଣ୍ଡା), ହିଞ୍ଜିଳିକାଟୁ ପୌରପାଳିକା : ବିଜେଡି (ସୁବାଷ ଚନ୍ଦ୍ର ପଲେଇ), ବେଲଗୁଣ୍ଠା ଏନଏସି : ବିଜେଡି (ଫିରୋଜ କୁମାର ସେଠୀ), ରମ୍ଭା ଏନଏସି : ବିଜେପି ( ମାନସୀ ସ୍ୱାଇଁ), ଚିକିଟି : ବିଜେଡି (ଦୀପା ସାହୁ) । ଜଗତସିଂହପୁର ପୌରପାଳିକା : କଂଗ୍ରେସ ( ଅର୍ଚ୍ଚନା ସିଂ), ପାରାଦୀପ ପୌରପାଳିକା : ବିଜେଡି (ବସନ୍ତ ବିଶ୍ୱାଳ) । ଯାଜପୁର ପୌରପାଳିକା (ବିଜେଡି – ରଞ୍ଜୁଲତା ହୋତା), ବ୍ୟାସନଗର ପୌରପାଳିକା (ବିଜେଡି – ସଙ୍ଗୀତା ପିଙ୍ଗୁଆ) । ବେଲପାହାଡ ପୌରପାଳିକା : କଂଗ୍ରେସ ( ନିମାଇଁ ଚରଣ ପଣ୍ଡା), ବ୍ରଜରାଜନଗର ପୌରପାଳିକା : ବିଜେଡି (ଯାଜ୍ଞସେନୀ ଓରାମ), ଝାରସୁଗୁଡା ପୌରପାଳିକା : ବିଜେଡି (ରାଣୀ ହାତୀ) । ଭବାନୀପାଟଣା ପୌରପାଳିକା : ବିଜେଡି (ସଂଯୁକ୍ତା ବେହେରା), ଜୁନାଗଡ ଏନଏସି : ବିଜେପି (ମୁକେଶ କୁମାର ଅଗ୍ରୱାଲ), ଧର୍ମଗଡ ଏନଏସି : ବିଜେପି (ଅଶୋକ ମହାନ୍ତି), କେସିଙ୍ଗା ଏନଏସି : ବିଜେଡି (ନୃପରାଜ ଯାଦବ) । କେନ୍ଦ୍ରାପଡା ପୌରପାଳିକା (ବିଜେଡି –ସରିତା ସାହୁ), ପଟ୍ଟାମୁଣ୍ଡାଇ ପୌରପାଳିକା (ବିଜେଡି –ହେମନ୍ତ ସାହୁ), କେନ୍ଦୁଝର ପୌରପାଳିକା : ବିଜେପି (ନିକୁ ସାହୁ), ଯୋଡା ପୌରପାଳିକା : ବିଜେଡି ( ଡ. ଜଗଦୀଶ ପ୍ରସାଦ ସାହୁ), ବଡବିଲ ପୌରପାଳିକା : ବିଜେଡି (ଲକ୍ଷ୍ମଣ ମହାନ୍ତ), ଆନନ୍ଦପୁର ପୌରପାଳିକା : ବିଜେଡି (ରଜନୀରାଣୀ ଖଟୁଆ), ଚମ୍ପୁଆ ଏନଏସି : ବିଜେଡି (ଗିରିଜା ଶଙ୍କର ସାହୁ) । ଖୋର୍ଦ୍ଧା ପୌରପାଳିକା : ବିଜେଡି ( କନକ ଲକ୍ଷ୍ମୀ ମହାନ୍ତି), ଜଟଣୀ ପୌରପରିଷଦ : ବିଜେଡି (ଅନନ୍ତ ବେହେରା), ବାଲୁଗାଁ ଏନଏସି: ବିଜେଡି (ସୁକାନ୍ତି ପାଇକରାୟ), ବାଣପୁର ଏନଏସି : ବିଜେଡି (ମିଟୁ ନାୟକ) । ଜୟପୁର ପୌରପାଳିକା : କଂଗ୍ରେସ ( ନରେନ୍ଦ୍ର କୁମାର ମହାନ୍ତି), କୋରାପୁଟ ପୌରପାଳିକା : ବିଜେଡି (ଲଲାଟ ରଞ୍ଜନ ସେଠୀ), କୋଟପାଟ ଏନଏସି : କଂଗ୍ରେସ ( ଏସ ଶଙ୍କର ରାଓ), ସୁନାବେଡା ପୌରପାଳିକା : ସ୍ୱାଧୀନ ( ରାଜେନ୍ଦ୍ର ପାତ୍ର) । ବାଲିମେଳା ଏନଏସି : ବିଜେପି (ପ୍ରଦୀପ କୁମାର ନାୟକ), ମାଲକାନଗିରି ପୌରପାଳିକା : ବିଜେଡି (ମନୋଜ ବାରିକ) । ବାରିପଦା ପୌରପାଳିକା : ବିଜେଡି (କୃଷ୍ଣାନନ୍ଦ ମହାନ୍ତି), କରଞ୍ଜିଆ ଏନଏସି : ବିଜେଡି (ପପି ପୃଷ୍ଟି), ରାଇରଙ୍ଗପୁର ପୌରପାଳିକା : ବିଜେଡି ( ଅଭିଷେକ ପଟ୍ଟନାୟକ), ଉଦଳା ଏନଏସି : ବିଜେପି ( ପ୍ରମିଳା ପଣ୍ଡା) । ଖଣ୍ଡପଡା ଏନଏସି : ସ୍ୱାଧୀନ (ଆରତୀ ପ୍ରଧାନ), ରଣପୁର ଏନଏସି : ବିଜେଡି (ରଙ୍ଗୀନ ମହାନ୍ତି), ଦଶପଲ୍ଲା ଏନଏସି : ସ୍ୱାଧୀନ (ପୁନମ ପ୍ରିୟଦର୍ଶିନୀ), ନୟାଗଡ ପୌରପାଳିକା : ବିଜେଡି (ନିରୁପମା ଖଟେଇ) । ଉମରକୋଟ ପୌରପାଳିକା : ବିଜେଡି (ରାଧା ଭଦ୍ରା), ନବରଙ୍ଗପୁର ପୌରପାଳିକା : ବିଜେପି (କୁନୁ ନାୟକ) । ନୂଆପଡା ଏନଏସି : ସ୍ୱାଧୀନ ପ୍ରାର୍ଥୀ ( ରୂପେ ମହମ୍ମଦ ଆଦମ), ଖରିଆର ଏନଏସି : କଂଗ୍ରେସ ( ଉଜ୍ଜଳ ଗୁପ୍ତା), ଖରିଆର୍ ରୋଡ୍ ଏନଏସି : ବିଜେପି (ସୋନିଆ ଜୈନ) । ଜି ଉଦୟଗିରି ଏନଏସି : ବିଜେଡି (ଭାନୁପ୍ରଭା ମିଶ୍ର), ବାଲିଗୁଡା ଏନଏସି : ବିଜେଡି (ଗୋବିନ୍ଦ ପ୍ରଧାନ), ଫୁଲବାଣୀ ପୌରପାଳିକା : ବିଜେପି (ସ୍ମିତାରାଣୀ ମହାନ୍ତି) । କୋଣାର୍କ ଏନଏସି : ବିଜେଡି (ସଂଯୁକ୍ତା ତ୍ରିପାଠୀ), ନିମାପଡା ଏନଏସି : ବିଜେଡି (ସସ୍ମିତା ସାହୁ), ପିପିଲି ଏନଏସି : ବିଜେଡି (ସେକ୍ ବାବୁ), ରାୟଗଡା ପୌରପାଳିକା : ବିଜେଡି (ପି ମହେଶ ପଟ୍ଟନାୟକ), ଗୁଡାରି ଏନଏସି : ବିଜେଡି (ଶର୍ମିଷ୍ଠା ଶବର), ଗୁଣୁପୁର ପୌରପାଳିକା : ସ୍ୱାଧୀନ (ମମତା ଗୌଡ) । ରେଢାଖୋଲ ଏନଏସି : ବିଜେପି (ଶିବରାମ ସାହୁ), କୁଚିଣ୍ଡା ଏନଏସି : ବିଜେଡି ( ପ୍ରଦ୍ୟୁତ କୁମାର ମହାନ୍ତି) । ବିନିକା ଏନଏସି : ବିଜେଡି ( ସୁବାସ ଭୋଇ), ତରଭା ଏନଏସି : ବିଜେଡି (ବନ୍ଦିତା ନାୟକ), ସୋନପୁର ପୌରପାଳିକା : ବିଜେଡି (ତମସା ତମସ୍ମିତା ନାୟକ) । ସୁନ୍ଦରଗଡ ପୌରପାଳିକା : ବିଜେପି (ତନୟା ମିଶ୍ର), ବୀରମିତ୍ରପୁର ପୌରପାଳିକା : ବିଜେଡି (ସନ୍ଦୀପ ମିଶ୍ର), ରାଜଗାଙ୍ଗପୁର ପୌରପାଳିକା : ବିଜେଡି (ମାଧୁରୀ ଲୁଗୁନ) ବିଜୟୀ ହୋଇଛନ୍ତି ।

## ମାର୍ଚ୍ଚ ୨୮-୨୯ ଦେଶବ୍ୟାପୀ....

କୃଷକଙ୍କ ବିରୁଦ୍ଧରେ ଆଇନ ଆଣିବା, ସମସ୍ତ ରାଷ୍ଟ୍ରାୟତ ସଂସ୍ଥାକୁ ବ୍ୟକ୍ତିଗତ ମାଲିକାନାକୁ ଟେକିଦେବା ଆଦି କାର୍ଯ୍ୟ କରିଚାଲିଛି । ରେଳ ଷ୍ଟେସନ, ରେଳଗାଡ଼ି, ବ୍ୟାଙ୍କ, ବୀମା, ଜାତୀୟ ରାଜପଥ, ବନ୍ଦର, ବିମାନ ବନ୍ଦର, ଷ୍ଟାଡ଼ିୟମ, ଖଣି, ଡ଼ାକ, ଟେଲି କମୁନିକେଶସନ, ଇସ୍ପାତ କାରଖାନା କେହି ଏଥିରୁ ବାଦ୍ ପଡୁନାହାଁନ୍ତି । ପେଟ୍ରୋଲ, ଡ଼ିଜେଲ ଦର, ଅତ୍ୟାବଶ୍ୟାକ ସାମଗ୍ରୀର ଦରଦାମ ଓ ବେକାରୀ ବଢି ବଢି ଚାଲିଛି । ଜାତି ଧର୍ମ ଆଧାରରେ ଦେଶକୁ ଭାଗ ଭାଗ କରିବାକୁ ଚକ୍ରାନ୍ତ ଚାଲିଛି । ମୋଦି ସରକାର ସମସ୍ତ ସାମ୍ବିଧାନିକ ବିଧିବ୍ୟବସ୍ଥାକୁ ଉଲଂଘନ କରି ଦେଶରେ ଏକଛତ୍ରବାଦୀ ଶାସନ ପ୍ରତିଷ୍ଠା ଦିଗରେ ଆଗେଇ ଚାଲିଛି । ତେଣୁ କେନ୍ଦ୍ର ସରକାରଙ୍କ ଏହି ଜନବିରୋଧୀ ଓ ଦେଶ ବିରୋଧୀ କାର୍ଯ୍ୟ ବିରୁଦ୍ଧରେ ୨୮ ଓ ୨୯ ସର୍ବଭାରତୀୟ ଧର୍ମଘଟ ଡାକରା ଦିଆଯାଇଛି ।

## ମାଗଣା ରାସନ ବ୍ୟବସ୍ଥା ....

ମାସକୁ ୫ କିଲୋ ଚାଉଳ ଓ କାର୍ଡ ପିଛା ୧ କିଲୋ ଡାଲି ମାଗଣାରେ ଯୋଗାଇ ଦିଆଯାଉଛି । ଏବେ ଓଡ଼ିଶାରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୮୦.୨୬ ଲକ୍ଷ ପରିବାରର ୨.୮୬ କୋଟି ଲୋକ, ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୧୨.୫୯ ପରିବାରର ୩୮.୬୪ ଲକ୍ଷ ଲୋକ ଓ ରାଜ୍ୟ ଖାଦ୍ୟ ଯୋଜନାରେ ୧.୧୬ ଲକ୍ଷ ପରିବାରର ୩.୭୮ ଲକ୍ଷ ଲୋକଙ୍କୁ ମାଗଣା ଚାଉଳ ଓ ଡାଲି ଯୋଗାଇ ଦିଆଯାଉଛି । ୨୦୨୦ ମସିହା ମାର୍ଚ୍ଚ ୨୬ରେ ମୋଦି ସରକାର ଗରିବ କଲ୍ୟାଣ ଅନ୍ନ ଯୋଜନା ଅନୁସାରେ ଆସନ୍ତା ୩ ମାସ ଯାଏ ମୁଣ୍ଡ ପିଛା ମାଗଣା ୫ କେଜି ଲେଖାଏ ଚାଉଳ କିମ୍ବା ଗହମ ମିଳିବ ବୋଲି କହିଥିଲେ । ସେହିପରି ଘର ପିଛା ୧ କେଜି ଡାଲି ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ । ଏହାପରେ ପର୍ଯ୍ୟାୟକ୍ରମେ ଏହାକୁ ବୃଦ୍ଧି କରାଯାଉଛି ।

## ବିଜେଡି ଦଖଲରେ ....

କଟକ ମହାନଗର ନିଗମରେ ବିଜେଡିର ମେୟର ପ୍ରାର୍ଥୀ ସୁବାସ ସିଂ ବିଜୟୀ ହୋଇଛନ୍ତି ।ସୁବାସ କଂଗ୍ରେସ ର ମେୟର ପ୍ରାର୍ଥୀନୀ ଗିରିବାଳା ବେହେରାଙ୍କୁ ୫୪,୬୧୩ ଖଣ୍ଡ ଭୋଟ୍ ରେ ପରାସ୍ତ କରିଛନ୍ତି । ସୁବାସଙ୍କୁ ୧,୧୬,୦୭୫ ଖଣ୍ଡ ଭୋଟ୍ ମିଳିଛି । ସେହିପରି କଂଗ୍ରେସର ଗିରିବାଳା ବେହେରାଙ୍କୁ ୬୧,୪୬୨ ଖଣ୍ଡ ଓ ବିଜେପି ର ଶ୍ରୀତମ ଦାସଙ୍କୁ ୪୨,୧୮୬ ଖଣ୍ଡ ଭୋଟ୍ ମିଳିଛି ।

## ଏପ୍ରିଲରୁ ମହଙ୍ଗା ହେବ....

ବେଳେ ଜରୁରୀ ମେଡିସିନ୍ 'ପାରାସିଟାମଲ'ର ମୂଲ୍ୟ ବଢ଼ାଇବାକୁ ଯାଉଛନ୍ତି ସରକାର । ପାଖାପାଖି ଏହି ଔଷଧର ଦାମ୍ ୧୦% ବଢ଼ିବ ବୋଲି ଜଣାପଡିଛି । ଭାରତୀୟ ଜାତୀୟ ଫାର୍ମାସ୍ୟୁଟିକାଲ୍ ମୂଲ୍ୟ ପ୍ରାଧିକରଣ ଶୁକ୍ରବାର ଦିନ ୨୦୨୦ ରେ ଅନୁରୂପ ଅବଧିରେ ବର୍ଷ ୨୦୨୧ ପାଇଁ ହୋଲସେଲ୍ ମୂଲ୍ୟ ସୂଚକାଙ୍କ (ଡବ୍ଲୁପିଆଇ)ରେ ୧୦.୭ ପ୍ରତିଶତ ପରିବର୍ତ୍ତନ ଘୋଷଣା କରିଛି । ସାଧାରଣ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ଏହି ଔଷଧ ଗୁଡିକର ମୂଲ୍ୟ ଏପ୍ରିଲ ୧ ରୁ ୧୦.୭ ପ୍ରତିଶତ ବୃଦ୍ଧି ପାଇବ । ଜ୍ୱର, ସଂକ୍ରମଣ, ହୃଦରୋଗ, ଉଚ୍ଚ ରକ୍ତଚାପ, ଚର୍ମ ରୋଗ, ଡାଇବେଟିସ୍, କର୍କଟ, ହେପାଟାଇଟିସ୍, କିଡନୀ ଏବଂ ରକ୍ତହୀନତାର ଚିକିତ୍ସା ପାଇଁ ବ୍ୟବହୃତ ଔଷଧର ମୂଲ୍ୟ ବୃଦ୍ଧି ପାଇବ । ଦମ୍ ବର୍ଦ୍ଧିତ ହେବାକୁ ଥିବା ଔଷଧ ମଧ୍ୟରେ ପାରାସିଟାମଲ ବ୍ୟତୀତ ଫେନୋବାର୍ବିଟୋନ, ଫେନିଟୋଇନ ସୋଡିୟମ, ଆଜିଥ୍ରୋମାଇସିନ, ସିପ୍ରୋଫଲୋକ୍ସାସିନ ହାଇଡ୍ରୋକ୍ଲୋରାଇଡ ଏବଂ ମେଟ୍ରୋନିଡାଜୋଲ ଭଳି ୮୭୫ଟି ଔଷଧ ସାମିଲ ରହିଛି । ଯେଉଁ କମ୍ପାନୀଗୁଡିକ ଔଷଧର ଜାତୀୟ ତାଲିକାର ଅଂଶ ନୁହଁନ୍ତି, ସେମାନଙ୍କୁ ଔଷଧ ମୂଲ୍ୟ ବାର୍ଷିକ ୧୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଅନୁମତି ଦିଆଯାଇଛି ।

# ସହରାଂଚଳର ବିକାଶ ପାଇଁ ବିଜେପି ଲଢେଇ ଜାରୀ ରଖିବ: ସମୀର ମହାନ୍ତି

ଭୁବନେଶ୍ୱର, ୨୬/୦୩ (ନି.ପ୍ର): ରାଜ୍ୟ ସରକାର ଜାଣିଶୁଣି ପୌର ନିର୍ବାଚନକୁ ବିଳମ୍ବ କରି ଆସୁଥିଲେ । ଚଳିତ ପୌର ନିର୍ବାଚନରେ ପ୍ରଥମ ଥର ପୌରାଧ୍ୟକ୍ଷ ପଦ ପାଇଁ ସିଧାସଳଖ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଏବଂ ଭାରତୀୟ ଜନତା ପାର୍ଟୀ ୧୬ଟି ଏନଏସି ଓ ପୌରପାଳିକାରେ ଅଧ୍ୟକ୍ଷ ପଦ ହାସଲ କରିଛି । ନବନିର୍ବାଚିତ ସମସ୍ତ ପୌରାଧ୍ୟକ୍ଷଙ୍କ ସମେତ ୱାର୍ଡ କାଉନସିଲର ଏବଂ କର୍ପୋରେଟରମାନଙ୍କୁ ରାଜ୍ୟ ସଭାପତି ସମୀର ମହାନ୍ତି ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଭାରତୀୟ ଜନତା ପାର୍ଟି ପ୍ରତି ଆସ୍ଥା ପ୍ରକଟ କରିଥିବା ରାଜ୍ୟର ସମସ୍ତ ସହରାଂଚଳବାସୀଙ୍କୁ ଧନ୍ୟବାଦ ଜଣାଇବା ସହିତ ରାଜ୍ୟର ସହରାଂଚଳର ବିକାଶ ପାଇଁ ବିଜେପି ଲଢେଇ ଜାରୀ ରଖିବ ବୋଲି ରାଜ୍ୟ ସଭାପତି ଶ୍ରୀ ମହାନ୍ତି କହିଛନ୍ତି ।

# ଅଜଣା ଯୁବକଙ୍କୁ ହତ୍ୟା ସନ୍ଦେହ : ପୋଲିସର ତଦନ୍ତ ଜାରି



ନୀଳଗିରି, ୨୬/୦୩ (ନି.ପ୍ର): ଏକ ଅଜଣା ଯୁବକର ମୃତ ଦେହ ଏକ ବିଲ ମଝିରେ ପଡ଼ିଥିବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଲା ପରେ ସେଠାରେ ଲୋକାରଣ୍ୟ ହୋଇପଡ଼ିଥିଲା । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ପଂଚଲିଙ୍ଗେଶ୍ୱର ରାସ୍ତାର ମିରିଗିଣି ଛୁଆ ଖସା ପୋଲ ନିକଟସ୍ଥ ବିଲରେ ଯୁବକର ମୃତଦେହ ପଡ଼ିଥିବା ବେଳେ ଅଜଣା ଯୁବକର ଗଳାରେ ଏକାଧିକ କଟା ଚିହ୍ନ ଦେଖିବାକୁ ମିଳିଛି । ତେବେ ଏହା ସପରିକଳ୍ପିତ ହତ୍ୟା ବୋଲି ସନ୍ଦେହ କରାଯାଉଛି । ଯୁବକର ପରିଚୟ ମିଳୁ ନ ଥିବା ବେଳେ ନୀଳଗିରି ପୋଲିସ ମୃତ ଦେହକୁ ଜବତ କରି ନୀଳଗିରି ମେଡିକାଲ ଫ୍ରିଜର ମଧ୍ୟରେ ୭୨ଘଂଟା ପାଇଁ ସୁରକ୍ଷିତ ଅବସ୍ଥାରେ ରଖାଯାଇଥିବା ସୂଚନା ଦେଇଛନ୍ତି । ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

# ମାର୍ଚ୍ଚ ୨୮-୨୯ ସର୍ବଭାରତୀୟ ଶ୍ରମିକ ଧର୍ମଘଟକୁ ଫରୱାର୍ଡ଼ ବ୍ଲକର ସମର୍ଥନ

ଭୁବନେଶ୍ୱର, ୨୬/୦୩ (ନି.ପ୍ର): କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି, ରାଷ୍ଟ୍ରାୟତ ଉଦ୍ୟୋଗଗୁଡ଼ିକର ଘରୋଇକରଣ, ଶ୍ରମ ଆଇନରେ ସଂଶୋଧନ ଆଦି ପ୍ରତିବାଦରେ ଏବଂ ସର୍ବନିମ୍ନ ମଜୁରୀ ବୃଦ୍ଧି ସମେତ ସ୍କିମ୍ ୱାର୍କରମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିରେ ଆସନ୍ତା ମାର୍ଚ୍ଚ ୨୮ ଓ ୨୯ ଦୁଇଦିନ ଧରି ଦେଶର ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ସର୍ବଭାରତୀୟ ଧର୍ମଘଟର ଡ଼ାକରା ଦେଇଛନ୍ତି । ଏହି ଧର୍ମଘଟକୁ ଅନ୍ୟାନ୍ୟ ସ୍ୱାଧୀନ ଫେଡ଼େରେସନ ଏବଂ ବ୍ୟାଙ୍କ ଓ ବୀମା କର୍ମଚରୋ ସଂଗଠନଗୁଡ଼ିକ ମଧ୍ୟ ସମର୍ଥନ ଘୋଷଣା କରିଛନ୍ତି । ଦେଶ ଓ ଦେଶବାସୀଙ୍କ ସ୍ୱାର୍ଥରେ ସଂଗଠିତ ହେଉଥିବା ଏହି ସର୍ବଭାରତୀୟ ଧର୍ମଘଟକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ ଦଳ 'ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ', ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସମର୍ଥନ ଘୋଷଣା କରାଯାଇଛି । ଦେଶର ଶ୍ରମଜୀବୀ, କୃଷକ, ଛାତ୍ର, ଯୁବକ ତଥା ସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ସଂଗଠିତ ହେଉଥିବା ଏହି ସର୍ବଭାରତୀୟ ଧର୍ମଘଟରେ ଫରୱାର୍ଡ଼ ବ୍ଲକ ଏବଂ ଏହାର ଛାମୁଆ ସଂଗଠନମାନେ ସକ୍ରିୟ ଭାବରେ ସାମିଲ୍ ହୋଇ ଏହାକୁ ସଫଳ କରିବା ପାଇଁ ଏକ ପ୍ରେସ୍ ଇସ୍ତାହାର ମାଧ୍ୟମରେ ଫରୱାର୍ଡ଼ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଆହ୍ୱାନ କରିଛନ୍ତି ।

ବାଲେଶ୍ୱର, ରବିବାର, ୨୭ ମାର୍ଚ୍ଚ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଭଦ୍ରକ ଓକିଲ ସଂଘ ନିର୍ବାଚନ : ଦିଲ୍ଲୀପ ମହାପାତ୍ର ପୁନଃ ସଭାପତି, ସୂର୍ଯ୍ୟକାନ୍ତ କୁଅଁର ସଂପାଦକ

ଭଦ୍ରକ, ୨୬/୦୩ (ନି.ପ୍ର): ଆଇନ୍‌ଜୀବୀମାନଙ୍କ ପାଇଁ ଗଠିତ ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆର ନିର୍ଦ୍ଦେଶ ତଥା ରାଜ୍ୟ ଆଇନ୍‌ଜୀବୀ ପରିଷଦ ସହଯୋଗରେ ରାଜ୍ୟରେ ସମସ୍ତ ଓକିଲ ସଂଘର ନିର୍ବାଚନ ଆଜି ଅନୁଷ୍ଠିତ ହେଉଥିବାବେଳେ ଭଦ୍ରକ ଓକିଲ ସଂଘର ନିର୍ବାଚନରେ ବର୍ତ୍ତମାନର କାର୍ଯ୍ୟରତ ସଭାପତି ଦିଲ୍ଲୀପ କୁମାର ମହାପାତ୍ର ପୁନଃ ସଭାପତି ନିର୍ବାଚିତ ହୋଇଛନ୍ତି। ଏବଂ ସଂପାଦକ ଭାବେ ସୂର୍ଯ୍ୟକାନ୍ତ କୁଅଁର ଜୟଯୁକ୍ତ ହୋଇଛନ୍ତି। ସଭାପତି ପଦବୀ ପାଇଁ ବର୍ତ୍ତମାନ କାର୍ଯ୍ୟରତ ସଭାପତି ଦିଲ୍ଲୀପ ମହାପାତ୍ର, ରଂଜନ କୁମାର ନାୟକ ଓ ଧନେଶ୍ୱର ମଲ୍ଲିକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଅନୁରୂପ ସଂପାଦକ ପଦବୀ ପାଇଁ ସୂର୍ଯ୍ୟକାନ୍ତ କୁଅଁର ଓ ବିନୟ କୁମାର ସ୍ୱାଇଁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଉପସଭାପତି ଭାବେ ବୁଦ୍ଧିରାମ ପାଣିଗ୍ରାହୀ, ଗୋପବନ୍ଧୁ ଦୀକ୍ଷିତ୍, ଉମାକାନ୍ତ ସେଠୀ, ମନୋରଂଜନ ଦାସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ ସେଥିରେ ଗୋପବନ୍ଧୁ ଦୀକ୍ଷିତ୍ ବିଜୟୀ ହୋଇଛନ୍ତି। ଯୁଗ୍ମ ସଂପାଦକ ଭାବେ ରଂଜନ କୁମାର ପଣ୍ଡାଙ୍କୁ ହରାଇ ନିକୁଞ୍ଜ କୃଷ୍ଣ ପୁହାଣ ନିର୍ବାଚିତ ହୋଇଥିବାବେଳେ କୋଷାଧ୍ୟକ୍ଷ ଭାବେ ସଂଜୟ କୁମାର ନାୟକଙ୍କୁ ପରାଜିତ କରି ସୁରେନ୍ଦ୍ର କର ବିଜୟୀ ହୋଇଛନ୍ତି। ଏକ୍‌ଜିକ୍ୟୁଟିଭ୍ ମେମ୍ବର ଭାବେ ଗିରିଜା ଶଙ୍କର ଦାସ, ସଂଜୀବ କୁମାର ମହାପାତ୍ର, ସୁଶାନ୍ତ କୁମାର ଜେନା ବିଜୟୀ ହୋଇଥିବାବେଳେ ମାନସ ରଂଜନ ନାୟକ ପରାଜିତ ହୋଇଛନ୍ତି। ଏବଂ ସହକାରୀ ସଂପାଦକ ଭାବେ ବିଶ୍ୱରଂଜନ ଦାସ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାର ଜଣାପଡିଛି। ତେବେ ବିଜୟୀ ହୋଇଥିବା ସଭାପତି ଶ୍ରୀ ନାୟକ ଓ ସଂପାଦକ ଶ୍ରୀ କୁଅଁରଙ୍କୁ ଆଇନ୍‌ଜୀବୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଲୁଟେରା ଗେଙ୍ଗର ପର୍ଦ୍ଦାଫାଶ ୩ ଗିରଫ



ବାରିପଦା, ୨୬/୦୩ (ନି.ପ୍ର): ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାସ କଲା ପୋଲିସ ଧରାପଡିଲେ ୩ ଲୁଟେରା । ସୂଚନା ଅନୁଯାୟୀ ଗତ ୨୧ ତାରିଖରେ ନୂଆଡ଼ିହିର କାର୍ତ୍ତିକେଶ୍ୱର ମହାନ୍ତ ନାମକ ଜଣେ ବ୍ୟକ୍ତି ତାଙ୍କ ଭଉଣୀ ସହ ଗଲାବେଳେ ନୂଆଡ଼ିହିରେ ଜଣେ ଦୁର୍ବୃତ୍ତ ଦୁଇ ଚକିଆ ଯାନରେ ଆସି ଏକ ସୁନା ଚେନ ଛଡାଇ ନେଇଥିଲା । ଏହାପରେ କାର୍ତ୍ତିକେଶ୍ୱର ମହାନ୍ତ ବାରିପଦା ସଦର ଥାନାରେ ଏକ ଲିଖିତ ଅଭିଯୋଗ ଦେଇଥିଲେ । ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରିଥିଲା । ତଦନ୍ତ କରିବା ସମୟରେ ପୋଲିସ ଜଣକୁ ଅଟକ ରଖିଥିଲା । ତା ପାଖରୁ ସୁନାଚେନ, ବନ୍ଧୁକ ଓ ମୋବାଇଲ ଜବତ କରାଯାଇଥିଲା । ଅଧିକ ତଦନ୍ତ କରିବାରୁ ତା ନାମରେ ବାରିପଦା ସଦର ଥାନାରେ ପୂର୍ବରୁ ଅନ୍ୟ ଦୁଇଟି ଅଭିଯୋଗ ଥିବା ଜଣା ପଡିଥିଲା ଏବଂ ପୋଲିସ ତାର ଅନ୍ୟ ଜଣେ ସହଯୋଗୀ ଏବଂ ଚୋରୀ ଜିନିଷ କ୍ରୟ କରିଥିବା ଅଭିଯୋଗରେ ଜଣେ ସୁନା ଦୋକାନୀଙ୍କୁ ମଧ୍ୟ ଗିରଫ କରିବାରେ ସଫଳ ହୋଇଥିଲା । ଗିରଫ ହୋଇଥିବା ୩ଜଣ ଅଭିଯୁକ୍ତ ହେଲେ ଗୋପୀନାଥ ମହାରଣା (୩୬), ସରୋଜ ଦଣ୍ଡପାଟ (୨୮) ତରୁଣ କୁମାର ରଣା (୨୧) ବୋଲି ଜଣା ଯାଇଛି । ଏହି ଛିନ୍ତାଇ ଗ୍ୟାଙ୍ଗସହ ଅନ୍ତରାଜ୍ୟ ସମ୍ପୃକ୍ତିକୁ ଦୃଷ୍ଟିରେ ରଖି ବାଲେଶ୍ୱର, ଝାଡ଼ଖଣ୍ଡ , ବେଙ୍ଗଲ ଇତ୍ୟାଦି ସଂଲଗ୍ନ ରାଜ୍ୟରେ ପୋଲିସ ତାର ଅଧିକ ତଦନ୍ତ ଜାରି ରଖିଛି ବୋଲି ବାରିପଦା ଏସଡିପିଓ କେ.କେ. ହରିପ୍ରସାଦ ଏକ ପ୍ରେସମିଟରେ ସୂଚନା ପ୍ରଦାନ କରିଛନ୍ତି ।

## ଗଞ୍ଜେଇ ଚାଲାଣ ବେଳେ ଚଢାଉ, ୫ ଗିରଫ

ଜୟପୁର, ୨୬/୦୩ (ନି.ପ୍ର): ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ବେଳେ ଚଢାଉ କରିଛି । ଏହି ମାମଲାରେ ୫ ଜଣ କୁ ଗିରଫ କରିଛି । ପୋଲିସ ସୂଚନା ଅନୁଯାୟୀ ୩୨୬ ନମ୍ବର ଜାତୀୟ ରାଜପଥର ପାତ୍ରପୁଟ ନିକଟରେ ଜୟପୁର ସଦର ପୋଲିସ ଗାଡି ଯାଂଚ କରୁଥିବା ବେଳେ ୩ଟି ବାଇକ କୁ ସନ୍ଦେହ କରି ଯାଂଚ କରିଥିଲା । ପରେ ୮୫ କେଜି ୫ ଶହ ଗ୍ରାମ ଗଞ୍ଜେଇ ଜବତ କରିଛି । ଏହା ସହ ୩ଟି ବାଇକ ଜବତ କରିଛି । ଗଞ୍ଜେଇ ନୟାଗଡ ଚାଲାଣ ହୋଉଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ୫ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ସ୍କାଉଟ-ଗାଇଡ କ୍ୟାମ୍ପୋରି ଓ ଜେଆରସି କାଉନସେଲର ତାଲିମ ଶିବିର ଉଦ୍‌ଘାଟିତ




ବାଲେଶ୍ୱର,୨୬/୦୩ (ନି.ପ୍ର): ବାଲେଶ୍ୱରରେ ୩ ଦିନିଆ ଜିଲାସ୍ତରୀୟ ଭାରତ ସ୍କାଉଟ ଓ ଗାଇଡ କ୍ୟାମ୍ପୋରୀ ଶନିବାର ଉଦଘାଟିତ ହୋଇଯାଇଛି। ଜିଲା ସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ପ୍ରାଚୀ ତନୟା ଗିରି ଓ ଧରଣୀଧର ପାତ୍ର, କବି ପ୍ରଶାନ୍ତ ଦାସ, ପୂର୍ବତନ ଜିଲା କମିଶନର ନରହରି ଭୂୟାଁ, ଜିଲା କମିଶନର ତଥା ପ୍ରଧାନ ଶିକ୍ଷୟିତ୍ରୀ ସୁମତି ମଣ୍ଡଳ ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଭାରତ ସ୍କାଉଟ ଓ ଗାଇଡ କ୍ୟାମ୍ପୋରୀଙ୍କ ସାମାଜିକ ଦାୟିତ୍ୱବୋଧତା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଶିକ୍ଷାଧିକାରୀ ବିଷ୍ଣୁ ଚରଣ ସୂତାର ଏହି ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଅଶୋକ କୁମାର ନାୟକ ଏଥିରେ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ରାଜ୍ୟ ସ୍କାଉଟ ମୁଖ୍ୟ ପ୍ରଶିକ୍ଷକ ସୁଦର୍ଶନ ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀମଣି ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲାସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟ ଭାରତ ସ୍କାଉଟସ ଏବଂ ଗାଇଡ୍ସ ସଙ୍ଗଠନ ତଥା ଜିଲା ସ୍କାଉଟସ ଓ ଗାଇଡସ ସଂଗଠନର ମିଳିତ ସହଯୋଗରେ ଆୟୋଜିତ କେମ୍ପୋରି ଜିଲାର ମୋଟ ୧୮୫ ବିଦ୍ୟାଳୟରୁ ୩୯୯ ସ୍କାଉଟ, ୧୨୬ ଗାଇଡ, ସ୍କାଉଟ ମାଷ୍ଟର ୧୨୫ ଓ ଗାଇଡ କ୍ୟାପଟେନ ୬୭ ଏବଂ ୩୦ ପରିଚାଳକ ଏଥିରେ ଅଂଶଗ୍ରହଣ କରିଛନ୍ତି। ଏହି ତିନି ଦିନିଆ ଶିକ୍ଷା କ୍ୟାମ୍ପୋରିରେ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନିସକ ଓ ବୌଦ୍ଧିକ ବିକାଶ ଭିତ୍ତିକ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି କର୍ମକର୍ତ୍ତା ସୂଚନା ଦେଇଛନ୍ତି। ସେହିଭଳି ବାଲେଶ୍ୱର ଜିଲା ଜୁନିଅର ରେଡ଼କ୍ରସ କାଉନସେଲର ଟ୍ରେନିଂ କ୍ୟାମ୍ପ ମଧ୍ୟ ଆରମ୍ଭ ହୋଇଛି। ପ୍ରତି ସଂଧ୍ୟାରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ବାଲେଶ୍ୱର ଜିଲାର ବିଭିନ୍ନ ବିଦ୍ୟାଳୟରୁ ୩୦ କାଉନସେଲର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଶିକ୍ଷକ ଭାବେ ରିସୋର୍ସ ପର୍ସନ ବାମନ ଚରଣ ମହାନ୍ତି, ଉମାକାନ୍ତ ବେହେରା, ଚିତ୍ତରଂଜନ ପରିଡ଼ା, ସତ୍ୟନାରାୟଣ ଦାସ, ମିହିର କୁମାର ପାଣିଗ୍ରାହୀ ଓ ନରୋତ୍ତମ ପୃଷ୍ଟି ପ୍ରଶିକ୍ଷଣ ଦେଉଛନ୍ତି।

## ଗୋଟିଏ ଦିନରେ ୪୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୬/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୪୨୧ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୭୮୧୯ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୩୧ ରହିଛି । ଆଜି ଚିହ୍ନଟ ହୋଇଥିବା ୪୩ ଜଣଙ୍କ ମଧ୍ୟରୁ ୨୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କେନ୍ଦ୍ରାପଡା ଜିଲ୍ଲାରୁ ସବୁଠାରୁ ଅଧିକ ୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାର ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ବାଲେଶ୍ୱର ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଓ ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ବଲାଙ୍ଗୀର ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଜପତି ଜିଲ୍ଲାରୁ ୬ ଜଣ ସଂକ୍ରମିତ ହୋଇଛନ୍ତି । ଗଂଜାମ ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ୍ କଳାହାଣ୍ଡି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କନ୍ଧମାଳ ଜିଲ୍ଲାରୁ ୧, କେନ୍ଦ୍ରାପଡ଼ା ଜିଲ୍ଲାରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେନ୍ଦୁଝର ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇଥିବା ନ ଥିବା ବେଳେ ନୂଆପଡା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୁରୀ ଓ ରାୟଗଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସମ୍ବଲପୁରରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଷ୍ଟେଟ୍ ପୁଲରୁ ୧ ଆକ୍ରାନ୍ତ ଚିହ୍ନଟ ହୋଇ ଛନ୍ତି ।

## ନୀଳଗିରି ଏନ.ଏ.ସି. ଅଧକ୍ଷା ସହ ଆଠ କାଉନସିଲର ବିଜେଡି ହାତରେ



ନୀଳଗିରି, ୨୬/୦୩ (ନି.ପ୍ର): ପୌର ନିର୍ବାଚନର ଫଳାଫଳ ଘୋଷଣା କରାଯାଇଥିବା ବେଳେ ନୀଳଗିରି ଏନ.ଏ.ସି.ରେ ଅଧକ୍ଷା ପଦ ଶାସକ ବିଜେଡି ହାତକୁ ଯାଇଛି । ୧୩ଟି ୱାର୍ଡ ମଧ୍ୟରୁ ୮ଟି ୱାର୍ଡ କାଉନସିଲର ବିଜେଡି ଦଖଲ କରିଛି । ବିଜେପି ମାତ୍ର ୩ଟି କାଉନସିଲର ରେ ସୀମିତ ହୋଇ ରହିଛି । ସେହିପରି କଂଗ୍ରେସ ଦଳ ଗୋଟିଏ କାଉନସିଲର ହାତେଇଥିବା ବେଳେ ନୀଳଗିରି ସହରର ୬ନଂ. ୱାର୍ଡ ସ୍ୱାଧୀନ ପ୍ରାର୍ଥୀ ବିଜୟ ଲାଭ କରିଛି । ବିଜେଡି ଦଳର ଅଧକ୍ଷା ଅମ୍ବିକା ଦାସ ୫୧୫୭ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପିର ଅଧାକ୍ଷା ପ୍ରାର୍ଥୀନୀ ଅର୍ଚ୍ଚନା ସେଠୀ ୫୧୨୨ ଟି ଭୋଟ ପାଇ ମାତ୍ର ୩୫ଟି ଭୋଟରେ ପରଜୟକୁ ସ୍ୱୀକାର କରିଛନ୍ତି । ଅନ୍ୟପକ୍ଷରେ ୧୩ଟି ୱାର୍ଡ ମଧ୍ୟରୁ ଶାସକ ବିଜେଡି ଦଳକୁ ୮ଟି ୱାର୍ଡ ଯଥା ୧, ୨, ୪, ୫, ୭, ୯, ୧୦, ୧୨ ନମ୍ବର ୱାର୍ଡରେ କାଉନସିଲର ଜିତିଥିବା ବେଳେ, ୬ନଂ. ୱାର୍ଡ ସ୍ୱାଧୀନ ପ୍ରର୍ଥୀ ବିଜୟ ଲାଭ କରିଛି । ସେହିପରି ବିଜେପି ଦଳ ୩, ୮ ଓ ୧୧ ନମ୍ବର ୱାର୍ଡ କୁ ଦଖଲ କରିଛି । ବିଜୟ ଲାଭ କରିବା ପରେ ଅଧକ୍ଷା ଅମ୍ବିକା ଦାସ ବିଜେଡି ନେତା ସନ୍ତୋଷ ଖଟୁଆ , ଗତିକୃଷ୍ଣ ନନ୍ଦ, ଜିଲ୍ଲା ଯୁବ ବିଜେଡି ସଭାପତି ତାପସ କୁମାର ପରିଡ଼ା, ଏନ.ଏ.ସି. ସଭାପତି ରବିନ୍ଦ୍ର ପରିଡ଼ା, ବ୍ଲକ ସଭାପତି ବିଜୟ ଲେଙ୍କା, ବିଜେଡିର ଯୁବନେତା ଶିଶିର କୁମାର ରାଉତ ବିରାଟ ଶୋଭାଯାତ୍ରାରେ ବାହାରି ବିଜୟ ଉତ୍ସବ ପାଳନ କରିଛନ୍ତି ।

## ବିଜେଡିର ବିପୁଳ ବିଜୟ ଓଡ଼ିଶାବାସୀଙ୍କ ଆଶୀର୍ବାଦ : ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୨୬/୦୩ (ନି.ପ୍ର): ପୌର ନିର୍ବାଚନରେ ବିଜେଡିର ବିପୁଳ ବିଜୟ ପରେ ଦଳ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରିଛନ୍ତି। ଓଡିଶାବାସୀଙ୍କ ଆଶୀର୍ବାଦ ଓ ଅଗଣିତ କର୍ମୀଙ୍କ ସମର୍ପିତ ଉଦ୍ୟମ ବଳରେ ଏହା ସମ୍ଭବ ହୋଇଛି ବୋଲି ନବୀନ ଲେଖିଛନ୍ତି। ସେ ଟୁଇଟ୍ କରିଛନ୍ତି - ପୌର ନିର୍ବାଚନରେ ବିଜେଡିର ବିପୁଳ ବିଜୟ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଓ ଅଗଣିତ କର୍ମୀଙ୍କ ସମର୍ପିତ ଉଦ୍ୟମ ବଳରେ ସମ୍ଭବ ହୋଇଛି। ୱାର୍ଡସ୍ତରରୁ ଲୋକଙ୍କ ଭଲପାଇବା ତୃଣମୂଳସ୍ତରରେ ବିଜେଡିର ଲୋକପ୍ରିୟତାକୁ ପ୍ରମାଣିତ କରୁଛି। ଆସନ୍ତୁ, ସମସ୍ତେ ରାଜ୍ୟର ବିକାଶଧାରାରେ ସାମିଲ ହୋଇ ଲୋକଙ୍କ କଲ୍ୟାଣ ଓ ଉନ୍ନତି ପାଇଁ ଏକ ହୋଇ ଆଗକୁ ବଢ଼ିବା। ଅତୁଟ ବିଶ୍ୱାସ ରଖି ବିଜେଡିକୁ ବିପୁଳ ସମର୍ଥନ ଦେଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଦଳର ସମସ୍ତ ବିଜୟୀ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ନବୀନ ପଟ୍ଟନାୟକ।

## ୨୦୨୨ର ବାଲେଶ୍ୱର ପୌର ନିର୍ବାଚନର ଫଳାଫଳ : ବିଜେଡିର ବାଜିମାତ୍

୧- ବିଜେପି ପ୍ରାର୍ଥୀ ସସ୍ମିତା ନାଥ ୪୫୧ ଖଣ୍ଡରେ ବିଜୟୀ।
୨- ବିଜେଡି ପ୍ରାର୍ଥୀ ଅମିତ କୁମାର ନାୟକ, ୮୨ ଖଣ୍ଡରେ ବିଜୟୀ।
୩- ବିଜେପି ପ୍ରାର୍ଥୀ ରୋଜାଲିନ ପାଣି ୪୦୧ ଖଣ୍ଡରେ ବିଜୟୀ।
୪- ବିଜେଡି, ସଲମା ବିବି, ୩୭୬
୫- ବିଜେଡି, ମିତା ପଟ୍ଟନାୟକ, ୩୮୦
୬- ବିଜେଡି, କବିତା ମୁର୍ମୁ, ୮୮
୭- ବିଜେଡି, ମିରାଜ ବାନୋ, ୪୯୨
୮- ବିଜେଡି, ପ୍ରୀତିଲତା ସେଠୀ, ୪୩୩
୯- ସ୍ୱାଧୀନ, ସଂଜୀବ ଦାସ, ୨୪୪
୧୦- ବିଜେଡି, ରାଧାକୃଷ୍ଣ ଦାସ, ୪୪୩
୧୧- ସ୍ୱାଧୀନ, ଶେଖ ନୌସାଦ ଅଲ୍ଲୀ, ୩୦୪
୧୨- ସ୍ୱାଧୀନ, ଅନିଦ୍ୟ କୁମାର ପଣ୍ଡା, ୯୩
୧୩- ବିଜେପି, ପ୍ରତିମା ବେହେରା, ୨୭ ଖଣ୍ଡ
୧୪- ବିଜେଡି, କୈଳାସ ସେଠୀ, ୩୯୧ ଖଣ୍ଡ
୧୫- ବିଜେଡି, ସଂଧ୍ୟାରାଣୀ ଜେନା, ୨୧୫ ଖଣ୍ଡ
୧୬- ବିଜେଡି, ସବିତାରାଣୀ ଦାସ, ୩୪୨ ଖଣ୍ଡ
୧୭- ବିଜେପି, ସତ୍ୟଶ୍ରୀ ସୁନ୍ଦର ଦାସ, ୪୭ ଖଣ୍ଡ
୧୮- ବିଜେଡି, ଅର୍ପିତା ପଟ୍ଟନାୟକ, ୧୨୧ ଖଣ୍ଡ
୧୯- ବିଜେଡି, ଶୋଭା ମହାପାତ୍ର, ୩୩୩ ଖଣ୍ଡ
୨୦- ବିଜେପି, ନିରୂପମା ଦାସ, ୭୪ ଖଣ୍ଡ
୨୧- ବିଜେପି, ସୁଚିସ୍ମିତା ପଣ୍ଡା, ୫୨୨ ଖଣ୍ଡ
୨୨- ବିଜେଡି, ଦେବାଶିଷ ସିଂ, ୧୦୫ ଖଣ୍ଡ
୨୩- ବିଜେଡି, ଶଶିରେଖା ମହାନ୍ତି, ୮ ଖଣ୍ଡ
୨୪- ବିଜେଡି, ମିନା ମହାନ୍ତି, ୭୨୬ ଖଣ୍ଡ
୨୫- ବିଜେପି, ନିତ୍ୟଗୋପାଳ ସିଂ, ୬୮ ଖଣ୍ଡ
୨୬- ବିଜେଡି, ଶେଖ ଆୟୁବ, ୧୬୬ ଖଣ୍ଡ
୨୭- ସ୍ୱାଧୀନ, ପଦ୍ମଲୋଚନ ଲେଙ୍କା, ୮୮୭ ଖଣ୍ଡ
୨୮- ବିଜେପି, ଗୌରୀ ଦାଶ, ୧୨୬ ଖଣ୍ଡ
୨୯- ବିଜେଡି, କାର୍ତ୍ତିକ ଚନ୍ଦ୍ର ସାହୁ, ୪୩ ଖଣ୍ଡ
୩୦- ବିଜେପି, ଭାରତୀ ପାତ୍ର, ୨୦୧ ଖଣ୍ଡ
୩୧- ବିଜେଡି, ରଞ୍ଜିତା ମହାପାତ୍ର, ଅପ୍ରତିଦ୍ୱନ୍ଦ୍ୱି

## ଭୁବନେଶ୍ୱର ଷ୍ଟ୍ରଙ୍ଗ ରୁମରେ କେହି ପ୍ରବେଶ କରିବା ପ୍ରଶ୍ନ ବିଧାନସଭାରେ ଉଠିଲା

ଭୁବନେଶ୍ୱର, ୨୬/୦୩ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନ ପରେ ଇଭିଏମ ରଖା ଯାଇଥିବା ଷ୍ଟ୍ରଙ୍ଗରୁମରେ ଅନଧିକୃତ ବ୍ୟକ୍ତି ପ୍ରବେଶ ନେଇ ଉତ୍ତେଜନା ଦେଖା ଯିବା ପ୍ରସଙ୍ଗ ଶନିବାର ଦିନ ବିଧାନସଭାରେ ଉଠିଛି । ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ଗଣତନ୍ତ୍ରରେ ନିର୍ବାଚନ ପ୍ରକ୍ରିୟା କେବଳ ସ୍ୱଚ୍ଛ ହେବା ଜରୁରୀ ନୁହେଁ ବରଂ ଏହା ସ୍ୱଚ୍ଛ ଥିବା ଭଳି ଦେଖା ଯିବା ଦରକାର । ଗତକାଲି ରାତ୍ରୀରେ ଯେଉଭଳି ଭାବେ ଏହି ଘଟଣା ଘଟିଲା ଓ ଯେଉଭଳି ଭାବେ ବିଭିନ୍ନ ସମ୍ବାଦପତ୍ରରେ ଏ ସମ୍ପର୍କରେ ଖବର ମାନ ପ୍ରକାଶ ପାଇଛି ସେଥିରୁ ଅନେକ ପ୍ରଶ୍ନ ଉଠୁଛି । ଏହା ଗଣତନ୍ତ୍ର ପାଇଁ ଅତ୍ୟନ୍ତ ବିପଜ୍ଜନକ ବୋଲି ସେ କହିଥିଲେ । ସେ କହିଛନ୍ତି ଯେ ଏତେ ବିପୁଳ ଭୋଟରେ ବିଜୟ ଲାଭ କରୁଥିବା ଦଳ ଏପରି କାମ କାହିଁକି କରୁଛି ବୋଲି ସେ ପ୍ରଶ୍ନ କରିଥିଲେ । ସେ ବଲାଙ୍ଗୀର ଜିଲ୍ଲାର ଅନେକ ଉଦାହରଣ ଦେଇ କହିଥିଲେ ଯେ କ୍ଷମତାସୀନ ଦଳ ଅନେକ ପ୍ରକାର ଅସଦ ଉପାୟ ଅବଲମ୍ବନ କରୁଛି ।

## ଆନ୍ତର୍ଜାତିକ ସୁଟର ଶ୍ରୀୟଙ୍କା ଷଡଙ୍ଗୀ ଓ ପାରା ଆଥଲେଟ ଜୟନ୍ତୀ ବେହେରାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୬/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶନିବାର ନବୀନ ନିବାସ ଠାରେ ଦୁଇ ଓଡିଆ ଆନ୍ତର୍ଜାତିକ କ୍ରୀଡା ପ୍ରତିଯୋଗୀ ଶ୍ରୀୟଙ୍କା ଷଡଙ୍ଗୀ ଓ ଜୟନ୍ତୀ ବେହେରାଙ୍କୁ ନବୀନ ନିବାସ ଠାରେ ସମ୍ବର୍ଦ୍ଧିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଦୁଇ ବାଳିକା କ୍ରୀଡାବିତ୍ ଙ୍କୁ ସେମାନଙ୍କର ସଫଳତା ପାଇଁ ଉଚ୍ଚପ୍ରଶଂସା କରି କହିଥିଲେ ଯେ ସେମାନେ ରାଜ୍ୟ ପାଇଁ ଗୌରବ ଆଣି ଅନ୍ୟ ଖେଳାଳୀ ମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛନ୍ତି। ସେମାନେ ସାରା ବିଶ୍ୱରେ ଓଡିଶା ପାଇଁ ଗୌରବ ଆଣିଛନ୍ତି ବୋଲି ପ୍ରକାଶ କରି, ଆଗାମୀ ଦିନରେ ଆହୁରି ସଫଳତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀୟଙ୍କାଙ୍କୁ ୨ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିବା ବେଳେ, ଜୟନ୍ତୀଙ୍କୁ ୧୫ ଲକ୍ଷ ଟଙ୍କା ପୁରସ୍କାର ଦେଇଥିଲେ। ସୂଚନାଯୋଗ୍ୟ ଯେ ଶ୍ରୀୟଙ୍କା ନିକଟରେ କାଇରୋ ଠାରେ ଅନୁଷ୍ଠିତ ଆଇଏସଏସଏଫ୍ ବିଶ୍ୱକପ୍ ସୁଟିଂ ପ୍ରତିଯୋଗୀତାରେ ୫୦ ମିଟର ରାଇଫଲ ୩ ପୋଜିସନ୍ ରେ ବ୍ରୋଞ୍ଜ ମେଡାଲ ପାଇଛନ୍ତି। ସେ ମଧ୍ୟ ବର୍ତ୍ତମାନ ଜାତୀୟ ସୁଟିଙ୍ଗ ଚାମ୍ପିଅନ ଭାବେ ସୁନାମ ଅର୍ଜନ କରିଛନ୍ତି। ସେହିପରି ଜୟନ୍ତୀ ବେହେରା ଦୁବାଇ ଠାରେ ଅନୁଷ୍ଠିତ ବିଶ୍ୱ ପାରା ଆଥଲେଟିକ୍ସ ପ୍ରତିଯୋଗୀତାରେ ୩ଟି ମେଡାଲ ହାସଲ କରିଛନ୍ତି। ୪୦୦ ଓ ୧୦୦ ମିଟର ପ୍ରତିଯୋଗୀତାରେ ସେ ବ୍ରୋଞ୍ଜ ପଦକ ପାଇଥିବା ବେଳେ, ୨୦୦ ମିଟର ପ୍ରତିଯୋଗୀତାରେ ରୌପ୍ୟ ପଦକ ପାଇଛନ୍ତି। ଉଭୟ କ୍ରୀଡାବିତ୍ ରାଜ୍ୟରେ କ୍ରୀଡା ଭିତିଭୂମି ଓ କ୍ରୀଡାବିତ୍ ମାନଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ପଦକ୍ଷେପର ଉଚ୍ଚପ୍ରଶଂସା କରିଥିଲେ। ଦୁଇ ଖେଳାଳି ମୁଖ୍ୟମନ୍ତ୍ରୀଙ୍କ ସହିତ ଖୁସିରେ ସେଲ୍‌ଫି ଉଠାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି କେ ପାଣ୍ଡିଆନ ଓ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ।

## ଶାନ୍ତିକାନନରେ କରସେବା କଲେ ବ୍ୟାସବିହାରର ଭାଷା ଓ ସାହିତ୍ୟ ବିଭାଗର ଛାତ୍ରଛାତ୍ରୀ



ବାଲେଶ୍ୱର, ୨୬/୦୩ (ନି.ପ୍ର): ବାଲେଶ୍ୱରର ଶାନ୍ତିକାନନକୁ ପରିଭ୍ରମଣ ଓ ପରିଛନ୍ନ କରିବା ଉଦ୍ଦେଶ୍ୟରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କସହ ଆସି ଫକୀରମୋହନ ବିଶ୍ୱବିଦ୍ୟାଳୟର ଓଡ଼ିଆ, ଇଂରାଜୀ ଓ ଉର୍ଦ୍ଦୁ ବିଭାଗର ଛାତ୍ରଛାତ୍ରୀମାନେ ଫକୀରମୋହନ ସାହିତ୍ୟ ପରିଷଦର ସହଯୋଗରେ କବିତୀର୍ଥ ଶାନ୍ତିକାନନଠାରେ ଉପସ୍ଥିତ ହୋଇଥିଲେ। କରସେବା ମାଧ୍ୟମରେ ଶାନ୍ତିକାନନକୁ ପରଷ୍କାର ପରିଛନ୍ନ କରିବା ସହ ସେମାନେ ସମଗ୍ର ଶାନ୍ତିକାନନକୁ ବୁଲି ଫକୀରମୋହନଙ୍କ ଉପସ୍ଥିତିକୁ ଉପଲବ୍ଧି କରିଥିଲେ। ଶିଳ୍ପୀ ଆନନ୍ଦ ମିଶ୍ରଙ୍କଦ୍ୱାରା ନିର୍ମାଣ କରାଯାଇଥିବା ଫକୀରମୋହନଙ୍କର ଯୌବନୋଦ୍ଦୀପ୍ତ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି, ସର୍ବଧର୍ମ ସମନ୍ୱୟ ସ୍ତମ୍ଭ, ଫକୀରମୋହନଙ୍କର ପୂର୍ଣ୍ଣାବୟବ ମୂର୍ତ୍ତି, କୃଷ୍ଣାକୁମାରୀଙ୍କର ସମାଧି ମନ୍ଦିର ଇତ୍ୟାଦିକୁ ପରିଦର୍ଶନ କରିବା ସହିତ ଫକୀରମୋହନଙ୍କ ଠାକୁରମା' କୋଚିଲା ଦେଇଙ୍କ ସ୍ୱହସ୍ତରୋପିତ ବୃକ୍ଷମାନ ସନ୍ଦର୍ଶନ କରିଥିଲେ। ପରିଶେଷରେ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏକ ଭାବ ବିନିମୟ ସଭାରେ ଫକୀରମୋହନ ସାହିତ୍ୟ ପରିଷଦର ଇତିହାସ ଓ କାର୍ଯ୍ୟଧାରା ଆଲୋଚନା କରାଯାଇଥିଲା। ପରିଷଦର ପ୍ରାକ୍ତନ ସଭାପତି ଡ.ଶିରୀଶ ଚନ୍ଦ୍ର ଜେନା ଓଡ଼ିଶାର ସାରସ୍ୱତ ଦିଗ୍‌ବଳୟରେ ପରିଷଦର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫେସର ଦେବାଶିଷ ପାତ୍ର ଶାନ୍ତିକାନନ ସହିତ ତାଙ୍କର ଛାତ୍ରଜୀବନର ସମ୍ପର୍କ କଥା ଉଲ୍ଲେଖ କରିଥିଲେ। ଡ.ଜୟନ୍ତ ଦାସ, ଡ.ପ୍ରହ୍ଲାଦ ଖିଲ, ଡ.ହେମଲତା ବେହେରା, ଡ.ସଦାବ ଆଲାମ, ରେଶ୍ମି ଖାତୁନ, ମହମ୍ମଦ ସରିଫ ଓ ଗବେଷକ ଛାତ୍ର ପରମେଶ୍ୱର ମଲ୍ଲିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଦୀପ ଚାଟାର୍ଜୀ ଅତିଥିମାନଙ୍କୁ ମଞ୍ଚାସୀନ କରାଇଥିବାବେଳେ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିଲେ ଓ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କମଧ୍ୟରେ ଅଧ୍ୟାପକ ସୁକାନ୍ତ କୁମାର ଗିରି, ସ୍ମୃତି ଦାସ,ପୁଷ୍ପଲତା ନାୟକ, ଶକୁନ୍ତଳା ମିର୍ଦ୍ଧା, ଶାନ୍ତି ସିଂ, ଲିଲିଗା ସାମଲ, ବିଜୟ କୁମାର ଜେନା, ଆଇସା ନାଥ. ସସ୍ମିତା ଗିରି,ଅପରାଜିତା ପ୍ରଧାନ, ସସ୍ମିତ ସ୍ୱାଇଁ, ମମତା ସାହୁ, ସୃଷ୍ଟିପ୍ରଭା ଶତପଥୀ,ସରୋଜିନି ଶଙ୍ଖୁଆ, ଅମିନା ସଦାବ, ରନିମ୍ ସଦାବ, ତସଲିମା ଖାତୁନ, ସାହିନା ପରବିନ୍, ସୋନମ୍ ପରବିନ୍, ପ୍ରମୁଖ ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo